


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-21 ◆TUESDAY ◆15 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୧ ◆ମଙ୍ଗଳବାର ◆୧୫ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ସୌମ୍ୟାଶ୍ରୀ ଅତି ସଙ୍କଟାପନ୍ନ



**ବର୍ଣ୍ଣ ୟୁନିଟରେ ପୀଡ଼ିତାଙ୍କୁ ଦେଖିଲେ ରାଷ୍ଟ୍ରପତି**

**ରାଷ୍ଟ୍ରପତିଙ୍କୁ ଫେରାଦ ହେଲେ ବିଜେଡି, କଂଗ୍ରେସ**

**ଗିରଫ ହେଲେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ**

## ରାଜ୍ୟପାଳଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର, ୧୪।୭(ସମିସ):** ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମଦାହ ଘଟଣା ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି ରାଜ୍ୟପାଳ ହରିବାବୁ କମ୍ଭବପାଟି। କେଉଁ ପରିସ୍ଥିତିରେ ଘଟଣା ଘଟିଲା ଏବଂ ସମାଧାନ ପାଇଁ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ରାଜ୍ୟପାଳ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ କଥା ହେବା ସହ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ପଚାରି ବୁଝିଛନ୍ତି । ସେହିପରି ରାଜ୍ୟପାଳ ଏମ୍ସ ନିର୍ଦ୍ଦେଶକଙ୍କ ସହ କଥା ହୋଇ ପୀଡ଼ିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି । ଛାତ୍ରଛାତ୍ରୀଙ୍କ ସୁରକ୍ଷା, ମାନସିକ ସୁସ୍ଥତା ଏବଂ ସମ୍ମାନକୁ ସର୍ବଦା ସୁରକ୍ଷିତ ରଖିବା ଆବଶ୍ୟକ ବୋଲି କହିବା ସହ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ କର୍ତ୍ତୃପକ୍ଷ ତତ୍ପରତା, ସହାନୁଭୂତି ଓ ଦାୟିତ୍ୱର ସହିତ କାର୍ଯ୍ୟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

■ **ଭୁବନେଶ୍ୱର,୧୪।୭(ସମିସ):** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଘଟଣାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟକ୍ଷଙ୍କଠାରୁ ଉଚ୍ଚଶିକ୍ଷାମନ୍ତ୍ରୀ ଓ ସରକାରଙ୍କ ଭୂମିକା ଏବେ କାଠଗଡ଼ାରେ। ସରକାରଙ୍କ ଉଦାସୀନତା, ଉଚ୍ଚଶିକ୍ଷା ବିଭାଗର ଦାୟିତ୍ୱହୀନତା ଓ କଲେଜ କର୍ତ୍ତୃପକ୍ଷ ଘଟଣାକୁ ଢ଼ାଙ୍କିବାକୁ କରିଥିବା ଷଡ଼ଯନ୍ତ୍ରର ପରିଣାମ ସ୍ୱରୂପ ଏମ୍ସରେ ମୃତ୍ୟୁ ସହ ଲଢ଼େଇ କରୁଛନ୍ତି ଛାତ୍ରୀ ସୌମ୍ୟାଶ୍ରୀ। ଏହାକୁ ନେଇ ସାରା ରାଜ୍ୟରେ କ୍ଷୋଭ ପ୍ରକାଶ ପାଇଛି, ବିକ୍ଷୋଭ ଜାରି ରହିଛି। ସରକାରଙ୍କ ଦାୟିତ୍ୱହୀନତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏମ୍ସରେ ଚିକିତ୍ସାଧୀନ ସୌମ୍ୟାଶ୍ରୀଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ରହିଛି। ଗତକାଲି ତାଙ୍କର ସ୍ୱାସ୍ଥ୍ୟବସ୍ଥା ଯାହା ଥିଲା, ଆଜି ତହିଁରେ ଅଧିକ ଅବନତି ଘଟିଥିବା କୁହାଯାଉଛି। ଏବେ ବି ଜୀବନରକ୍ଷା ପ୍ରଣାଳୀ ମଧ୍ୟରେ ସୌମ୍ୟାଶ୍ରୀଙ୍କ ଚିକିତ୍ସା ଅବ୍ୟାହତ ରହିଛି। ଏମ୍ସ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ ରାଷ୍ଟ୍ରପତି ଆଜି ପୀଡ଼ିତାଙ୍କୁ ବର୍ଣ୍ଣ ୟୁନିଟ୍ ମଧ୍ୟରେ ଦେଖିଛନ୍ତି ଓ ତାଙ୍କର ସ୍ୱାସ୍ଥ୍ୟ, ଚିକିତ୍ସା ଆଦି ସମ୍ପର୍କରେ ଡ଼ାକ୍ତରୀ ଟିମ୍ ସହ ଆଲୋଚନା କରିଛନ୍ତି। ସେଠାରେ ସେ ପୀଡ଼ିତାଙ୍କ ପରିବାରର ସଦସ୍ୟଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଅପରପକ୍ଷେ ଏହି ଘଟଣାରେ ନିଲମ୍ବିତ ହୋଇଥିବା ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଆଜି ପୁଲିସ୍ ଗିରଫ କରିଛି।

ସୋମବାର ବିରୋଧୀ ଏହି ଘଟଣାରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ରାଜଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଉଭୟ ବିଜେଡି ଓ କଂଗ୍ରେସର ୩ ଜଣିଆ ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି। ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା, ଛାତ୍ରୀ ନିର୍ଯାତନା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ବିଶେଷକରି ବାଲେଶ୍ୱର ପୀଡ଼ିତାଙ୍କ ସମ୍ପର୍କରେ ବିଜେଡି ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ସେହିପରି କଂଗ୍ରେସ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କୁ ନିଶାଣ କରିଛି ଓ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରିଛି। କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶଙ୍କଠାରୁ ଆରମ୍ଭ କରି ଅନେକ ଜାତୀୟ ନେତା ଡ଼ବଲ ଇଞ୍ଜିନ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ନେତା ଘଟଣାରେ କ୍ଷୋଭ ପ୍ରକାଶ କରିବା ସହ ଡବଲ ଇଞ୍ଜିନ ସରକାରଙ୍କ ଉପରେ ସାମାଜିକ ଗଣମାଧ୍ୟମରେ ବର୍ଷିଛନ୍ତି। ନିଜ ଛାତ୍ର ସଂଗଠନର ନେତ୍ରୀଙ୍କୁ ଯଦି ସରକାର ସୁରକ୍ଷା ଦେଇପାରୁ ନାହାନ୍ତି, ତାହେଲେ ରାଜ୍ୟରେ ମହିଳାଙ୍କ ସୁରକ୍ଷା କେମିତି ତାହା ସହଜରେ ଅନୁମେୟ ବୋଲି ସେମାନେ ମତପ୍ରକାଶ କରିଛନ୍ତି।

ସମାନ ଭାବେ ଭୁବନେଶ୍ୱରରେ ବିଜେଡି ପକ୍ଷରୁ ସନ୍ଧ୍ୟାରେ ସମୂହ ଦୀପଦାନ କରାଯାଇ ଛାତ୍ରୀଙ୍କ ଆରୋଗ୍ୟ କାମନା କରାଯାଇଛି। ଏପଟେ ଘଟଣାକୁ ନେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମଧ୍ୟ ଆକ୍ସନ ମୋଡକୁ ଆସିଛନ୍ତି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ରାଜ୍ୟପାଳ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ଏମ୍ସ ନିର୍ଦ୍ଦେଶକଙ୍କ ସହ କଥା ହୋଇଛନ୍ତି। ଏହାସହ ଘଟଣାର କାରଣ ଏବଂ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ରାଜ୍ୟପାଳ ବିସ୍ତୃତ ତଥ୍ୟ ମାଗିଥିବା ଜଣାପଡ଼ିଛି। ସେହିପରି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ୩ ବିଭାଗର ପ୍ରମୁଖ ସଚିବଙ୍କ ସହ ଆଲୋଚନା କରିଛନ୍ତି। ମହିଳା ଓ ଶିଶୁ ବିଭାଗ, ଉଚ୍ଚଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କ ସହ ଆଲୋଚନା କରିବା ▶ପୃଷ୍ଠା-୭

## ଜାତୀୟ ମାନବାଧିକାର କମିଶନଙ୍କ ଉଦ୍‌ବେଗ

■ **ଭୁବନେଶ୍ୱର,୧୪।୭(ସମିସ):** ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ଆତ୍ମଦାହ ଘଟଣାରେ ଉଦ୍‌ବେଗ ସହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆରସି)। ଘଟଣା ସମ୍ପର୍କରେ ମାନବାଧିକାର ଆୟୋଗ ବାଲେଶ୍ୱର ଜିଲ୍ଲାପାଳ, ଏସ୍‌ପି ଓ ସିଡିଏମ୍‌ଓଙ୍କୁ ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

**୧୫ ଦିନରେ ତଥ୍ୟ ଦାଖଲ ଲାଗି ବାଲେଶ୍ୱର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ**

ବାଲେଶ୍ୱର ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟର ଅଧ୍ୟକ୍ଷ ତଥା ଓଡିଶା ଅଭିଭାବକ ମହାସଂଘ ଉପଦେଷ୍ଟା ମନୋଜ ଜେନା ମାମଲା ରୁଜୁ କରିଥିଲେ। କଲେଜ ଅଧ୍ୟକ୍ଷ ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସମ୍ପୃକ୍ତ ଛାତ୍ରୀ ଆତ୍ମଦାହ ପରି ଚରମ ପଦକ୍ଷେପ ନେଲେ। ତେଣୁ ନିରପେକ୍ଷ ଏବଂ ଉଚ୍ଚସ୍ତରୀୟ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ପୀଡିତାଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ଏବଂ କ୍ଷତିପୂରଣ ଏବଂ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ଦୃଢ଼ ବ୍ୟବସ୍ଥା କରିବାକୁ ଆୟୋଗଙ୍କୁ ମନୋଜ ଜେନା ନିବେଦନ କରିଛନ୍ତି।



ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

## ଘୃଣା ସୃଷ୍ଟିକାରୀ ମନ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ ସରକାର: ସୁପ୍ରିମ କୋର୍ଟ

■ **ନୂଆଦିଲ୍ଲୀ, ୧୪।୭(ଏଜେନ୍ସି):** ଦେଶରେ ଏବେ ଘୃଣା ସୃଷ୍ଟିକାରୀ ମନ୍ତବ୍ୟ ଯେପରି ବୃଦ୍ଧି ପାଇବାରେ ଲାଗିଛି, ତାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ବାକ୍ ସ୍ୱାଧୀନତା ନାମରେ ଏଭଳି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ବାକ୍ ସ୍ୱାଧୀନତା ଭଳି ଏକ ପବିତ୍ର ଅଧିକାରର ମୂଲ୍ୟବୋଧ ସାଧାରଣ ନାଗରିକ ବୁଝିବା ଦରକାର। ଏସଂପର୍କରେ ଲୋକମାନଙ୍କୁ ସଚେତନ କରାଯାଉ। ଆବଶ୍ୟକ ପଡ଼ିଲେ ଏଭଳି ଘୃଣା ସୃଷ୍ଟିକାରୀ ମନ୍ତବ୍ୟକୁ ନିୟନ୍ତ୍ରଣ କରିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି ସର୍ବୋଚ୍ଚ ଅଦାଲତ। ତେବେ ବାକ୍ ସ୍ୱାଧୀନତା ପାଇଁ ସମ୍ବିଧାନରେ ମିଳିଥିବା ଅଧିକାରର କୌଣସି ପରିସ୍ଥିତିରେ ବି ଉଲ୍ଲଂଘନ ହେବା ଉଚିତ ନୁହେଁ।



ଘୃଣା ସୃଷ୍ଟିକାରୀ ଏକ ମନ୍ତବ୍ୟ ସଂକ୍ରାନ୍ତ ମାମଲାର ଶୁଣାଣି ବେଳେ ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି ଯେ ଲୋକମାନେ ଚାହାନ୍ତି ନାହିଁ ଯେ ସେମାନଙ୍କ ବାକ୍ ସ୍ୱାଧୀନତା ଅଧିକାରରେ ସରକାର ହସ୍ତକ୍ଷେପ କରନ୍ତୁ। କିନ୍ତୁ ଏଭଳି ନାଗରିକ ଏହି ଅଧିକାର ସଂପର୍କରେ ସଚେତନ ହେବା ଆବଶ୍ୟକ। ବାକ୍ ସ୍ୱାଧୀନତା ନାମରେ ସେମାନେ ଘୃଣା ସୃଷ୍ଟିକାରୀ ମନ୍ତବ୍ୟ ଦେଇପାରିବେ ନାହିଁ। ଏଭଳି ବୟାନକୁ ଲୋକମାନେ କାହିଁକି ଅଶୋଭନୀୟ ବୋଲି ଭାବୁ ନାହାନ୍ତି। ସାମାଜିକ ଗଣମାଧ୍ୟମରେ ଏଭଳି ଘୃଣ୍ୟ ମନ୍ତବ୍ୟର ଯେପରି ପ୍ରସାର କରାଯାଉଛି ଏବଂ ଏହାକୁ ପସନ୍ଦ କରାଯାଉଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ଏହାକୁ ରୋକିବା ଲାଗି ରାସ୍ତା ବାହାର କରାଯାଉ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି କୋର୍ଟ କହିଛନ୍ତି।

ସାମାଜିକ ଗଣମାଧ୍ୟମରେ ଘୃଣ୍ୟ ମନ୍ତବ୍ୟ ଦେଇଥିବା ଅଭିଯୁକ୍ତ ୱଜାହତ ଖାନଙ୍କ ଏକ ପିଟିସନ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ▶ପୃଷ୍ଠା-୭

## ମହାକାଶରୁ ଫେରୁଛନ୍ତି ଶୁଭାଂଶୁ

■ **ଫ୍ଲୋରିଡ଼ା, ୧୪।୭ (ଏଜେନ୍ସି):** ଭାରତର ପ୍ରଥମ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)କୁ ଯାଇଥିବା ଶୁଭାଂଶୁ



ଶୁକ୍ଲାଙ୍କ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଛି। ସେ ସୋମବାର ସନ୍ଧ୍ୟା ୪ଟା୪୫ରେ ଆଇଏସଏସ ଛାଡ଼ି ପୃଥିବୀ ଅଭିମୁଖେ ବାହାରିଛନ୍ତି। ୨୩ ଘଣ୍ଟାର ଯାତ୍ରା ପରେ ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟ ମଙ୍ଗଳବାର ଅପରାହ୍ଣ ୩ଟାରେ ସମୁଦ୍ରରେ ଅବତରଣ କରିବ। ଏହାକୁ ସ୍ପାଲ୍ସଡାଉନ କୁହାଯାଏ। ଅକ୍ସିୟମ-୪ ଅଭିଯାନରେ ସାମିଲ ଏହି ମହାକାଶ ଯାନ ୨୬୩ କେଜିରୁ ଅଧିକ ସାମଗ୍ରୀ ଧରି ପୃଥିବୀକୁ ଫେରୁଛି। ଏଥିରେ ନାସାର ହାର୍ଡୱେୟର ଏବଂ ୬୦ରୁ ଅଧିକ ପରୀକ୍ଷଣ ତଥ୍ୟ ସାମିଲ ରହିଛି। ଏହା ମହାକାଶ ଗବେଷଣା ପାଇଁ ଅତ୍ୟନ୍ତ ଜରୁରୀ।

ପୂର୍ବରୁ କମାଣ୍ଡର ପେଗି ହ୍ୱିଟସନ, ମିଶନ ପାଇଲଟ ଶୁଭାଂଶୁ 'ଶୁକ୍ସ' ଶୁକ୍ଲା ଏବଂ ମିଶନ ବିଶେଷଜ୍ଞ ସ୍ଲାଓସ୍ ଉଜନାନସ୍କି-ୱିସନିୱସ୍କି ଏବଂ ଟିବୋର କାପୁଙ୍କୁ ମହାକାଶଯାନରେ ପ୍ରବେଶ କରୁଥିବାର ଦେଖାଯାଇଥିଲା। ସମସ୍ତେ ଘରକୁ ଫେରିବା ପାଇଁ ପ୍ରସ୍ତୁତ ଥିଲେ। ଏହି ପ୍ରତ୍ୟାବର୍ତ୍ତନ ଲାଗି ଡ୍ରାଗନ୍ ଗ୍ରେସ୍ ମହାକାଶଯାନର ହ୍ୟାଚ୍ ଅପରାହ୍ଣ ୨ଟା ୩୭ରେ ଆଇଏସଏସ ▶ପୃଷ୍ଠା-୭

## ଦୁଇଦିନ ଧରି ପ୍ରବଳ ବର୍ଷା
## ବିଭିନ୍ନ ନଦୀରେ ବନ୍ୟା ଆଶଙ୍କା

■ **ଭୁବନେଶ୍ୱର, ୧୪।୭ (ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ବିଶେଷ କରି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ବେଳେ ବର୍ଷାର ପ୍ରଭାବ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଦକ୍ଷିଣପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ତଥା ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଅଞ୍ଚଳରେ ରହିଥିବା ଲଘୁଚାପ ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଅନୁରୂପ ଭାବରେ ଉତ୍ତରପଶ୍ଚିମ ମଧ୍ୟପ୍ରଦେଶ ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଧ୍ୟ ଅନ୍ୟ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ତେଣୁ ଯୋଡ଼ି ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇଛି।



**ଅବପାତ ରୂପ ନେଲା ଲଘୁଚାପ**

ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁସାରେ ସୃଷ୍ଟ ଲଘୁଚାପ ଏବେ ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ଉତ୍ତର ଓଡ଼ିଶା ସମେତ ଝାରଖଣ୍ଡ ଓ ଛତିଶଗଡ଼ରେ ବର୍ଷା ବଢ଼ିବ। ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଫଳରେ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବୈତରଣୀ ଆଦି ନଦୀ ଅବବାହିକାରେ ପୁଣି ବର୍ଷାର ଆଶଙ୍କା ରହିଛି। ସାଧାରଣତଃ ଅବପାତର ଦକ୍ଷିଣ ଭାଗରେ ଅଧିକ ବର୍ଷା ହୋଇଥାଏ। ତେଣୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅଧିକ ବର୍ଷା ଆଶଙ୍କା ରହିଛି। ଏହା ସହିତ ଅବପାତ ପ୍ରଭାବରେ ବର୍ଷା ଯୋଗୁଁ ବନ୍ୟା ଜନିତ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ରାଜ୍ୟରେ ପ୍ରବଳ ବର୍ଷା ପାଇଁ ସାରା ଓଡ଼ିଶାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ଉତ୍ତର ଓ ପଶ୍ଚିମ ଓଡ଼ିଶାର ୬ ଜିଲ୍ଲା ଯଥା ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହିସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ।

## ରଥଯାତ୍ରା ବେଳେ କାନାଡ଼ାରେ ଅଣ୍ଡାମାଡ଼
### ଗଭୀର ଚିନ୍ତା ପ୍ରକଟ କଲେ ନବୀନ

■ **ଭୁବନେଶ୍ୱର, ୧୪।୭ (ସମିସ):** କାନାଡାର ଟୋରଣ୍ଟୋରେ ରଥଯାତ୍ରା ଉତ୍ସବ ସମୟରେ ଭକ୍ତଙ୍କ ଉପରେ ଅଣ୍ଡାମାଡ଼ ହୋଇଛି। ଏଭଳି ଘଟଣାକୁ ନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଏହି ଘଟଣା ଜାଣିବା ପରେ ମୁଁ ଗଭୀର ମର୍ମାହତ। ଏପରି ଘଟଣା କେବଳ ବିଶ୍ୱରେ ପ୍ରଭୁ ଜଗନ୍ନାଥଙ୍କ ଭକ୍ତମାନଙ୍କ ଭାବନାକୁ ଗୁରୁତର ଆଘାତ ଦେଇନାହିଁ, ବରଂ ଏହି ଉତ୍ସବ ଓ ସଂସ୍କୃତିର ଗୁରୁତ୍ୱ ଥିବା ଦୃଷ୍ଟିରୁ ଓଡ଼ିଆ ଲୋକଙ୍କୁ ଏହା ଗଭୀର ଯନ୍ତ୍ରଣା ଦେଇଛି। ଯଦି ଗଣମାଧ୍ୟମ ରିପୋର୍ଟଗୁଡ଼ିକ ସଠିକ୍ ହୋଇଥାଏ,

**ହସ୍ତକ୍ଷେପ କରନ୍ତୁ ରାଜ୍ୟ ସରକାର**



ତେବେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ଏହି ମାମଲାକୁ ଗମ୍ଭୀରତାର ସହ ନେବା ଉଚିତ। ଏହାସହିତ କାନାଡା କର୍ତ୍ତୃପକ୍ଷଙ୍କ ନିକଟରେ ଏକ ଦୃଢ଼ ପ୍ରତିବାଦ ଜଣାଇବାକୁ ମାମଲାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରିବା ଉଚିତ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

## ଆଜିଠୁ ଆଧାର ଓଟିପିରେ ତତ୍କାଳ ଟିକଟ

■ **ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି):** ଭାରତୀୟ ରେଳବାଇ ଏହାର ତତ୍କାଳ ଟିକଟ୍ ବୁକିଂ ନିୟମରେ ବଡ଼ ପରିବର୍ତ୍ତନ କରିଛି। ଏହି ଅନୁଯାୟୀ, ତତ୍କାଳ ଟିକଟ୍ ବୁକିଂ ନିମନ୍ତେ ଜୁଲାଇ ୧୫ଠାରୁ ଆଇଆର୍‌ସିଟିସି ୱେବସାଇଟ୍ କିମ୍ବା ଆପ୍ରେ ଆଧାର ପ୍ରମାଣୀକରଣ ଆବଶ୍ୟକ ହେବ। ଏଥିରେ ଆଧାର ଓଟିପିରେ ତତ୍କାଳ ଟିକଟ ବୁକିଂ ହେବ। ଅର୍ଥାତ୍ ଅନ୍ଲାଇନ୍ରେ ତତ୍କାଳ ବୁକିଂ ପାଇଁ ମଧ୍ୟ ଆଧାର ନମ୍ବର ସହିତ ଲିଙ୍କ୍ ହୋଇଥିବା ଓଟିପି ଆବଶ୍ୟକ ହେବ। ଏହି ପରିବର୍ତ୍ତନଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଟିକଟ୍ ବୁକିଂରେ ସ୍ୱଚ୍ଛତା ଆଣିବା ଏବଂ ଦଲାଲ କିମ୍ବା ନକଲି ଏଜେଣ୍ଟଙ୍କ ମନମାନୀ ବନ୍ଦ କରିବା। ଅନେକ ଥର ଦେଖାଯାଇଥିଲା ଯେ ତତ୍କାଳ ଟିକେଟ୍ ଆରମ୍ଭ ହେବା ମାତ୍ରେ ସେଗୁଡ଼ିକ କିଛି ମିନିଟ୍ ମଧ୍ୟରେ ବିକ୍ରି ହୋଇଯାଉଥିଲା, କାରଣ ଦଲାଲ ଏବଂ ନକଲି ଏଜେଣ୍ଟମାନେ ସଫ୍ଟୱେର୍ କିମ୍ବା ଭୁଲ ପଦ୍ଧତି ମାଧ୍ୟମରେ ଟିକଟ୍ ବୁକ୍ କରୁଥିଲେ। ଏହା ସାଧାରଣ



ଯାତ୍ରୀଙ୍କ ପାଇଁ ଟିକଟ୍ ପାଇବା କଷ୍ଟକର ହୋଇପଡୁଥିଲା। ଆଧାର ଯାଞ୍ଚ ନିଶ୍ଚିତ କରିବ ଯେ ଯାହାର ଆଧାର ନମ୍ବର ପଞ୍ଜିକୃତ ହୋଇଛି ତାଙ୍କ ଦ୍ୱାରା ଟିକଟ୍ ବୁକ୍ କରାଯାଉଛି। ପ୍ରଥମ ▶ପୃଷ୍ଠା-୭

## ଚେତିଲେ ସରକାର: ୨୪ ଘଣ୍ଟାରେ ଆଇସିସି ଗଠନ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୧୪।୭ (ସମିସ):** ଉଚ୍ଚଶିକ୍ଷାନୁଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ଉଚ୍ଚଶିକ୍ଷା ବିଭାଗ ଏକାଧିକବାର ନିର୍ଦ୍ଦେଶ ଦେଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ବାରମ୍ବାର ଚିଠି କରିଛି। ମାତ୍ର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକାରୀ କରୁ ନାହାନ୍ତି। ବିଭାଗ ମଧ୍ୟ ଏ ସମ୍ପର୍କରେ ନିରବତା ଅବଲମ୍ବନ କରି ଆସିଛି। ମାତ୍ର ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଛି। ୨୪ ଘଣ୍ଟା ମଧ୍ୟରେ ଆଇସିସି ଗଠନ ସହ ରିପୋର୍ଟ ଦାଖଲ କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। କମିଟିରେ ସଦସ୍ୟ ଥିବା ଅଧ୍ୟାପକ/ଅଧ୍ୟାପିକାଙ୍କ ନାମ ଏବଂ ମୋବାଇଲ୍ ନମ୍ବର ଶିକ୍ଷାନୁଷ୍ଠାନର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ କରିବେ। ଯେପରି ଛାତ୍ରଛାତ୍ରୀମାନେ ସହଜରେ କମିଟି ସମ୍ପର୍କରେ ଜାଣିପାରିବେ। ସେସବୁର ଜିଓ ଟ୍ୟାଗ୍ ଫଟୋ ଉଠାଇ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍‌ରେ ଅପଲୋଡ୍ କରିବେ। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ କର୍ମକ୍ଷେତ୍ରରେ ମହିଳା ଏବଂ ଉଚ୍ଚଶିକ୍ଷାନୁଷ୍ଠାନର ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଆଇନ୍ ୨୦୧୩ ସମ୍ପର୍କରେ ସଚେତନ କରିବାକୁ କର୍ମଶାଳା ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କୌଣସି ଅଘଟଣ ଘଟିବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଇସିସି ଗଠନ ନିର୍ଦ୍ଦେଶ ଦେଇ ପରେ କୌଣସି ପଦକ୍ଷେପ ନେଉ ନଥିବାରୁ ଛାତ୍ରୀଙ୍କ ସୁରକ୍ଷା ନେଇ ବିଭାଗର ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ନଭେମ୍ବରରେ ବାଣୀବିହାରରେ ଜଣେ ଛାତ୍ରୀଙ୍କୁ ଜଣେ ସହକାରୀ ପ୍ରାଧ୍ୟାପକ ଯୌନ ନିର୍ଯ୍ୟାତନା ଦେବା ଘଟଣା ପଦାକୁ ଆସିବା ପରେ ସେପ୍ଟେମ୍ବର ୨୩ ତାରିଖରେ ଆଇସିସି ଗଠନ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଥିଲା। ୭ ଦିନ ମଧ୍ୟରେ ଆଇସିସି ଗଠନ କରିବାକୁ କଡ଼ା ତାଗିଦ କରିଥିଲା। ହେଲେ ଏହାର ପ୍ରାୟ ୮ ମାସ ପରେ ମଧ୍ୟ ପ୍ରାୟ ୫୦ ପ୍ରତିଶତରୁ ଅଧିକ ଶିକ୍ଷାନୁଷ୍ଠାନ କାର୍ଯ୍ୟକାରୀ କଲେନାହିଁ। ଫଳରେ ଗତ ମେ ୧୫ ତାରିଖରେ ବିଭାଗ ପକ୍ଷରୁ ପୁନଃ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସତ୍ତ୍ୱେ ଉଚ୍ଚଶିକ୍ଷାନୁଷ୍ଠାଗୁଡ଼ିକ ବେଫିକର ମନୋଭାବ ଜାରି ରଖିଛନ୍ତି। ଫଳରେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗର ତଦନ୍ତ ବେଳେ ଆଇସିସି ନଥିବା ସାମ୍ନାକୁ ଆସୁଛି। ଏପରି ସ୍ଥିତିରେ ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଥିବା ଅଭିଯୋଗ ହେଉଛି।

**ଲୋ-ଭୋଲଟେଜ, ଗ୍ରାହକଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ**
## ଓଇଆର୍‌ସିରେ ଶୁଣାଣି ଆଜି

■ **ଭୁବନେଶ୍ୱର, ୧୪।୭ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଲୋ-ଭୋଲଟେଜ ସମସ୍ୟା, ବିଦ୍ୟୁତ୍ କାଟ, ଗ୍ରାହକଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ ପରି ପ୍ରସଙ୍ଗକୁ ଗୁରୁତର ସହ ନେଇଛନ୍ତି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ। ବିଭିନ୍ନ ଆଡୁ କମିଶନଙ୍କ ନିକଟରେ ଏନେଇ ପ୍ରତିବାଦ ହେବା ପରେ ଓଇଆରସି ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ। ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ ସହ ଅନ୍ୟ କେତେକ ଆଇନର ଉଲ୍ଲଂଘନ ଆଧାରରେ ଏହି ମାମଲା ରୁଜୁ ହୋଇଛି ଓ ଆସନ୍ତାକାଲି ଏହାର ଶୁଣାଣି ହେବ। ରାଜ୍ୟର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ନିୟୋଜିତ ଥିବା ୪ଟି ବିତରକ କମ୍ପାନୀର କାର୍ଯ୍ୟଦକ୍ଷତାକୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଅଭିଯୋଗ କରିଛନ୍ତି। ବିଶେଷକରି ଲୋ-ଭୋଲଟେଜ, ଅଘୋଷିତ ବିଜୁଳି କାଟ, ସ୍ମାର୍ଟ ମିଟର ଓ ଅତିରିକ୍ତ ଶୁଳ୍କ ଆଦାୟକୁ ନେଇ ଗ୍ରହକମାନେ ଅଭିଯୋଗ କରି ଆସୁଛନ୍ତି। ଯାହାକୁ ଗୁରୁତର ସହ ନେଇଛନ୍ତି ଓଇଆରସି। ▶ପୃଷ୍ଠା-୭

### ଏଫଏମ୍ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା

# ବାଲେଶ୍ୱରରେ ବିଜେଡିର ବିଶାଳ ବିକ୍ଷୋଭ






■ କଲେଜ ସମ୍ମୁଖରେ ବିଜୁ ଯୁବ ଛାତ୍ର ଜନତା ଦଳର ରଣହୁଙ୍କାର
■ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ସାଂସଦ, ସଦର ବିଧାୟକ ଓ ନିଲମ୍ବିତ ଅଧ୍ୟକ୍ଷଙ୍କ କୁଶପୁତ୍ତଳିକା ଦାହ

ବାଲେଶ୍ୱର, ୧୪।୭(ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାରେ ଆଜି ବିଜେଡି ରଣହୁଙ୍କାର ଦେଇଛି। ବିଜେଡିର ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆଜି ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ, ସଦର ବିଧାୟକ ଏବଂ ନିଲମ୍ବିତ ଅଧ୍ୟକ୍ଷଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲ୍ଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଏକ ରାଲି କଲେଜର ବାଣିଜ୍ୟ ବିଭାଗଠାରୁ ମୁଖ୍ୟ କଲେଜ କଲେଜ ଫାଟକ ପର୍ଯ୍ୟନ୍ତ ଯାଇଥିଲା। ପୀଡ଼ିତା ଛାତ୍ରୀ ସୌମ୍ୟଶ୍ରୀଙ୍କୁ ନ୍ୟାୟ ଦାବିରେ ଶତାଧିକ ଛାତ୍ରଛାତ୍ରୀ ଏବଂ ଛାତ୍ର ଯୁବ ନେତୃତ୍ୱମାନେ କଲେଜ ସମ୍ମୁଖରେ ଧାରଣା ଦେଇଥିଲେ।

ଘଟଣା ଦିନ କିପରି ଆଗୁଆ ଭାବେ ସେଠାରେ ଉପସ୍ଥିତ ପିଲା ସୌମ୍ୟାଶ୍ରୀଙ୍କ ଭିଡିଓ କରୁଥିଲା, କେଉଁମାନେ ତାଙ୍କୁ ଆତ୍ମହତ୍ୟା ଉଦ୍ୟମ କରିବାକୁ ମତେଇଥିଲେ, କାହିଁକି ୮ ଦିନ ହେଲା ସାଂସଦ କୌଣସି ପଦକ୍ଷେପ ନେଇ ନଥିଲେ ବୋଲି ଛାତ୍ରନେତାମାନେ ଏହି ଅବସରରେ ପ୍ରଶ୍ନ କରିଥିଲେ। ଏପରିକି, ଏବିଭିପି ନିଜ ଆଗଧାଡ଼ିର ଛାତ୍ରନେତାଙ୍କୁ ସୁରକ୍ଷା ଦେଇପାରୁନଥିବା ବେଳେ ଶିକ୍ଷାନୁଷ୍ଠାନରେ ସାଧାରଣ ଛାତ୍ରଛାତ୍ରୀ କେତେ ସୁରକ୍ଷିତ ବୋଲି ସେମାନେ ପ୍ରଶ୍ନ କରିଥିଲେ।

ରାଜ୍ୟ ଛାତ୍ର ଜନତା ଦଳର ମହାସଚିବ ଇପ୍ସିତା ସାହୁ ଯୋଗଦେଇ କହିଥିଲେ, ଓଡ଼ିଆ ଅସ୍ମିତାର ଡିଣ୍ଡିମ ପିଟୁଥିବା ବିଜେପି ସରକାର ଗୋଟିଏ ଓଡ଼ିଆ ଝିଅକୁ ଦିନ ଦ୍ୱିପହରରେ ଜାଳିଦେଲା। ସଦର ବିଧାୟକ ମାନସ ଦତ୍ତଙ୍କ ଇସାରାରେ ଏଭଳି ସମସ୍ତ ଘଟଣା ଘଟିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହାଛଡ଼ା ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସାଂସଦଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, କଲେଜ ପରିସରରେ ୩ଟି ସିସିଟିଭି ରହିଥିବା ବେଳେ ଗୋଟିଏ ସିସିଟିଭି ଫୁଟେଜ୍ ଆସିଛି। ବାକି ଦୁଇଟିରେ କ'ଣ ରହିଛି, ତାହା ମଧ୍ୟ ସାର୍ବଜନୀନ ହୋଇନାହିଁ। ତାହା ଶୀଘ୍ର ବାହାରକୁ ଆସିବା ଦରକାର ବୋଲି ସେ ଦାବି କରିଥିଲେ।

ଏହି ବିକ୍ଷୋଭ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ସଭାପତି ତାପସ ପରିଡ଼ା, ଜୋନ୍ ସଭାପତି ଜୟୀରାମ ଦାସ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଓମପ୍ରକାଶ ମହାପାତ୍ର, ସାଧାରଣ ସମ୍ପାଦକ ଶୁଭମସାଇ ମହାପାତ୍ର, ସିମନ ସାମଲ, ରାଜ୍ୟ ଛାତ୍ର ସମ୍ପାଦକ ବିଭୁଦତ୍ତ ପରିଡା, ଟାଉନ ସଭାପତି ଭବାନୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ରାହୁଲ ନାୟକ, ଛାତ୍ର ନେତା ସୁଶୀଲ ପଣ୍ଡା, ବିଜୟ ଜେନା, କିରଣ ନାଥ, ନରୋତ୍ତମ ଦାସ, ଗଜେନ୍ଦ୍ର ନାୟକ, ଅମିତ ମହାନ୍ତି, ଅଭିଜିତ ବିଶ୍ୱାଳ, ଜୀବନ ସଂଗ୍ରାମ ମିଶ୍ର, ସୁଶାନ୍ତ ବେହେରା, ଅନୁପମ ମହାନ୍ତି, ସୌଭାଗ୍ୟ ଖୁଣ୍ଟିଆ, ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେଶ୍ୱରରେ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି



ବାଲେଶ୍ୱର, ୧୪।୭(ସମିସ): ଫକୀରମୋହନ କଲେଜରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ଅନୁଧ୍ୟାନ ପାଇଁ ଆଜି କଂଗ୍ରେସର ଏକ ତଥ୍ୟ ଅନୁଧ୍ୟାନ କମିଟି ବାଲେଶ୍ୱର ଗସ୍ତ କରିଛନ୍ତି। ରାଜ୍ୟ ମହିଳା କଂଗ୍ରେସର ସଭାପତି ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଆଲୋଚନା କରିବା ସହ ଘଟଣାର ନିରପେକ୍ଷ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସାକ୍ଷାତ ସମୟରେ କମିଟି ଅଧ୍ୟକ୍ଷାଙ୍କ ସମେତ ସଦସ୍ୟା ପ୍ରଫେସର୍ ଗାୟତ୍ରୀ ବିଶ୍ୱାଳ, ମଧୁସ୍ମିତା ସେଠୀ, ପ୍ରଣତୀ ମିଶ୍ର, ଜୟଶ୍ରୀ ପାତ୍ର, ଡା. ଦେବସ୍ମିତା ଶର୍ମା ଓ ସୁସ୍ମିତା ଘୋଷାଲ ଉପସ୍ଥିତ ଥିଲେ। ଅର୍ଚ୍ଚନା ନନ୍ଦୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନା ସେନାପତି, ହେମଲତା ଦାସ, କୁମୁଦୁନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ
■ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି

ଅପରପକ୍ଷେ, ମହାବିଦ୍ୟାଳୟରେ ଘଟିଥିବା ଏହି ଅଘଟଣକୁ ନେଇ ଅନୁଧ୍ୟାନ କମିଟି ଅନେକ ପ୍ରଶ୍ନ ଉଠାଇଛି। ଛାତ୍ରୀଜଣଙ୍କ ୧୨ଦିନ ପୂର୍ବରୁ ପୁଲିସ୍ ଓ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ଏବଂ ଅଧ୍ୟକ୍ଷ ୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୨ ଦିନ ହୋଇଥିଲେ ମଧ୍ୟ ପୁଲିସ୍ ପ୍ରଶାସନ ରିପୋର୍ଟ ବାବଦରେ ପ୍ରିନ୍ସପାଲଙ୍କୁ ତାଗିଦ କ'ଣ ପାଇଁ କରି ନଥିଲା? ଛାତ୍ରୀଜଣଙ୍କ ଏ ସମ୍ପର୍କରେ ଗଣମାଧ୍ୟମ ଆଗକୁ ଆସିଥିଲେ ଏବଂ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ମଧ୍ୟ ଜଣାଇଥିଲେ। ନିଜ ଦଳର ଛାତ୍ର ସଂଗଠନର ସକ୍ରିୟ କାର୍ଯ୍ୟକର୍ତ୍ତା ଥିବା ସତ୍ତ୍ୱେ ସାଂସଦ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ କେବଳ ଅଧ୍ୟକ୍ଷଙ୍କୁ ଫୋନ କରି ନିଜର ଉପସ୍ଥିତି ଜାହିର କରିଦେଇ ରହିଗଲେ କାହିଁକି? ଗଣମାଧ୍ୟମରେ ଏ ଖବର ପ୍ରକାଶ ପାଇବା ପୂର୍ବରୁ ଛାତ୍ରୀଜଣଙ୍କ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସମସ୍ତଙ୍କୁ ଟୁଇଟ କରିଥିଲେ। ଏହାସତ୍ତ୍ୱେ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ, ଉପମୁଖ୍ୟମନ୍ତ୍ରୀ, ମୁଖମନ୍ତ୍ରୀ କାହିଁକି ଘଟଣାର ହସ୍ତକ୍ଷେପ କଲେନି? ସେହିପରି ଇଣ୍ଟରନାଲ କମ୍ପ୍ଲେନ୍ କମିଟି (ଆଇସିସି) ରିପୋର୍ଟ ପୀଡ଼ିତାଙ୍କ ବିପକ୍ଷରେ ଯାଉଥିବା ଖବର ଆଗୁଆ ପ୍ରଚାରିତ ହୋଇଥିଲା। ଏହି ଖବର ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ନିକଟରେ ପହଞ୍ଚିଥିଲା। ଆଇସିସିର ଏହି ରିପୋର୍ଟକୁ କିଏ ଏବଂ କାହିଁକି ଲିକ୍ କରିଥିଲେ? ସବୁଠୁ ବଡ଼ ପ୍ରଶ୍ନ ହେଲା, କଲେଜ କ୍ୟାମ୍ପସ ଭିତରକୁ କିଏ ଏବଂ କେମତି ପେଟ୍ରୋଲ ଆସିଲା? ଛାତ୍ରୀଙ୍କୁ କିଏ ଆଣି ଦେଇଥିଲେ? ତାହାର ସିସିଟିଭି ଫୁଟେଜ ସାର୍ବଜନୀନ କରାଯାଉ। ସେହିପରି ଛାତ୍ରୀଜଣଙ୍କ ନିଜ ଦେହରେ ନିଆଁ ଲଗାଇବା ସମୟରେ ଯେଉଁ ଛାତ୍ରଜଣଙ୍କ ଭିଡିଓ ରେକର୍ଡିଂ କରୁଥିଲେ ଏବଂ ପୀଡ଼ିତାଙ୍କ ସହ ଘଟଣା ଦିନ କଲେଜକୁ ଆସିଥିବା ଛାତ୍ର ଓ ଅଣଛାତ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଅନୁଧ୍ୟାନ କମିଟି ଦାବି କରିଛି।

## ଫିରୋଜ ପାଢ଼ୀ ହେଲେ ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ



ବାଲେଶ୍ୱର, ୧୪।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ନିଲମ୍ବିତ ହୋଇଥିବା କଲେଜ ଅଧ୍ୟକ୍ଷ ପ୍ରଫେସର୍ ଦିଲ୍ଲୀପ କୁମାର ଘୋଷଙ୍କୁ ଆଜି ପୁଲିସ୍ ଗିରଫ କରିଛି। ଫଳରେ, ପ୍ରଫେସର୍ ଫିରୋଜ ପାଢ଼ୀଙ୍କୁ ମହାବିଦ୍ୟାଳୟର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଉକ୍ତ ମହାବିଦ୍ୟାଳୟର ସେ ପ୍ରାଣୀ ବିଜ୍ଞାନ ବିଭାଗର ଏଚ୍‌ଓଡି ଭାବେ କାର୍ଯ୍ୟ କରୁଥିଲେ। ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ ଆଗାମୀ ଦିନରେ ତଦନ୍ତରେ ମୋର ଯାହା ଆବଶ୍ୟକ ବା ସହଯୋଗ ଲୋଡ଼ାଯିବ, ମୁଁ ସହଯୋଗ କରିବି।

# ନ୍ୟାୟିକ ତଦନ୍ତ ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୪।୭(ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ କେବଳ ଅଧ୍ୟାପକ ନୁହେଁ, ମୂଳରୁ ଚୂଳ ଯାଏ ସମସ୍ତେ ଚରମ ଦାୟିତ୍ୱହୀନତା ଦେଖାଇଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ତିନିଜଣ ଅଧ୍ୟାପକ, କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକ ଓ ସାଂସଦ, ରାଜ୍ୟ ଶିକ୍ଷାମନ୍ତ୍ରୀ, ଏପରିକି ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଉଚିତ ବୋଲି ରାଜ୍ୟ କଂଗ୍ରେସ କହିଛି। ସୋମବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀରେ ଏହି ଘଟଣାର ନ୍ୟାୟିକ ତଦନ୍ତ ଦାବି କରାଯିବା ସହ ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ସିବିଆଇକୁ ମଧ୍ୟ ତଦନ୍ତ ଭାର ଅର୍ପଣ କରାଯାଉ ବୋଲି କଂଗ୍ରେସ ଦାବି କରିଛି।




■ ରାଜ୍ୟ ମହିଳା କମିଶନ ଥିଲେ ହୁଏତ ଏପରି ହୋଇ ନଥା'ନ୍ତା: ଶ୍ରୀକାନ୍ତ
■ ନିଜ ଛାମୁଆ ସଂଗଠନର ସଭ୍ୟାଙ୍କୁ ସୁରକ୍ଷା ଦେଲେନି ବିଜେପି ନେତା: ଜୟଦେବ
■ ମହିଳା ବାଚସ୍ପତି ସମ୍ବେଦନଶୀଳ ହୁଅନ୍ତୁ: ରାମଚନ୍ଦ୍ର

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି, ରାଜ୍ୟ ସରକାର ଯଦି ମହିଳା ଆୟୋଗ ଗଠନ କରିଥା'ନ୍ତେ, ହୁଏତ ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିନଥା'ନ୍ତା। ଘଟଣାର ବହୁଦିନ ପୂର୍ବରୁ ଛାତ୍ରୀଜଣଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ଜାତୀୟ ମହିଳା କମିଶନଙ୍କୁ ଅଧ୍ୟାପକଙ୍କ ଯୌନ ଆବେଦନ ଓ ମାନସିକ ନିର୍ଯାତନା ନେଇ ଟୁଇଟ୍ ମଧ୍ୟ କରିଥିଲେ। ରାଜ୍ୟ ମହିଳା କମିଶନ ଥିଲେ ଏହି ପ୍ରସଙ୍ଗରେ ହୁଏତ ପୁଲିସ ଡିଜିଙ୍କୁ ଜବାବ ଦେବା ପାଇଁ କହିଥା'ନ୍ତେ। ତେଣୁ ମୁଖ୍ୟମନ୍ତ୍ରୀ ମଧ୍ୟ କାଠଗଡ଼ାରେ। ଉକ୍ତ ଛାତ୍ରୀଙ୍କ ଟୁଇଟ୍ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆଯାଇଥିଲା ନା ନାହିଁ? ଯଦି ନାହିଁ, ଯେଉଁମାନେ ଜଣାଇନଥିଲେ, ସେମାନଙ୍କୁ ତୁରନ୍ତ ବରଖାସ୍ତ କରାଯିବା ଉଚିତ ନୁହେଁ କି ବୋଲି ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି।

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଉକ୍ତ ଅଧ୍ୟାପକଙ୍କର କଳଙ୍କିତ ଅତୀତ ରହିଥିବାରୁ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ଥିଲା। ହେଲେ ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ପ୍ରତି ଅତ୍ୟାଚାର ହେଲା, ଅଥଚ ଖୋଦ୍ ବିଜେପିର ସାଂସଦ ଓ ବିଧାୟକ ତାଙ୍କୁ ସୁରକ୍ଷା ଦେଇପାରିଲେନି କିପରି ବୋଲି ଶ୍ରୀ ଜେନା ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ତେଣୁ ଏବେ କ'ଣ ପାଇଁ ବିଜେପିର ନେତାମାନେ ଡାକ୍ତରଖାନା ଯାଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଛନ୍ତି, ବିଧାନସଭାରେ ମହିଳା ନିର୍ଯାତନା ପ୍ରସଙ୍ଗ ଉଠାଇବାରୁ ଆମେ ସମସ୍ତେ ମହିଳା ବାଚସ୍ପତିଙ୍କ ଦ୍ୱାରା ନିଲମ୍ବିତ ହୋଇଥିଲୁ। ଆଶା କରୁଛୁ, ଏହି ଘଟଣାରେ ବାଚସ୍ପତି ସମ୍ବେଦନଶୀଳ ହେବେ। ନିଜ ସଂଗଠନର ଜଣେ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଏବିଭିପି କର୍ମୀମାନେ ତାଙ୍କୁ ଏମସ୍ ପରିସରରେ ବାଧା ଉପୁଜାଇବା ଘୋର୍ ନିନ୍ଦନୀୟ ବୋଲି ଶ୍ରୀ କାଡାମ କହିଥିଲେ।

### ସଂଗିନ୍ ଅଭିଯୋଗ ଆଣିଲେ ସୌମ୍ୟାଶ୍ରୀଙ୍କ ମା'

## ସାର୍ ମୋ' ଝିଅ ଦେହରେ ନିଆଁ ଲଗାଇଛନ୍ତି

ଭୁବନେଶ୍ୱର, ୧୪।୭ (ସମିସ): ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଦ୍ୱିତୀୟ ଦିନରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚର ୩ଜଣିଆ ଟିମ୍ କଲେଜକୁ ଯାଇ କର୍ମଚାରୀ ଏବଂ ପୀଡ଼ିତାଙ୍କ ସାଙ୍ଗସାଥୀମାନଙ୍କୁ ପଚରାଉଚରା କରିଛି। ଆଗକୁ ଗିରଫ କଲେଜ ଅଧ୍ୟକ୍ଷ ଏବଂ ଏଚ୍‌ଓଡିଙ୍କୁ ଜେଲରେ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି। ଗତକାଲି ଏହି ଟିମ୍ ନିଲମ୍ବିତ ପ୍ରିନ୍ସିପାଲଙ୍କୁ ପଚରାଉଚରା କରିବା ସହ କଲେଜର ଇଣ୍ଟରନାଲ୍ କମ୍ପ୍ଲେନ୍ କମିଟି ରିପୋର୍ଟକୁ ବି ତଦାରଖ କରିଥିଲା। ଅନ୍ୟପଟେ, ଛାତ୍ରୀ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚ ପେଟ୍ରୋଲ ଲିଙ୍କ୍ ଖୋଜୁଛି। ଛାତ୍ରୀ ନିଜ ଦେହରେ ଢାଳିଥିବା ପେଟ୍ରୋଲ କେଉଁଠୁ ଆଣିଲେ। ନା ତାଙ୍କୁ କିଏ ଆଣି ଦେଇଥିଲେ, ସେ ଦିଗକୁ ନେଇ ଖୋଳତାଡ଼ କରୁଛି କ୍ରାଇମ୍‌ବ୍ରାଞ୍ଚ।

■ କେଉଁଠୁ ପେଟ୍ରୋଲ ଆଣିଲେ ପୀଡ଼ିତା?
■ ଦ୍ୱିତୀୟ ଦିନରେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ

ସେପଟେ, ପୀଡ଼ିତାଙ୍କ ସୌମ୍ୟାଶ୍ରୀଙ୍କ ମା' ଆଜି ଏକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ସାର୍ ମୋ' ଝିଅ ଦେହରେ ନିଆଁ ଲଗାଇ ଦେଇଛନ୍ତି। ସିସିଟିଭିରେ ଦେଖିଲୁ ନିଆଁ ଜଳୁଛି। ଛୁଆ ମୋର ଦୌଡ଼ି ଦୌଡ଼ି ଆସିଲା। ତେଣୁ ମୁଁ ଭାବୁଛି ସାର ନିଆଁ ଲଗାଇ ଦେଇଛନ୍ତି। ପ୍ରିନ୍ସପାଲ, ଏଚ୍‌ଓଡ଼ି ପେଟ୍ରୋଲ ଢାଳି ନିଆଁ ଲଗାଇ ମାରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ସେମାନଙ୍କୁ ଫାଶୀ ଦଣ୍ଡ ମିଳିବା ଦରକାର। ଏଚ୍‌ଓଡି ମୋ ଝିଅକୁ 'ଫେଭର୍' ମାଗିବା କଥା ବହୁ ବଳମ୍ବରେ ଜାଣିଲୁ। ସେ ସବୁ କଥା ମନରେ ଚାପି ରଖେ, ଘରେ ପ୍ରକାଶ କରେନି। ସଂପୃକ୍ତ ଅଧ୍ୟାପକଜଣଙ୍କ ଶହଶହ ଝିଅଙ୍କ ଜୀବନ ନଷ୍ଟ ପାଇଁ ପ୍ଲାନ୍ କରୁଥିଲେ। ମୋ ଝିଅ ପ୍ରତିବାଦ କରିବାରୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ ବୋଲି ସେ ଅଭିଯୋଗ କରିଛନ୍ତି।

ବଡ଼ କଥା ହେଲା, କଲେଜ ଭିତରକୁ ଏତେ ପରିମାଣର ପଟ୍ରୋଲ କିପରି ଆସିଲା, ଏହାକୁ ପୀଡ଼ିତା ନିଜେ ଆଣିଥିଲେ ନା ଅନ୍ୟ କେହି ତାଙ୍କୁ ଏହି ପେଟ୍ରୋଲ ଆଣି ଦେଇଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ରାଜ୍ୟରେ ଏବେ କୌଣସି ପ୍ଲାଷ୍ଟିକ୍ କିମ୍ବା ଖାଲି ବୋତଲରେ ପେଟ୍ରୋଲ ଟାଙ୍କିରେ ତେଲ ଦେବାକୁ ନିଷିଦ୍ଧ ରହିଛି। ହେଲେ ପୀଡ଼ିତାଜଣଙ୍କ ପଟ୍ରୋଲ କିପରି ପାଇଲେ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ଦ୍ୱିତୀୟ ଦିନରେ କ୍ରାଇମବ୍ରାଞ୍ଚର ତଦନ୍ତ

## ସୌମ୍ୟାଶ୍ରୀଙ୍କୁ ହତ୍ୟା ପାଇଁ ଷଡ଼୍‌ଯନ୍ତ୍ର କରାଯାଇଥିଲା: ଭାଇ

ବାଲେଶ୍ୱର, ୧୪।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଜଣେ ଅତିରିକ୍ତ ଏସ୍‌ପି ଓ ଜଣେ ଡିଏସପିଙ୍କୁ ନେଇ ଗଠିତ କ୍ରାଇମବ୍ରାଞ୍ଚର ୱିମେନ ୱିଙ୍ଗ ଆଜି କଲେଜରେ ୨ଘଣ୍ଟା ଧରି ଖୋଳତାଡ଼ କରିଛି। ଏହାସହ ସୌମ୍ୟାଶ୍ରୀଙ୍କ ଭାଇ ସୌମ୍ୟରଞ୍ଜନଙ୍କୁ ମଧ୍ୟ ପଚରାଉଚରା କରିଛି। ସୌମ୍ୟରଞ୍ଜନ କ୍ରାଇମବ୍ରାଞ୍ଚକୁ କହିଛନ୍ତି ଯେ ଏହି ଘଟଣାରେ ସେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଓ ଅଭିଯୁକ୍ତ ପ୍ରଫେସର୍ ଏଚ୍‌ଓଡି ସମୀର କୁମାର ସାହୁଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ସେହିପରି, ଭଉଣୀଙ୍କ ଅଭିଯୋଗ ପରେ କଲେଜରେ ଯେଉଁ କମିଟି ଗଠନ କରାଯାଇଥିଲା, ସେଥିରେ କଲେଜ ଅଧ୍ୟକ୍ଷ କାହିଁକି ମେମ୍ବର ନ ଥିଲେ ବୋଲି ସୌମ୍ୟରଞ୍ଜନ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ, ଘଟଣା ଦିନ ସେମାନେ ଦୁଇଜଣ ତାଙ୍କ ଭଉଣୀଙ୍କୁ କ'ଣ କହିଥିଲେ ଯେ ସେ ସେଠାରୁ ବାହାରି ଆସି ଆତ୍ମାହୁତି ଉଦ୍ୟମ କଲେ, ତାହା ସାବର୍ଜନନୀନ କରାଯାଉ। ତାଙ୍କୁ ଆତ୍ମାହୁତି ଉଦ୍ୟମ ପାଇଁ ବାଧ କରାଯାଇନାହିଁ, ବରଂ ତାଙ୍କୁ ହତ୍ୟା କରିବା ପାଇଁ ଷଡ୍‌ଯନ୍ତ୍ର କରାଯାଇଛି ବୋଲି ସେ କହିଛନ୍ତି।

## ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଗିରଫ



ବାଲେଶ୍ୱର,୧୪।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ଗତ ଶନିବାର ପୁଲିସ ଶିକ୍ଷକ ଶିକ୍ଷା ବିଭାଗର ଏଚଓଡି ସମୀର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ଦ୍ୱିତୀୟ ଅଭିଯୁକ୍ତ ଭାବେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଗିରଫ କରିଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବିତ ହେବା ପରେ ତାଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ସେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ପୁଲିସ ସେଠାରୁ ତାଙ୍କୁ ଗିରଫ କରିଥିଲା। ଏହାସହ ଛାତ୍ରୀଙ୍କ ଭାଇ ମଧ୍ୟ ଅଧ୍ୟକ୍ଷଙ୍କ ନାମରେ ଅଭିଯୋଗ କରିଥିଲେ। କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରିବା ସହ ତାଙ୍କ ନାମରେ ବହୁ ସଙ୍ଗୀନ ଦଫା ମଧ୍ୟ ଲଗାଯାଇଛି ବୋଲି ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି। ଗିରଫ ପରେ ଶ୍ରୀ ଘୋଷଙ୍କୁ ସହଦେବଖୁଣ୍ଟା ଥାନାକୁ ନିଆଯାଇଥିଲା। ଆନୁସଙ୍ଗିକ ବିଭାଗୀୟ କାର୍ଯ୍ୟ ସହିତ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ଘଟଣା ଘଟିବା ଦିନଠାରୁ ବିଭିନ୍ନ ମହଲରୁ ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଘୋଷଙ୍କ ଗିରଫ ଦାବି କରାଯାଉଥିଲା। ବାରମ୍ବାର ମତ ବଦଳାଇବା ଯୋଗୁଁ ସେ ବିବାଦୀୟ ହୋଇପଡ଼ିଥିଲେ।

### ପ୍ରତିବାଦ ସଭାରେ ଗର୍ଜିଲା ବିଜେଡି

# ନାରୀଙ୍କୁ ସୁରକ୍ଷା ଦେଇପାରୁନି ଡବଲ ଇଞ୍ଜିନ






ବାଲେଶ୍ୱର,୧୪।୭(ସମିସ): ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ ହେଉଥିବା ବେଳେ ଏହି ପରିପ୍ରେକ୍ଷୀରେ ଆଜି ବିଜେଡି ପକ୍ଷରୁ ବାଲେଶ୍ୱରରେ ଜୋରଦାର ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ଏହି ସମ୍ବେଦନଶୀଳ ଘଟଣାର ସଠିକ ତଦନ୍ତ ସହ ମହିଳାଙ୍କ ପ୍ରତି କୁତ୍ସିତ ମନ୍ତବ୍ୟ ଦେଇଥିବା ନୀଳଗିରି ବିଧାୟକଙ୍କ ଗିରଫ ଦାବି କରି ବିଜେଡି ପକ୍ଷରୁ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ପ୍ରତିବାଦ ସଭା କରାଯାଇଥିଲା।

ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା। ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଲେ, ଡବଲ ଇଞ୍ଜିନ ସରକାର ନାରୀମାନଙ୍କୁ ସୁରକ୍ଷା ଯୋଗାଇପାରୁନାହିଁ। ଫକୀରମୋହନ ମହାବିଦ୍ୟାଳୟର ନିଲମ୍ବିତ ଅଧ୍ୟକ୍ଷ ହେଉଛନ୍ତି ସଦର ବିଧାୟକଙ୍କ ସମ୍ପର୍କୀୟ। ତାଙ୍କୁ ସେ ବିଭିନ୍ନ ଉପାୟରେ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଏଣୁ, ଏ ଦିଗରେ ତଦନ୍ତ ହେବାର ଆବଶ୍ୟକତା ରହିଛି। ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ କହିଥିଲେ ଯେ ଘଟଣାର ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ। ରାଜ୍ୟରେ ଗତ ଏକ ବର୍ଷ ମଧ୍ୟରେ ୩୦୫୪ଜଣ ନାରୀ ନିର୍ଯାତନାର ଶିକାର ହୋଇଛନ୍ତି। ସେଥିମଧ୍ୟରୁ ପ୍ରତିଦିନ ୧୫ଜଣ ନାରୀ ନିର୍ଯାତନାର ଶିକାର ହେଉଛନ୍ତି।

■ ଫକୀରମୋହନ କଲେଜ ଘଟଣାର ସଠିକ ତଦନ୍ତ ହେଉ
■ ନୀଳଗିରି ବିଧାୟକଙ୍କୁ ବି ଗିରଫ କରାଯାଉ

ମୁଖ୍ୟମନ୍ତ୍ରୀ ଖାଲି ଲୋକଦେଖାଣିଆ ଭାବେ ଜନଶୁଣାଣି ଶିବିର କରୁଛନ୍ତି। କିନ୍ତୁ ଲୋକଙ୍କୁ ନ୍ୟାୟ ମିଳିପାରୁନାହିଁ। ସମ୍ବଲପୁରର ଜଣେ ମହିଳା ନ୍ୟାୟ ନ ପାଇବା ଏହାର ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଥିଲେ।

ସେହିପରି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କୁ ବିଜେଡି ନେତାମାନେ କଡ଼ା ସମାଲୋଚନା କରିଥିଲେ। ନାରୀମାନଙ୍କ ପ୍ରତି ଏଭଳି କଦର୍ଯ୍ୟ ଭାଷା ବ୍ୟବହାର କରୁଥିବା ବିଧାୟକଜଣଙ୍କ ଜଣେ କୁଳାଙ୍ଗାର। ମା'ମାନଙ୍କ ଅଭିଶାପ ପଡ଼ିଲେ ତାଙ୍କର ସର୍ବନାଶ ହୋଇଯିବ ବୋଲି କହିଥିଲେ। ଏହି ସମସ୍ତ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଉଚ୍ଚ ଶିକ୍ଷାମନ୍ତ୍ରୀ, ସାଂସଦ, ବାଲେଶ୍ୱର ସଦର ବିଧାୟକ ଇସ୍ତଫା ଦେବା ଆବଶ୍ୟକ। ଏହାସହ ନୀଳଗିରି ବିଧାୟକଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଥିଲା।

ଏହି ଅବସରରେ ବିଜେଡି ପକ୍ଷରୁ ଗାନ୍ଧୀ ସ୍ମୃତିଭବନ ପରିସରରୁ ଏକ ପଦଯାତ୍ରାରେ ବାହାରି ପୂର୍ବାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ପ୍ରତିବାଦ କରାଯାଇଥିଲା। ସେହିପରି ପୁଲିସ୍ ଲାଇନ୍ କଣ୍ଟେଇ ଛକରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହାସହ ଡିଜିଙ୍କ ଉଦ୍ଦେଶ୍ୟରେ ଡିଆଇଜି ଡ. ସତ୍ୟଜିତ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଜିଲ୍ଲା ସମ୍ପାଦକ ମନୋଜ ରାଉତ ମଂଚ ଆହ୍ୱାନ କରିଥିବା ବେଳେ ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା, ସୋର ବିଧାୟକ ମାଧବ ଧଡା, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକଙ୍କ ସମେତ ସମସ୍ତ ଦଳୀୟ ଲୋକପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପାରିବାରିକ କଳହରୁ ସ୍ତ୍ରୀକୁ ପିଟି ମାରିଲା ସ୍ୱାମୀ



ବଡ଼ବିଲ,୧୪।୭(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ପତ୍ନୀଙ୍କୁ ପିଟିପିଟି ହତ୍ୟା କରିଛି ସ୍ୱାମୀ। ମୃତକ ହେଲେ, ନିର୍ମଳା ଶର୍ମା। ପୁଲିସ୍ ନିର୍ମଳାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ସ୍ୱାମୀ ନୀଳପ୍ରସାଦ ଶର୍ମାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଭୁବନେଶ୍ୱରରୁ ଝିଅ ଫେରିବା ପରେ ନିର୍ମଳାଙ୍କ ବ୍ୟବଚ୍ଛେଦ ହେବ ବୋଲି ଜଣାଯାଇଛି। ସୂଚନାନୁଯାୟୀ, ବଡ଼ବିଲସ୍ଥିତ ରୁଙ୍ଗଟା ଖଣି ବିଭାଗରେ ଆସିଷ୍ଟାଣ୍ଟ ମ୍ୟାନେଜର୍ ଭାବେ କାର୍ଯ୍ୟ କରୁଥିବା ନୀଳପ୍ରସାଦ ସପରିବାରେ କମ୍ପାନୀର କଲୋନୀରେ ରହୁଥିଲେ। ପରିବାର କହିଲେ, ପତ୍ନୀ ନିର୍ମଳା ଓ ଦୁଇ ସନ୍ତାନ। ଝିଅ ଭୁବନେଶ୍ୱରରେ ରହି ପାଠ ପଢୁଥିବା ବେଳେ ପୁଅ ବଡ଼ବିଲସ୍ଥିତ ଏକ ଘରୋଇ ସ୍କୁଲରେ ପଢୁଛନ୍ତି। ଗତରାତିରେ କୌଣସି କଥାକୁ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନୀଳପ୍ରସାଦ ତାଙ୍କୁ ନିର୍ଧୁମ୍ ମାଡ଼ ମାରିଥିଲେ। ପଡ଼ୋଶୀଙ୍କଠାରୁ ଖବର ପାଇ ସକାଳୁ ପୁଲିସ୍ ତାଙ୍କ ଘରେ ପହଞ୍ଚି ନିର୍ମଳାଙ୍କୁ ଆମ୍ବୁଲାନ୍ସରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବଡ଼ପଡ଼ିଆ ପରିବା ମାର୍କେଟ୍‌ରେ ଅଗ୍ନିକାଣ୍ଡ



## ୫ ଦୋକାନ ପୋଡ଼ି ପାଉଁଶ

ପାରାଦୀପ, ୧୪।୭ (ସମିସ): ପାରାଦୀପ ବଡ଼ପଡିଆ ପରିବା ମାର୍କେଟ୍‌ରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୫ଟି ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ବନ୍ଦର ଓ କୁଜଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନଥିବା ବେଳେ ୫ଜଣ ବ୍ୟବସାୟୀଙ୍କ ପାଖାପାଖି ୩ଲକ୍ଷ ଟଙ୍କାର କ୍ଷତି ହୋଇଥିବା ପ୍ରାଥମିକ ଆକଳନ କରାଯାଇଛି। ସୂଚନା ମୁତାବକ, ଗତରାତିରେ କୌଣସି କାରଣରୁ ପଲିଥିନ୍ ପାଲରେ ନିଆଁ ଲାଗି ୫ଟି ଦୋକାନ ଜଳିଯାଇଥିଲା। ଏହି ଅଗ୍ନିକାଣ୍ଡରେ ବାବୁନି ସାହୁ, ଟାବୁନି ସାହୁ, ଜୟଦେବ ମହାପାତ୍ର, ମଣ୍ଟୁ ନାୟକ, ସୁରେନ୍ଦ୍ର ସାହୁଙ୍କ ଦୋକାନ ଜଳି ଯାଇଥିଲା। ସମସ୍ତ ବ୍ୟବସାୟୀଙ୍କ ଦୋକାନରେ ନଗଦ ଟଙ୍କା ସହ କ୍ୱିଣ୍ଟାଲ କ୍ୱିଣ୍ଟାଲ କଞ୍ଚା ପରିବା ରହିଥିଲା। ବନ୍ଦର ସହରାଞ୍ଚଳରେ ଥିବା ଏହି ପରିବା ମାର୍କେଟ୍ ଉପରେ ପୌରାଞ୍ଚଳର ୧୯ଟି ୱାର୍ଡର ଜନସାଧାରଣ ନିର୍ଭର କରନ୍ତି। ଏଭଳି ଭୟଙ୍କର ଅଗ୍ନିକାଣ୍ଡ ନେଇ ସମସ୍ତ ବ୍ୟବସାୟୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ, ମଶାଧୂପରୁ ନିଆଁ ଲାଗିଥିବା କିମ୍ବା ସର୍ଟ୍‌ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ନେଇ ସନ୍ଦେହ ଉପୁଜୁଥିବା ବେଳେ ପ୍ରକୃତ କାରଣ ଜଣାପଡ଼ିନାହିଁ।

# ଶିମିଳିପାଳରୁ ୫ ଶିକାରୀ ଗିରଫ

## ୨ଟି ଦେଶୀ ବନ୍ଧୁକ ଓ ଗୋଳା ବାରୁଦ ଜବତ



ବାରିପଦା, ୧୪।୭(ସମିସ): ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ୫ ଜଣ ଶିକାରୀ ଧରା ପଡିଛନ୍ତି। ଏହି ଶିକାରୀଙ୍କୁ ସେମାନଙ୍କ ଘରୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଫେରାର ରହିଛି। ଗିରଫମାନେ ହେଲେ ଉଦଳା ଥାନା ଅନ୍ତର୍ଗତ ବଡ଼ଖମଣ ଅଞ୍ଚଳର ତଳସରେଇ ଗ୍ରାମର ଗୋବିନ୍ଦ ହୋ, ମଙ୍ଗଳ ହୋ, ସାମୁ ସମାଦ, କପ୍ତିପଦା ଥାନା ଅନ୍ତର୍ଗତ ପଥରଖଣି ଗ୍ରାମର ବାହାଦୂର ସିଦୁ ଓ ବିକ୍ରମ ସମାଦ। ଗିରଫ ଶିକାରୀଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ବିପୁଳ ପରିମାଣର ଗୋଳା ବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏହି ଶିକାରୀମାନେ ମାରାଣାସ୍ତ୍ର ଧରି ଶିମିଳିପାଳର କୋର ଅଞ୍ଚଳ ଭଞ୍ଜବସା ରେଞ୍ଜ ମଧ୍ୟକୁ ପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା; ଯାହାକୁ ଆୟୁଧ କରି ଯାଞ୍ଚ ପ୍ରକ୍ରିୟା କରି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ କର୍ମଚାରୀ ଶିକାରୀଙ୍କ ଘରେ ଚଢ଼ଉ କରି ଗିରଫ କରିଥିଲେ। ଗିରଫ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୫ଦିନ ମଧ୍ୟରେ ବନ ବିଭାଗ ପକ୍ଷରୁ ଘରୁ ଚଢ଼ଉ କରାଯାଇ ୧୦ ଜଣ ଶିକାରୀଙ୍କୁ ଗିରଫ କରାଯିବା ସହିତ ୧୦ଟି ଦେଶୀ ବନ୍ଧୁକ ଜବତ ହୋଇଛି।

# ଜମିବାଡ଼ିକୁ କେନ୍ଦ୍ରକରି ସଂଘର୍ଷ; ଦୁଇ ପରିବାରର ୩ ଗୁରୁତର

ବେଲବାହାଳି,୧୪।୭(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ବେଲବାହାଳି ପଞ୍ଚାୟତ ଡିହସାହି ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୩ଜଣ ଗୁରୁତର ଆହତ ହେଇଛନ୍ତି। ଆହତମାନେ ହେଲେ ମିଥୁନ ଦେହୁରୀ(୩୫), ଲକ୍ଷ୍ମୀ ଦେହୁରୀ, ଅଶାନ୍ତି ଦେହୁରୀ। ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ଉକ୍ତ ଗ୍ରାମରେ ବାସ କରୁଥିବା ଲକ୍ଷ୍ମୀ ଦେହୁରୀ ନିଜ ବିଲରେ ଫସଲ ଚାଷ କରିଥିବା ବେଳେ ସେହି ଗ୍ରାମର ପାଗଳ ଦେହୁରୀଙ୍କ ପରିବାର ଲୋକ ମିଶି ଫସଲ ସବୁ ନଷ୍ଟ କରିଦେଇଥିଲେ। ଏନେଇ ଗତ ୯ ତାରିଖରେ ଘସିପୁରା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକାରୀଙ୍କୁ ଧମକଚମକ ଦେଉଥିବା କଥା ଥାନାରେ ଜଣାଇଥିଲେ। ହେଲେ ଥାନା କର୍ମଚାରୀ କଥାକୁ ହେୟ ମନୋଭାବ ସହ ବୁଝିବା କହି ଥାନାର କର୍ମଚାରୀମାନେ ଅଭିଯୋଗକାରୀଙ୍କୁ ଘରକୁ ପଠାଇଦେଇଥିଲେ। ଥାନାରେ କାହିଁକି ଅଭିଯୋଗ କରିଲୁ ମୋ ଭିଣୋଇ ନାଁରେ କହି ଆଜି ମିଥୁନଙ୍କ ଘରକୁ ଯାଇ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଗଣ୍ଡଗୋଳ ଲାଗି ଦୁଇ ପରିବାର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଦୁଇ ପରିବାରର ଆହତମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ଘସିପୁରା ପୁଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି।



## ଏମ୍ସର ୫ମ ସମାବର୍ତ୍ତନ ସମାରୋହ

# ଗୁଣାତ୍ମକ ସ୍ୱାସ୍ଥ୍ୟସେବାରେ ଲୋକଙ୍କ ବିଶ୍ୱାସ ଜିତିଛି ଏମ୍ସ: ରାଷ୍ଟ୍ରପତି



ଭୁବନେଶ୍ୱର,୧୪।୭(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା ୨୦୦୩ ମସିହାରେ ପ୍ରତିଷ୍ଠିତ ଏମ୍ସ ଭୁବନେଶ୍ୱର ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କେବଳ ଓଡ଼ିଶାରେ ନୁହେଁ, ବରଂ ପୂର୍ବ ଭାରତର ଜନସାଧାରଣଙ୍କ ବିଶ୍ୱାସ ଜିତିବାରେ ସକ୍ଷମ ହୋଇଛି। ଓଡ଼ିଶାର ଲୋକମାନେ ଏମ୍ସର ଭୁବନେଶ୍ୱରର ଏକ ଦଶନ୍ଧିର ସୁବର୍ଣ୍ଣ ଯାତ୍ରାର ସାକ୍ଷୀ ହୋଇଛନ୍ତି। ଏମ୍ସର ପଞ୍ଚମ ବାର୍ଷିକ ସମାବର୍ତ୍ତନ ଅବସରରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏହା କହିଛନ୍ତି।

ସ୍ୱାସ୍ଥ୍ୟସେବା ପ୍ରଦାନ, ରୋଗୀସେବା ଓ ଚିକିତ୍ସା ଶିକ୍ଷାରେ ପ୍ରତିଷ୍ଠାନର ଉଲ୍ଲେଖନୀୟ ଅବଦାନକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରଶଂସା କରିଛନ୍ତି। ସେବା, ଗବେଷଣା ଏବଂ ତାଲିମରେ ଉତ୍କର୍ଷ ମାଧ୍ୟମରେ ଏମ୍ସର ଭୁବନେଶ୍ୱର ଭାରତର ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ମଜବୁତ କରି ଚାଲିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଶଲ୍ୟ ଚିକିତ୍ସା ଉପକରଣ ଏବଂ ଇମ୍ପ୍ଲାଣ୍ଟ ପୁନଃପ୍ରକ୍ରିୟାକରଣରେ ଉଚ୍ଚ ମାନ ବଜାୟ ରଖିବା ପାଇଁ ଏସିଆ ସେଫ୍ ସର୍ଜିକାଲ୍ ଇମ୍ପ୍ଲାଣ୍ଟ କନସୋର୍ଟିୟମ୍ ପୁରସ୍କାର ସହିତ ଏମ୍ସର ଉତ୍କର୍ଷକୁ ସ୍ୱୀକୃତି ଦେଇଛି। ଏହି ଅବସରରେ ରାଷ୍ଟ୍ରପତି ସାର୍ବଜନୀନ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ପ୍ରତିଷ୍ଠାନଗୁଡ଼ିକର ସମର୍ପଣକୁ ପ୍ରଶଂସା କରିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର

- ୩୧ ମେଧାବୀ ଛାତ୍ରଙ୍କୁ ୫୯ ସ୍ୱର୍ଣ୍ଣପଦକ ପ୍ରଦାନ
- ଚିତଲୁରୀ ନେହା ଓ ମେଧା ମେନନ ଶ୍ରେଷ୍ଠ ଏମବିବିଏସ୍ ସ୍ନାତକ
- ମୃଣ୍ମୟୀ ଏବଂ ପ୍ରିୟଙ୍କା ଶ୍ରେଷ୍ଠ ନର୍ସିଂ ସ୍ନାତକ ବିଏସସି (ଅନର୍ସ)

ପ୍ରଧାନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପୂର୍ବ ଭାରତରେ ଏକ ସାମଗ୍ରିକ ସ୍ୱାସ୍ଥ୍ୟସେବା ସେବା ପାଇଁ ଏମ୍ସର ପ୍ରୟାସକୁ ପ୍ରଶଂସା କରିଥିଲେ। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ରାଷ୍ଟ୍ରପତିଙ୍କୁ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ସ୍ୱାଗତ କରି ଜାତୀୟ ପ୍ରତିଷ୍ଠାନର ସଫଳତା ଉପରେ ଆଲୋକପାତ କରିଥିଲେ। ଏମ୍ସର ଅଧ୍ୟକ୍ଷ ଡକ୍ଟର ଶୈଳେଶ କୁମାର ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏମ୍ସର ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ୧୭ଜଣ ଡାକ୍ତରୀ ଛାତ୍ରଛାତ୍ରୀ, ଜଣେ ଏମ୍‌ଡି/ଏମ୍‌ଏସ, ଜଣେ ଡିଏମ୍/ଏମ୍ସିଏଚ୍, ୩ ଜଣ ବିଏସ୍ସି ନର୍ସିଂ, ୭ ଜଣ ବିଏସ୍ସି ପାରାମେଡିକାଲ୍, ଦୁଇ ଜଣ ଏମ୍‌ଏସସି ନର୍ସିଂ ଛାତ୍ରଛାତ୍ରୀଙ୍କ ସମେତ ୩୧ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଚିତଲୁରୀ ନେହା ଓ ମେଧା ମେନନଙ୍କୁ ଶ୍ରେଷ୍ଠ ବିଦାୟୀ ଏମବିବିଏସ୍ ସ୍ନାତକ ଭାବରେ ପୁରସ୍କୃତ କରାଯାଇଥିବା ବେଳେ ମୃଣ୍ମୟୀ ମଣ୍ଡଳ ଓ ପ୍ରିୟଙ୍କା ସିଂହଙ୍କୁ ଶ୍ରେଷ୍ଠ ବିଏସସି (ଅନର୍ସ) ନର୍ସିଂ ସ୍ନାତକ ଭାବରେ ବିବେଚିତ କରାଯାଇଛି।

# ଦାନ୍ତ ପାଇଁ ଦନ୍ତାକୁ ହତ୍ୟା

ତେଲକୋଇ, ୧୪।୭ (ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ସଲେଇକେନା ସଂରକ୍ଷିତ ଜଙ୍ଗଲର ଭାଡ଼ିମରା ଚେକ୍‌ଡ୍ୟାମ ନିକଟସ୍ଥ



ବିଛାଖଣି ଜଙ୍ଗଲରେ ଗୋଟିଏ ହାତୀର ଗଳିତ ମୃତଦେହ ଉଦ୍ଧାର ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀକୁ ଶିକାର କରାଯାଇ ତା'ର ଦାନ୍ତ ଚୋରି କରାଯାଇଥିବା ଅଭିଯୋଗ ହୋଇଛି। ତେବେ ହାତୀର ମୃତ୍ୟୁ ଦୀର୍ଘ ଏକ ମାସ ପୂର୍ବେ ହୋଇଥିବା ବେଳେ ବନ ବିଭାଗ ପାଖରେ ଖବର ନଥିବା ପରିତାପର ବିଷୟ ହୋଇଛି। ମୃତ ହାତୀର ବୟସ ପାଖାପାଖି ୭ରୁ ୮ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ଖବର ପାଇ ତେଲକୋଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିଛି। ବନ ବିଭାଗର

- ଗଳିତ ମୃତଦେହ ଠାବ
- ଦାନ୍ତ ପାଇଁ ଶିକାର ହୋଇଥିବା ସନ୍ଦେହ

ଦାୟିତ୍ୱହୀନତା ଯୋଗୁଁ ତେଲକୋଇରେ ହାତୀ ମୃତ୍ୟୁ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ତେଲକୋଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ହାତୀପଲ ଉପଦ୍ରବ ଚଳାଉଥିବା ବେଳେ ଚାଷୀଙ୍କ ଫସଲ ବ୍ୟାପକ କ୍ଷତି କରୁଛନ୍ତି। ବନବିଭାଗ ହାତୀ ଉପରେ କଡ଼ା ନଜର ରଖୁଥିବା କହୁଥିବା ବେଳେ ତେଲକୋଇରେ ଗୋଟିଏ ପରେ ଗୋଟିଏ ହାତୀର ମୃତ୍ୟୁ ବନ ବିଭାଗର ପାରିବା ପଣିଆକୁ ପଦାରେ ପକାଇଛି। ଅନ୍ୟପଟେ ଜିଲ୍ଲା ବନଖଣ୍ଡ ଅଧିକାରୀ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଛି।

# ବିଦ୍ୟୁତ୍ ଆଘାତରେ ମାଈହାତୀ ମୃତ

ଢେଙ୍କାନାଳ/ହିନ୍ଦୋଳ/ଖଜୁରିଆକଟା,୧୪।୭(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ବାରିହାରଗଡ଼ି ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଏକ ମାଈ ହାତୀର ମୃତ୍ୟୁ ଘଟିଛି। ବନବିଭାଗ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏହି ଘଟଣାରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ପ୍ରଭାକର ସାହୁ (୫୫)।



ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜ ଖଜୁରିଆକଟା ସେକ୍ସନ ସରାସିଂହ ବିଟ୍ ବାରିହାରଗଡ଼ି ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାଈହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଖବର ପାଇ ଡାକ୍ତର ମନୋଜ ଭି ନାୟାରଙ୍କ ସହ ଅନୁଗୋଳ ଆରସିସିଏଫ ଡା. ସଞ୍ଜୟ କୁମାର ସ୍ୱାଇଁ, ଡିସିଏଫ ଜେଟିଏଫ ବିବେକ କୁମାର, ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର, ହିନ୍ଦୋଳ ରେଞ୍ଜ ଅଧିକାରୀ ପ୍ରମୁଖ ଗ୍ରାମରେ ପହଞ୍ଚି ହାତୀ ମୃତଦେହ ଜବତ କରିବା ସହିତ ତଦନ୍ତ କରିଥିଲେ। ୩ଜଣ ପ୍ରାଣୀ ଚିକିତ୍ସକ ମୃତଦେହ ବ୍ୟବଚ୍ଛେଦ କରିବା ପରେ ତାକୁ ପୋତି ଦିଆଯାଇଥିଲା। ହାତୀ ଉପଦ୍ରବରୁ ନିଜ ଫସଲକୁ ସୁରକ୍ଷା ଦେବାକୁ ପ୍ରଭାକର ସୌର ତାରବାଡ଼ ନିର୍ମାଣ କରିଥିଲେ। ତେବେ ସୌର ବାଡ଼ ଅଚଳ ହୋଇପଡ଼ିବାରୁ

## ଜଣେ ଗିରଫ

ନିକଟରେ ଯାଇଥିବା ଏଲଟି ଲାଇନକୁ ତାରବାଡ଼ରେ ସଂଯୋଗ କରିଥିଲେ। ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୯ ବର୍ଷର ମାଈ ହାତୀର ମୃତ୍ୟୁ ଘଟିଥିବା ତଦନ୍ତରୁ ଜଣାପଡ଼ିଥିଲା। ବନ ବିଭାଗ ପ୍ରଭାକରଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

## ଚମ୍ପୁଆରେ ହାତୀ ଉପଦ୍ରବ

# ୨ ରାତିରେ ଭାଙ୍ଗିଲେଣି ୨୨ ଘର

ଚମ୍ପୁଆ, ୧୪।୭(ସମିସ): ଚମ୍ପୁଆ ବନାଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଗତ ଶୁକ୍ରବାର ରାତିରେ ହାତୀପଲ ପତଳା ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ବେଳେ ଗତରାତିରେ ବଡ଼ନଈ ପଞ୍ଚାୟତରେ ପ୍ରାୟ ୧୨ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ଜଣାଯାଇଛି।

- ହାତୀ ଭୟରେ ଗ୍ରାମବାସୀ ରାତି ଉଜାଗର
- ଧନଜୀବନ ସୁରକ୍ଷାରେ ବନବିଭାଗ ବିଫଳ



ଖାଦ୍ୟ ଅନ୍ୱେଷଣରେ ଆସୁଥିବା ଏହି ହାତୀପଲ ରାତିଅଧିଆ ଗାଁ ଭିତରକୁ ପଶୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଲାଗି ରହିଛି। ଏପରିକି, ହାତୀ ଭୟରେ ସେମାନେ ରାତିରାତି ଉଜାଗର ରହୁଥିବା ଦେଖାଯାଉଛି।

ସୂଚନାନୁଯାୟୀ, ଚମ୍ପୁଆ ସେକ୍ସନ ଅନ୍ତର୍ଗତ ବଡନଈ ପଞ୍ଚାୟତର ଗମ୍ଭାରିଆ, ସାନନଈ, ବରାବାଡ଼ିଆ, ଧୁଡାସାହି, ରଜିଆ ପଂଚାୟତର ପତଳା ଆଦି ଗ୍ରାମ ନିକଟରେ ଏକ ହାତୀପଲ ଘୂରୁ ବୁଲୁଛନ୍ତି। ଦିନ ବେଳା ସେମାନେ ପାଖ ଜଙ୍ଗଲକୁ ପଳାଉଥିବା ବେଳେ ରାତିରେ ଜନବସତିମୁହାଁ ହେଉଛନ୍ତି। ଲୋକଙ୍କ ଘର ଭାଙ୍ଗିବା ସହ ଧାନ, ଚାଉଳ ଖାଇ ଯାଉଛନ୍ତି। କିନ୍ତୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବନ ବିଭାଗ ସେମାନଙ୍କୁ ଘଉଡ଼ାଇବା ଦିଗରେ କୌଣସି ପଦକ୍ଷେପ ନେଉନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏନେଇ ଚମ୍ପୁଆ ଏସିଏଫ୍ ଅକ୍ଷୟ ଛତ୍ରିଆ କହିଛନ୍ତି, ବନ ବିଭାଗର ଏକ ଦଳ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛି। ସଂପୂର୍ଣ୍ଣ ଭାଙ୍ଗିଯାଇଥିବା ଘରଗୁଡ଼ିକ ଚିହ୍ନଟ କରାଯାଇ ଆବାସ ଯୋଜନାରେ ସାମିଲ କରାଯିବା ସହ ଆଂଶିକ ଭାଙ୍ଗିଥିବା ଘରଗୁଡ଼ିକୁ ତୁରନ୍ତ ପଲିଥିନ୍ ଯୋଗାଇ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସହାୟତା ରାଶି ପ୍ରଦାନ କରାଯିବ। କିନ୍ତୁ, ଦୁଃଖର ବିଷୟ ହେଲା, ସହାୟତା ରାଶି ପାଇବା ପର୍ଯ୍ୟନ୍ତ ଉଜୁଡ଼ିଯାଇଥିବା ଘରର ପରିବାରଲୋକେ ଏବେ ଲଗାଣ ବର୍ଷାରେ କିପରି ପଲିଥିନ ତଳେ କିପରି ରହିବେ, ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

- ପ୍ରଯୋଜକଙ୍କୁ ବ୍ଲାକମେଲିଂ ମାମଲାର ଶୁଣାଣି ଆରମ୍ଭ

# ସାକ୍ଷ୍ୟ ଦେଲେ ଅକ୍ଷୟ ପରିଜା ଓ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୨।୭(ସମିସ): ଚଳଚ୍ଚିତ୍ର ପ୍ରଯୋଜକ ତଥା ପ୍ରତିଷ୍ଠିତ ବ୍ୟବସାୟୀ ଅକ୍ଷୟ ପରିଜାଙ୍କୁ ବ୍ଲାକମେଲ ଓ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ନେଇ ୨୦୨୩ ମସିହାରେ ହୋଇଥିବା ମାମଲାର ଟ୍ରାଏଲ ଆରମ୍ଭ ହୋଇଛି। ଆଜି ଭୁବନେଶ୍ୱର ସହକାରୀ ସେସନସ ଜଜ୍ ତଥା ସିଜେଏମ ଅଦାଲତରେ ଏହି ମାମଲାର ଟ୍ରାଏଲ ଆରମ୍ଭ ହୋଇଛି। ମାମଲାରେ ୨ ଜଣ ଅଭିଯୋଗକାରୀ ଅକ୍ଷୟ କୁମାର ପରିଜା ଓ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ବୟାନ ରେକର୍ଡ କରାଯାଇଛି। ଅଦାଲତରେ ସାକ୍ଷ୍ୟଗ୍ରହଣ ବେଳେ ଅଭିଯୁକ୍ତା ଅର୍ଚ୍ଚନା ନାଗ ମଧ୍ୟ ଉପସ୍ଥିତ ଥିଲେ। ୨୦୨୩ ମସିହାରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ବ୍ଲାକମେଲିଂ କରୁଥିବା ନେଇ ଅର୍ଚ୍ଚନା ନାଗଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଗିରଫ କରିଥିଲା। ଅର୍ଚ୍ଚନା ନାଗ ଏହି ମାମଲାରେ ଏବେ ଜାମିନରେ ଅଛନ୍ତି ।

ଏ ସମ୍ପର୍କରେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ରତ୍ନାକର ନାୟକ କହିଛନ୍ତି ଯେ ଆଜି ମାମଲାର ଶୁଣାଣି ବେଳେ ଏତଲାକାରୀ ଅକ୍ଷୟ କୁମାର ପରିଜା ଓ ଶ୍ରଦ୍ଧାଞ୍ଜଳି ବେହେରା ନିଜ ନିଜ ପକ୍ଷ ରଖିଛନ୍ତି। ସେହିପରି ଅଭିଯୋଗକାରୀ ଅକ୍ଷୟ ପରିଜା କହିଛନ୍ତି ଯେ ପ୍ରତିଷ୍ଠିତ ଲୋକଙ୍କୁ ବ୍ଲାକମେଲିଂ କରିବା ଓ ନିଜକୁ ଆଇନଜୀବୀ ଭାବରେ ପରିଚୟ ଦେଇ ଟଙ୍କା ଅସୁଲ ଲାଗି କିଛି ଛଦ୍ମବେଶୀ ଘୂରି ବୁଲୁଛନ୍ତି। ନାମ ଓ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେଉଥିଲେ ମଧ୍ୟ ପୁଲିସ, ଅଦାଲତ ଓ ନ୍ୟାୟ ବ୍ୟବସ୍ଥା ଉପରେ ମୋର ଭରସା ଅଛି । ଦିନେ ନା ଦିନେ ସତ୍ୟର ଜୟ ହେବ, ଚକ୍ରାନ୍ତକାରୀଙ୍କ ମୁଖା ଖୋଲିବ । ଦୁବାଇରେ ରହୁଥିଲେ ମଧ୍ୟ ଜଣେ ଏତଲାକାରୀ ଭାବରେ ଭୁବନେଶ୍ୱରରେ ଆସି ପହଞ୍ଚିଛି, ଆଜି ସାକ୍ଷ୍ୟ ଦେଇଛି। ଆଜି ଯେହେତୁ ଶୁଣାଣି ଆରମ୍ଭ ହେଲା, ମୁଁ ଏଥିପାଇଁ ଧୈର୍ଯ୍ୟର ସହ ଅପେକ୍ଷା କରିଛି ବୋଲି ଶ୍ରୀ ପରିଜା କହିଛନ୍ତି ।

## ମହିଳା ବିରୋଧୀ ହିଂସା

# ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

ଭୁବନେଶ୍ୱର,୧୨।୭(ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ବିଜୁ ମହିଳା ଜନତା ଦଳର ୩ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟରେ ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଉଥିବା ମହିଳା, ଛାତ୍ରୀ ଓ ନାବାଳିକା ବିରୋଧୀ ହିଂସା ଘଟଣାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।



ପ୍ରତିନିଧି ଦଳର ଅଭିଯୋଗ ଅନୁଯାୟୀ ଫକୀର ମୋହନ ସ୍ୱୟଂଶାସିତ କଲେଜର ଜଣେ ବିଇଡି ଛାତ୍ରୀଙ୍କୁ ନିଜ ବିଭାଗୀୟ ପ୍ରଫେସର ଦୀର୍ଘ ୬ ମାସ ଧରି ମାନସିକ ନିର୍ଯାତନା ଦେବା ସହ ଶାରୀରିକ ଅନୁଗ୍ରହ ପାଇଁ ବାଧ୍ୟ କରୁଥିଲେ । ଛାତ୍ରୀ ଜଣକ କଲେଜ ଅଧ୍ୟକ୍ଷ, ସ୍ଥାନୀୟ ସାଂସଦ, ଓ ପୁଲିସଙ୍କୁ ଜଣାଇଲା ପରେ ମଧ୍ୟ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ଜୁଲାଇ ୧ ତାରିଖରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ଛାତ୍ରୀ ଜଣଙ୍କ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ଅଭିଯୋଗ କରିବା ସହ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲେ । ମାତ୍ର କେହି ଶୁଣିଲେ ନାହିଁ। ପ୍ରଶାସନ, ପୁଲିସ ଓ ସରକାରଙ୍କ ପକ୍ଷରୁ କୌଣସି ସହାୟତା ନ ମିଳିବାରୁ ଜୁଲାଇ ୧୨ ତାରିଖ ଦିନ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସାମ୍ନାରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କଲେ ଓ ଏବେ ଜୀବନମରଣ ସହ ସଂଗ୍ରାମ କରୁଛନ୍ତି। ଜୁନ ୧୫ ତାରିଖ ରଜ ସଂକ୍ରାନ୍ତିରେ ଗୋପାଳପୁର ବେଳାଭୂମିକୁ ନିଜ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରୀଙ୍କୁ ନିଜ ବନ୍ଧୁଙ୍କ ସାମ୍ନାରେ ୧୦ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କଲେ। କିଛି ଦିନ ତଳେ ଶାସକ ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଯେଉଁଭଳି ବ୍ୟକ୍ତିଗତ ଚରିତ୍ର

- ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓଡ଼ିଶାର ଛବିକୁ ମଳିନ କରିଛି
- ସରକାରଙ୍କଠାରୁ ନ୍ୟାୟ ନ ପାଇ ଆତ୍ମାହୁତି ଦେଇଛନ୍ତି ଏଫ୍‌ଏମ୍ ଛାତ୍ରୀ
- ଘଟଣା ସମ୍ପର୍କରେ ଜାଣିଥିଲେ ସାଂସଦ, ବିଧାୟକ, ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

ସଂହାର କରି କୁତ୍ସିତ ଓ ଅଶୋଭନୀୟ ଭାଷା ବ୍ୟବହାର କଲେ ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ପୁଲିସ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନ କରିବା ଶାସକ ଦଳ ଓ ସରକାରଙ୍କ ମାନସିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। କେନ୍ଦୁଝର ଜିଲ୍ଲା ତେନ୍ତେଲାପଶି ଗ୍ରାମରେ ଏକ ୧୭ ବର୍ଷର ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ ପରେ ହତ୍ୟା କରି ଗଛରେ ଟାଙ୍ଗି ଦେବା ଘଟଣା ସାରା ରାଜ୍ୟକୁ ବିଚଳିତ କରିଥିଲା। ରାଜ୍ୟରେ ଆଦିବାସୀ ଓ ଦଳିତ ନାବାଳିକା ଏବଂ ମହିଳାଙ୍କ ଉପରେ ଅତ୍ୟାଚାର ଉଦ୍ବେଗଜନକ ଭାବେ ଗତ ୧ ବର୍ଷ ମଧ୍ୟରେ ବଢିଚାଲିଛି। ଗତ ଏକ ବର୍ଷ ମଧ୍ୟରେ ମହିଳା, ଛାତ୍ରୀ ଓ ଶିଶୁ ବିରୋଧୀ ହିଂସାକୁ ନେଇ ୨୮ ହଜାର ମାମଲା ରୁଜୁ ହୋଇଛି। ପ୍ରତ୍ୟେକ ଦିନ ରାଜ୍ୟରେ ହାରାହାରି ୧୫ଟି ଦୁଷ୍କର୍ମ ଘଟଣା ଘଟିବା ରାଜ୍ୟର ମହିଳା ବିରୋଧୀ ହିଂସାକୁ ଦର୍ଶାଉଛି। ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଓ ସଦସ୍ୟା ପଦ ଏକ ବର୍ଷ ହେଲା ଖାଲିପଡିଛି ବୋଲି ପ୍ରତିନିଧି ଦଳ କହିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ସାଂସଦ ସୁଲତା ଦେଓ ସାମିଲ ଥିଲେ।

# ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

**ବଡ଼ଚଣା,୧୪ା୭ (ସମିସ):** ଅଜଣା ଗାଡି ଧକ୍କାରେ ଜଣେ ବାଇକ ଚାଳକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତ୍ୟୁବରଣ କରିଥିବା ଏହି ବାଇକ୍ ଚାଳକ ଯୁବକ ଜଣକ ହେଉଛନ୍ତି ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର କୁଶାସନ ସାହୁଙ୍କ ପୁଅ ଅନିଲ ସାହୁ (୨୩)। ସୂଚନା ମୁତାବକ ଅନିଲ ଗତକାଲି ବିଳମ୍ବିତ ରାତିରେ ନିଜ ବାଇକ ଯୋଗେ କଟକରୁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଘରକୁ ଫେରୁଥିବା ବେଳେ ଏହି ରାଜପଥର କଡ଼େଇ ଛକ ନିକଟରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା।



ଏହି ଦୁର୍ଘଟଣାରେ ଅନିଲ ଗୁରୁତର ଆହତ ହୋଇ ରାସ୍ତା କଡ଼କୁ ଛିଟିକି ପଡି ମୃତ୍ୟୁବରଣ କରିଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ବଡ଼ଚଣା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନିଲଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ଅନିଲଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏନେଇ ଥାନା କେଶ ନମ୍ବର ୨୨୮/୨୫ରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ଅନିଲଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ତେବେ ଗତ ଦୁଇ ଦିନ ତଳେ ଧାନମଣ୍ଡଳ ଗ୍ରାମର ଧନେଶ୍ୱର ନାୟକ ନାମକ ଜଣେ ଯୁବକ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ବେଳେ ଗତକାଲି ଏହି ଗ୍ରାମର ଅନିଲଙ୍କ ଅକାଳ ନିଧନ ଖବରରେ ଧାନମଣ୍ଡଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଗାଁ ରାସ୍ତାରେ ଲହଡ଼ି ମାରୁଛି ବର୍ଷା ପାଣି

**ଧର୍ମଶାଳା,୧୪ା୭ (ସମିସ):**



ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତର ସେରପୁର ଗାଁ ରାସ୍ତାରେ ଲହଡ଼ି ମାରୁଛି ବର୍ଷା ପାଣି। ଅସରାୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଜମି ରହୁଛି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ଗାଁରେ ବହୁ ପୁରାତନ ଦୁର୍ଗାମନ୍ଦିର ରହିଛି। ପ୍ରତ୍ୟେକ ବର୍ଷ ଧୁମ୍‌ଧାମରେ ପାଞ୍ଚ ଦିନ ଧରି ଏହି ପୂଜା କରାଯାଇଥାଏ। କିନ୍ତୁ ବିଡମ୍ବନାର ବିଷୟ ସେହି ଦୁର୍ଗା ମନ୍ଦିର ସମ୍ମୁଖରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଜମି ରହୁଛି। ଆଉ ଅଳ୍ପ ଦିନ ଦୁର୍ଗା ପୂଜା ରହି ଥିବା ବେଳେ ଏଭଳି ସ୍ଥିତି ଗ୍ରାମବାସୀଙ୍କ ଚିନ୍ତାର ବିଷୟ ପାଲଟିଛି। ସେହିପରି ଏହି ମନ୍ଦିରକୁ ଲାଗି ରହିଛି ଅଙ୍ଗନବାଡ଼ି କେନ୍ଦ୍ର। ଏହି କେନ୍ଦ୍ରକୁ ସୋମବାରରୁ ଶନିବାର କୁନିକୁନି ପିଲା ପାଠ ପଢ଼ିବା ପାଇଁ ଆସିଥାନ୍ତି। କିନ୍ତୁ ରାସ୍ତା ଉପରେ ଥିବା ପାଣିରେ ପଶି ଓଦା ହୋଇ ଅଙ୍ଗନବାଡ଼ି କେନ୍ଦ୍ରରେ ପିଲା ପହଞ୍ଚୁ ଥିବା ଅଭିଯୋଗ ହୋଇଛି। ସେହିପରି ଏହି ଗାଁ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ର, ଇଣ୍ଡିଆନ ପୋଷ୍ଟ ସେବା ଭଳି ଅତି ଆବଶ୍ୟକୀୟ ସେବା ରହିଥିବା ବେଳେ ଲୋକେ ବ୍ୟାଙ୍କ ସମ୍ବନ୍ଧିୟ କାର୍ଯ୍ୟ ଓ ପୋଷ୍ଟ ଅଫିସ କାର୍ଯ୍ୟରେ ଆସିଥାନ୍ତି। ଏଠାରେ ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷା ଦିନରେ ଗାଁ ରାସ୍ତାରେ ପାଣି ଜମି ରହୁଛି। ଫଳରେ ଲୋକେମାନେ ଯାତାୟତ କରିବାରେ ଅନେକ ସମସ୍ୟା ଭୋଗୁଛନ୍ତି। ଏହା ସରପଞ୍ଚଙ୍କ ନିଜ ଗାଁ।

ସୂଚନା ମୁତାବକ ପାଖାପାଖି ଦୁଇ ବର୍ଷ ପୂର୍ବରୁ ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା। ସେହି ସମୟରେ ଗାଁ ମଧ୍ୟରେ ରାସ୍ତା ପାଖର୍ ଫାଙ୍କା ଥିବାରୁ ବର୍ଷା ହେଲେ ପାଣି ବୋହି ପାଖ ବିଲକୁ ଚାଲି ଯାଉଥିଲା। କିନ୍ତୁ ସମୟ କ୍ରମେ ଗ୍ରାମରେ ଏବେ ଅନେକ ନୂତନ ଘର ହେବା ସହ ପାଚେରି ମଧ୍ୟ ନିର୍ମାଣ କରାଯାଇଛି। ଯାହା ଫଳରେ ପାଣି ନିଷ୍କାସନ ନହୋଇ ରାସ୍ତା ଉପରେ ଜମି ରହୁଛି। ରାସ୍ତାରେ ପାଣି ଜମିରହିବା ଫଳରେ ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ ଯାତାୟତ କରିବାକୁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ଜମା ହୋଇ ରହିବା ଫଳରେ ଅପରିଷ୍କାର ପରିବେଶ ସହ ମଶା ମାଛିଙ୍କ ଉପଦ୍ରବ ବଢିବାରେ ଲାଗିଛି। ଛୋଟ ଛୋଟ ପିଲାମାନେ ଜମିରହୁଥିବା ଅସନା ପାଣିରେ ଖେଳ କୁଦ କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଆଉ କିଛି ପିଲା ସ୍କୁଲକୁ ପାଣିରେ ପଶି ଯାତାୟତ କରିବା ଫଳରେ ଥଣ୍ଡା, ଜ୍ୱର ଓ କୁଣ୍ଡିଆ ଆଦି ରୋଗରେ ପୀଡ଼ିତ ହେଉଛନ୍ତି। ତେବେ ରାସ୍ତା ଉପରେ ଜମି ରହୁଥିବା ବର୍ଷା ପାଣି ନିଷ୍କାସନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଦାବି କରାଯାଇଛି।

■ ଓଏମ୍‌ସି ମାଟି ଡମ୍ଫ ଧସିଲା

# ଧାନ କିଆରିରେ ମାଡ଼ିଗଲା ପଙ୍କ ମାଟି

**କାଳିଆପାଣି,୧୪ା୭ (ସମିସ):** ସୁକିନ୍ଦା ବ୍ଲକ୍ କାଳିଆପାଣି ଅଞ୍ଚଳରେ ଓଏମ୍‌ସି ମାଟି ଡମ୍ଫ ଧସି ଶହ ଶହ ଏକର ଧାନ କ୍ଷେତରେ ନିକେଲ ମାଟି ଓ ଗୋଳିଆ ପାଣି ଚଢି ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଫଳରେଯ ସୁକୁରିଙ୍ଗି ଓ ସାରୁଆବିଲ୍ ଗାଁର ଇନ୍ଦ୍ରମଣି ପ୍ରଧାନ, ରମାକାନ୍ତ ପ୍ରଧାନ, କଳାକର ପ୍ରଧାନ, ବେଣୁଧର ପ୍ରଧାନ, ରୋହିତ ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, କାଇଚା ପ୍ରଧାନ, ନବ ପ୍ରଧାନଙ୍କ ରୁଆ ଧାନ କ୍ଷେତରେ ଫସଲ ନଷ୍ଟ ହୋଇଛି। କମ୍ପାନୀ କର୍ତ୍ତୃପକ୍ଷ ଏକ ପ୍ରୋକଲିନ ମେସିନ୍ ପଠେଇ ମାଟି ଉଠାଇବା କାମ କରିବାକୁ ଆସିଥିଲେ। କିନ୍ତୁ ଗାଁ ଲୋକ ଓ କ୍ଷତିଗ୍ରସ୍ତ ଚାଷୀ ମନାକରିଥିଲେ। ପ୍ରଥମେ କ୍ଷୟକ୍ଷତିର ଆକଳନ କରିବାକୁ ଚାଷୀମାନେ ଦାବି କରିଥିଲେ। ଏ ସଂପର୍କରେ ଓଡ଼ିଶା ଖଣି ନିଗମର ଅଧଫକାରୀ ଆଶିଷ କୁମାର ସାମନ୍ତ ରାୟଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।



● ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା

# ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ



**ଯାଜପୁର,୧୪ା୭ (ସମିସ):** ବାଲେଶ୍ୱର ଫକିର ମୋହନ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅଧ୍ୟାପକଙ୍କ ଅସଦାଚରଣ ଓ ନିର୍ଯାତନା ଯୋଗୁ ଛାତ୍ରୀ ଜଣକ ଆତ୍ମାହୁତି ଦେଇ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହାକୁ ନେଇ ସମଗ୍ର ରାଜ୍ୟରେ ବିରୋଧୀ ଶାସକ ଦଳ ଉପରେ ଦୋଷ ଲଦୁଥିବା ବେଳେ ଯାଜପୁର କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ଆଜି ଏନ୍‌ସି କଲେଜ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଛାତ୍ର କଂଗ୍ରେସର ସଭାପତି ଅନୁପମ ମଲ୍ଲିକ ଓ ଯୁବ କଂଗ୍ରେସର କୁମାର ଆଶୁତୋଷଙ୍କ ପ୍ରତିନିଧିତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ସତ୍ୟବ୍ରତ ନାୟକ, ରବି ପ୍ରକାଶ ନାୟକ, ସମୀର ବାରିକ, ଆଶିଷ କୁମାର ମଲ୍ଲିକ, ସୁଜିତ ମଲ୍ଲିକ, ସୂର୍ଯ୍ୟମଣି ଖିଲାର, ଯଯାତୀ କେଶରୀ ନାୟକ, ଅନନ୍ତ ପଣ୍ଡା, ହିମାଂଶୁ ନାୟକ, ଚିତ୍ତରଞ୍ଜନ ନାୟକ, ଚନ୍ଦନ ନାୟକ, ହୃଦାନନ୍ଦ ଦାସ, ଆନନ୍ଦ ବାରିକ, ପ୍ରକାଶ ଜେନା, ଗୟାଧର ନାୟକ, ବିରଞ୍ଚି ସ୍ୱାଇଁ, ସୁପ୍ରଶନ୍ନ ନାୟକ ଯୋଗ ଦେଇଥିବା ବେଳେ ଜିଲ୍ଲା କଂଗ୍ରେସ ପକ୍ଷରୁ ସନ୍ତୋଷ ନନ୍ଦ, ଗଦାଧର ଜେନା, ଦୁର୍ଯ୍ୟୋଧନ ବେହେରା, ଭାସ୍କର ମହାନ୍ତି, ସଂଗ୍ରାମ ସାହାଣୀ, ବିଭୂତି ମହାପାତ୍ର, ବିଳାସ ରାଉତ, ନକୁଳଦେବ ସାହୁ, ବିଜୟ ମହାପାତ୍ର, ଦେବାଶିଷ ସାମଲ, ସନ୍ଦିପ କର, ଅନନ୍ତ ଜେନା ପ୍ରମୁଖ ବିକ୍ଷୋଭରେ ଯୋଗ ଦେଇଥିଲେ।

# ବନ୍ୟାଞ୍ଚଳ ବୁଲିଲେ ବ୍ଲକ କୃଷି ଅଧିକାରୀ

**ମଙ୍ଗଳପୁର,୧୪ା୭ (ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷା ଓ ବୈତରଣୀ, କାଣୀ ନଦୀରେ ବନ୍ୟା ଆସିବା ଫଳରେ ଦଶରଥପୁର ବ୍ଲକସ୍ଥ ମଲ୍ଲୀକାପୁର, ଦୁଦୁରାଅନ୍ତା, ଦଡ଼ପୁର, କୟାଁ, କମାରଡିହି, ଖାନନଗର ଆଦି ପଞ୍ଚାୟତ ଗୁଡିକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗଜା ଧୋଇ ସହିତ ଅଛରା ଯାଇଥିବା କ୍ଷେତ ଧୋଇଯାଇଛି। ଏ ସମସ୍ତ ଅଞ୍ଚଳ କଣ୍ଟପଡା ଠାରେ କାଣୀ ନଦୀର ବନ୍ଧ ନଥିବାରୁ କୂଳ ବୁଡି ଚାଷ କ୍ଷେତ ନଷ୍ଟ କରିଛି। ୧୫ଦିନରୁ ଉର୍ଦ୍ଧ ହେବ ବନ୍ୟା ଜଳରେ ବୁଡି ରହିଥିବାରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି କ୍ଷେତ। ଉକ୍ତ ପଞ୍ଚାୟତ ଗୁଡିକର ପ୍ରାଥମିକ କ୍ଷୟ କ୍ଷତି ଆକଳନ କରିବା ପାଇଁ ଦଶରଥପୁର ବ୍ଲକ କୃଷି ଅଧିକାରିଣୀ ସ୍ୱାଗତିକା ମିଶ୍ର, ବ୍ଲକ ଅତିରିକ୍ତ କୃଷି ଅଧିକାରୀ ଶୁଭ୍ରଜ୍ୟୋତି ବେହେରା, ଭିଏଲଡବ୍ଲୁ ସମୀର ସୋରେନ, ଏଟିମ ସୁଧାଂଶୁ ନାୟକ, ଏଟିମ ମହାପ୍ରସାଦ ମହାପାତ୍ର ପ୍ରମୁଖ କୃଷି କ୍ଷେତ ପରିଦର୍ଶନ କରିଥିଲେ। କଣ୍ଟପଡା, କୁଅଁରସାହି, ଅର୍ଦ୍ଧାଉଳିଆ, ଦଡ଼ପୁର, ନାରାୟଣପୁର ସମେତ କୟାଁ, କମାରଡିହ ପଞ୍ଚାୟତ ବୁଲି ଦେଖିଥିଲେ। ଚାଷୀମାନଙ୍କ ସମସ୍ୟା ଉପସ୍ଥାପନ କରିବା ସହ ତଳି ଓ ଗଜା ଧୋଇ ପରେ ଚାଷୀଙ୍କ ନିକଟରେ ବିହନ ସମସ୍ୟା ଥିବାରୁ ଚାଷୀଙ୍କୁ ସରକାରଙ୍କ ତରଫରୁ ବିହନ ଯୋଗାଇଦେବା ପାଇଁ ଦୁଦୁରାଅନ୍ତା ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ରଶ୍ମିରଞ୍ଜନ ସେଠୀ, ପ୍ରାକ୍ତନ ସରପଞ୍ଚ ହିମାଦ୍ରି ଭୂଷଣ କୁଅଁର, ଦଡ଼ପୁର ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ମନୋରଞ୍ଜନ ପରିଡା, କମାରଡ଼ିହି ସମିତିସଭ୍ୟା ସଜନୀ ଯେନା, ଦୀନବନ୍ଧୁ ରାଉତ, ଅଶୋକ ମଲ୍ଲିକ, ଦଡ଼ପୁର ପଞ୍ଚାୟତ ପ୍ରାକ୍ତନ ସମିତି ସଭ୍ୟ ତଥା ଯୁବ ଚାଷୀ ବାବୁରାମ ମଲ୍ଲିକ, ପ୍ରକାଶ ନାୟକ, ଅଧୀର ଭୂୟାଁ, ଅଜୟ କୁମାର ରାଉତ, ଚିତ୍ତରଞ୍ଜନ କୁଅଁର, ଦୁଦୁରାଅନ୍ତା ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଶିଶିର ରାଉତ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ତଥା ଦୁବକଣ ଗ୍ରାମର ଯୁବ ଚାଷୀ ଜୟପ୍ରକାଶ ନାୟକ, କମାରଡିହ ପଞ୍ଚାୟତ ପ୍ରାକ୍ତନ ସମିତି ସଭ୍ୟ ମଳୟ କୁମାର ପଣ୍ଡା ପ୍ରମୁଖ ବ୍ଲକ କୃଷି ଅଧିକାରିଣୀଙ୍କ ନିକଟରେ ଦାବି କରିଛନ୍ତି।



■ ନବବଧୂକୁ ହତ୍ୟା ଅଭିଯୋଗ

# ସ୍ୱାମୀ ଥାନାରେ ଅଟକ

**ଧର୍ମଶାଳା,୧୪ା୭ (ସମିସ):** ଧର୍ମଶାଳା ଥାନା ପଟୁଣିଆ ପଞ୍ଚାୟତ ଗଲଗଲି ଶଙ୍ଖ ଗ୍ରାମରେ ଜଣେ ନବବଧୂକୁ ତାର ଶାଶୂଘର ଲୋକେ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଏହି ଥାନା ଅଚ୍ୟୁତପୁର ଗ୍ରାମର ହରିହର ବାରିକଙ୍କ ସାନ ଝିଅ କିରଣପ୍ରଭା ବାରିକଙ୍କ ଶଙ୍ଖ ଗ୍ରାମର ସ୍ୱର୍ଗତ ନରହରି ଜେନାଙ୍କ ପୁଅ ଶ୍ରୀକାନ୍ତ ଜେନାଙ୍କ ସହିତ ଚଳିତ ବର୍ଷ ଜୁନ ମାସ ୪ ତାରିଖରେ ଚଣ୍ଡିଖୋଲସ୍ଥିତ ମହାବିନାୟକ ମନ୍ଦିରରେ ବିବାହ ସମ୍ପନ୍ନ ହୋଇଥିଲା। ତେବେ ବିବାହ ପୂର୍ବରୁ ଉଭୟ ପୁଅ ଝିଅ ପରସ୍ପରକୁ ଭଲ ପାଉଥିଲେ ଏବଂ ବିବାହ କରିବାକୁ ଜିଦ୍ କରି ବସିଥିଲେ। ହେଲେ ପୁଅ



ଖଣ୍ଡାୟତ ଓ ଝିଅ ବାରିକ ଘରର ହୋଇଥିବାରୁ ଉଭୟ ପରିବାର ବିବାହ ପାଇଁ ରାଜି ହୋଇନଥିଲେ। ହେଲେ ପୁଅ ଝିଅ ଉଭୟେ ବିବାହ ପାଇଁ ଜିଦ୍ ଧରିବାରୁ ମନ୍ଦିରରେ ବିବାହ ହୋଇଥିଲା। ବିବାହ ପରେ ଝିଅକୁ ତାର ବାପଘର ସହିତ କଥା ହେବା ଲାଗି ଝିଅର ଶାଶୂଘର ଲୋକେ ବାରଣ କରିଥିଲେ। ଏପରିକି ଝିଅକୁ ତାର ବାପ ଘରକୁ ନ ଯିବା ଲାଗି ତାଗିଦ କରିଥିଲେ। ବିବାହ ସମୟରେ କନ୍ୟା ପିତା ସମସ୍ତ ଯାନିଯୌତୁକ ଦେଇଥିବା ବେଳେ ଶାଶୂଘର ଲୋକେ ଅଧିକ ଯୌତୁକ ଆଣିବାକୁ ବୋହୂ ଉପରେ ଚାପ ପକାଉଥିଲେ। ଯାହାକୁ ନେଇ ଶାଶୂଘର ଲୋକେ ତାକୁ ହତ୍ୟା କରି ଘରେ ଟାଙ୍ଗି ଦେଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛନ୍ତି ବୋଲି ଝିଅର ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ୪୨୨/୨୫ରେ ଏକ ହତ୍ୟାମାମଲା ରୁଜୁ କରି ମୃତ କିରଣପ୍ରଭାଙ୍କ ସ୍ୱାମୀ ଶ୍ରୀକାନ୍ତ ଜେନାକୁ ଥାନାରେ ଅଟକ ରଖି ପଚରା ଉଚରା କରିବା ସହ ସାଇଣ୍ଟିଫିକ ଟିମ୍ ସହ ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

# ମହାଲକ୍ଷ୍ମୀ ପୀଠରେ ସନ୍ଥ ପୂଜନ ଉତ୍ସବ

**ପାଣିକୋଇଲି, ୧୪ା୭ (ସମିସ):** ପାଣିକୋଇଲି ଅଳତିରିସ୍ଥିତ ମା' ମହାଲକ୍ଷ୍ମୀପୀଠରେ ଶ୍ରାବଣମାସର ପ୍ରଥମ ସୋମବାର ଅବସରରେ ଏକ ସନ୍ଥ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଦେବଦତ୍ତ ରାୟ ଓ ଗାୟତ୍ରୀ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାବା ଉଦୟନାଥ ପର୍ବତ, ଆନନ୍ଦ ରାଜ, ହରିଓଁ ବାବା, ବଂଶୀ ବାବା, କାହ୍ନା ବାବା, ବ୍ରଜବାବା, ନାଗାଛଡା ବାବା, ଜିତୁ ଦାସଙ୍କ ନେତୃତ୍ୱରେ ୨୫ ମୂର୍ତ୍ତି ସାଧୁସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ପ୍ରତ୍ୟେକ ସାଧୁସନ୍ଥଙ୍କୁ ଖଣ୍ଡୁଆପାଟଦେଇ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ପାଣିକୋଇଲି ଅଞ୍ଚଳର ସମସ୍ତ କାର୍ଯ୍ୟରତ ସମ୍ବାଦିକ ମାନଙ୍କୁ ଖଣ୍ଡୁଆପାଟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ ମଧ୍ୟ କରାଯାଇଥିଲା। ଆଗାମୀ ଦିନରେ କିପରି ମା'ଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯିବ ସେ ନେଇ ସମସ୍ତଙ୍କ ମତାମତ ସହ ଆଲୋଚନା କରାଯାଇଥିଲା। ସାଧୁସନ୍ଥ ଭିକ୍ଷା ଗ୍ରହଣ କରିବା ପରିବର୍ତ୍ତେ ମନ୍ଦିର ନିର୍ମାଣ ପାଇଁ ନିଜର ସମର୍ଥ ଅନୁଯାୟୀ ଭିକ୍ଷା ପ୍ରଦାନ କରିଥିଲେ। କର୍ତ୍ତା ଓ କର୍ତ୍ତି ମଙ୍ଗଳବାର ଠାରୁ ମନ୍ଦିର ନିର୍ମାଣ ନିମନ୍ତେ ଭିକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଅଳତିରି ରାଧାରମଣଜିଉ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।



# ଯାଜପୁର କିକ୍ ବକ୍ସିଂ ଦଳର ସଫଳତା




**ଯାଜପୁର ଟାଉନ,୧୪ା୭ (ସମିସ):** ଯାଜପୁର ସ୍ପୋର୍ଟ୍ସ କିକ୍ ବକ୍ସିଂ ଆସୋସିଏସନ୍ ଷଷ୍ଠ ୱାକୋ ଓଡ଼ିଶା ରାଜ୍ୟ କିକ୍ ବକ୍ସିଂ ଚାମ୍ପିଅନସିପ୍‌ରେ ଏକ ଚମତ୍କାର ପ୍ରଦର୍ଶନ କରିଛି। ଅନୁଗୁଳର ଟିଟି ଇଣ୍ଡୋର ହଲ୍‌ରେ ଅନୁଷ୍ଠିତ ଦୁଇଦିନିଆ କିକ ବକ୍ସିଂ ଚାମ୍ପିଅନସିପରେ ଯାଜପୁର ଜିଲ୍ଲାରୁ ମୋଟ ୨୦ ଜଣ ଖେଳାଳିଙ୍କ ସହ ୨ ଜଣ ଅଧିକାରୀ ଏବଂ ୪ ଜଣ ରେଫରି ଭାଗ ନେଇଥିଲେ। ଯାଜପୁରର ଦଳ ଉଲ୍ଲେଖନୀୟ ଦକ୍ଷତା ଏବଂ ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ କରି ମୋଟ ୪୬ ପଦକ ହାସଲ କରିଥିଲା। ଏହି ପ୍ରଭାବଶାଳୀ ବିଜୟରେ ୧୪ ସ୍ୱର୍ଣ୍ଣ, ୧୮ ରୌପ୍ୟ ଏବଂ ୧୪ କାଂସ୍ୟ ପଦକ ଅନ୍ତର୍ଭୁକ୍ତ ଥିଲା। ସୋନାଲି ଅସୀମା ସୂତାର ୪ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ଜିତିଥିଲେ। ସମାନ ଭାବରେ ବନ୍ଦନା ପ୍ରିୟଦର୍ଶିନୀ ବାରିକ ୩ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଯାଜପୁରର ରଞ୍ଜନ ସୂତାରଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଛତିଶଗଡ଼ର ରାୟପୁରରେ ହେବାକୁ ଥିବା ଆଗାମୀ ସିନିୟର ଜାତୀୟ କିକବକ୍ସିଂ ଚାମ୍ପିଅନ୍‌ସିପରେ ରାଜ୍ୟ ପ୍ରତିନିଧିତ୍ୱ କରିବା ପାଇଁ ଯାଜପୁରର ୯ ଜଣ ପ୍ରତିଭାବାନ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏହି ଖେଳାଳିମାନଙ୍କ ମଧ୍ୟରେ ତୃପ୍ତିଲିପ୍ସା ଜେନା, ପ୍ରଭଞ୍ଜନ ଜେନା, ବନ୍ଦନା ପ୍ରିୟଦର୍ଶିନୀ ବାରିକ, ବର୍ଷାରାଣୀ ସାମଲ, ପ୍ରିୟଦର୍ଶିନୀ ମଲ୍ଲିକ, ମୋନାଲିସା କୁଣ୍ଡୁ, ଅର୍ପିତା ପ୍ରିୟଦର୍ଶିନୀ ପଣ୍ଡା, ଶର୍ମିଷ୍ଠା ଦାସ ଏବଂ ଜ୍ୟୋତି ପ୍ରକାଶ ମହାପାତ୍ର ଅଛନ୍ତି। ସେମାନଙ୍କ ସହିତ ସସ୍ମିତା ରଣା ଓଡ଼ିଶା ଦଳ ପାଇଁ ମହିଳା ପରିଚାଳିକା ଭାବରେ କାର୍ଯ୍ୟ କରିବେ। ସେମାନଙ୍କର ଚୟନ ସେମାନଙ୍କର କଠିନ ପରିଶ୍ରମ ଏବଂ ଯାଜପୁର ସ୍ପୋର୍ଟ୍ସ କିକ୍ ବକ୍ସିଂ ଆସୋସିଏସନ ଦ୍ୱାରା ପ୍ରଦାନ କରାଯାଇଥିବା ଉଚ୍ଚ ମାନର ତାଲିମର ପ୍ରମାଣ। ଏହି ସଫଳତା ପାଇଁ ବଟକୃଷ୍ଣ ମହାପାତ୍ର, ସମ୍ପାଦକ ଜ୍ୟୋତିର୍ମୟ ନାଥ ଶର୍ମା, ଲୋକନାଥ ମହାପାତ୍ର, ପ୍ରକାଶ ଲାଲା, ଅମୃତାଙ୍କ ଦାସ, ଅର୍ପିତା ନାୟକ ଓ ଶିବାନୀ ସିଂହ ଅଭିନନ୍ଦନ ଜଣାଇଛନ୍ତି।

■ ଦୁବକଣ ଅଙ୍ଗନବାଡି ନିର୍ମାଣ ପାଇଁ ଉଚ୍ଛେଦ ଘଟଣା

# ରାଜସ୍ୱମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଲେ ଗ୍ରାମବାସୀ

**କୟାଁଗୋଲା/ମଙ୍ଗଳପୁର,୧୪ା୭ (ସମିସ):** ସରକାରଙ୍କ ପକ୍ଷରୁ ଅଙ୍ଗନବାଡି ଘର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହେଲା । ଘର ନିର୍ମାଣ ପାଇଁ ତହସିଲଦାର ଜାଗା ଚିହ୍ନଟ କରି ବ୍ଲକ ପ୍ରଶାସନକୁ ଲିଖିତ ରିପୋର୍ଟ ପ୍ରଦାନ କଲେ। କାର୍ଯ୍ୟ ଆରମ୍ଭ କରିବା ପାଇଁ ବ୍ଲକର କନିଷ୍ଠଯନ୍ତ୍ରୀ ଉକ୍ତ ସ୍ଥାନରେ ପହଞ୍ଚି ଥିବା ବେଳେ ଉକ୍ତ ସ୍ଥାନଟିକୁ ଗ୍ରାମର ୨ ଭାଇ ସରୋଜ ଯେନା ଏବଂ ଅଜୟ ଯେନା ଶିକ୍ଷା ବିଭାଗରେ ସରକାରୀ କର୍ମଚାରୀ ହୋଇ ମଧ ସରକାରୀ ଜାଗାକୁ ନିଜ ଦଖଲରେ ରଖିଥିଲେ। ଏହାପରେ ତହସିଲଦାର ଦୁଇ ଦୁଇ ଥର ଉକ୍ତ ସ୍ଥାନରୁ ଜବର ଦଖଲ ଉଚ୍ଛେଦ କଲେ। ଏହା ସତ୍ତ୍ୱେ ମଧ ଉକ୍ତ ଜବରଦଖଲକାରି ମାନେ ଉକ୍ତସ୍ଥାନରେ ଘର ନିର୍ମାଣ କରିବା ପାଇଁ ଦେଉନାହାନ୍ତି। ଏହାପରେ ବିଡିଓ ଜବରଦଖଲକାରିମାନଙ୍କ ନାମରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ମଙ୍ଗଳପୁର ପୁଲିସ ଉକ୍ତ ଅଭିଯୋଗ କ୍ରମେ ମାମଲା ରୁଜୁ କରିଛି। ଏହାପରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ପରେ ଜିଲ୍ଲାପାଳ ତୁରନ୍ତ ଜବରଦଖଲ କାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ମଧ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବକୁ ନେଇ ଗ୍ରାମବାସୀନଙ୍କ ମଧ୍ୟରେ ଅସନ୍ତୋଷ ପାଇଥିଲା। ତେବେ ଦେଖିବାକୁ ବାକି ରହିଲା ଜିଲ୍ଲାପାଳ ଦେଇଥିବା ନିର୍ଦ୍ଦେଶ କେବେ ଓ କେଉଁ ଦିନ କାର୍ଯ୍ୟକାରୀ ହେଉଛି। ଏହାକୁ ନେଇ ଗ୍ରାମବାସୀ ବିଞ୍ଝାରପୁର ବିଧାୟିକା, ରାଜସ୍ୱମନ୍ତ୍ରୀ ଓ ଯାଜପୁର ସାଂସଦଙ୍କୁ ଏହି ଘଟଣାରେ ହସ୍ତକ୍ଷେପ କରିବା ସହ କିପରି ଜବରଦଖଲକାରିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରିବ ଓ ଏଥିସହ ଅଙ୍ଗନବାଡି ଘର ନିର୍ମାଣ ସେଦିଗରେ ପଦକ୍ଷେପ ନେବାକୁ ଭୁବନାନନ୍ଦ ନାୟକ, ପ୍ରଭାତ କୁମାର ନାୟକ, ସୁବାସ ମଲ୍ଲିକ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

ବଢୁଛି ବାଲିମାଫିଆଙ୍କ ଦୌରାତ୍ମ୍ୟ

# ଭାଙ୍ଗିଦେଲେ ରାସ୍ତା ଡାଇଭରସନ

**ପାଣିକୋଇଲି,୧୪ା୭ (ସମିସ):**

ଷଠିପୁର ଠାରୁ ବୈତରଣୀ ରୋଡ ପର୍ଯ୍ୟନ୍ତ ରାସ୍ତା ଦୋହରୀ କରଣ କାମ ଚାଲିଛି। ପୂର୍ତ୍ତ ବିଭାଗ ଅଧୀନରେ ଏହି କାମ କରାଯାଉଛି। ହେଲେ ଏହି ରାସ୍ତା ସମ୍ପୂର୍ଣ୍ଣ ହେଉନଥିବା ବେଳେ ବିଭିନ୍ନ ଦାବି ଉଠିଥିଲା। କିନ୍ତୁ ବିଧାୟକଙ୍କ ତାଗିଦ ପରେ କାମ ଚାଲୁ କରାଯାଇଥିଲା। ହେଲେ କାମ ଆରମ୍ଭ କରାଗଲା ବେଳେ ବାଧକ ସାଜିଛନ୍ତି ବାଲି ମାଫିଆ। ରାସ୍ତା ମଝିରେ ହୋଇଥିବା ୩ଶହ ମିଟର ସିମେଣ୍ଟ ଡାଇଭରସନକୁ ବାଲି ଗାଡ଼ି ଯାତାୟାତ ପାଇଁ ଭାଙ୍ଗି ଦେଇଛନ୍ତି। ଗତ ଜୁନ ୨୪ ତାରିଖ ରାସ୍ତା ଓ ଗୃହନିର୍ମାଣ ବିଭଭାଗ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ଏକ ଚିଠି-୫୧୯୩ରେ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଚିଠି ପ୍ରଦାନ କରାଯାଇଥିଲା। ଯେଉଁଥିରେ ଦର୍ଶାଯାଇଥିଲା ବୈତରଣୀ ନଦୀର ସାଳବା, ମକୁନ୍ଦପୁର ଓ କଣ୍ଟାବଣିଆ ଘାଟରୁ ବାଲି ଭାରୀଯାନ ଆସୁଥିବା ବେଳେ ସେମାନେ ବହୁଳ ମାତ୍ରାରେ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ଲୋଡ୍ ପାଇ ମଧ ଯିବାକୁ ଶହ ଶହ ଗାଡି ପାର୍କିଂ କରୁଛନ୍ତି। ଯାହା ଫଳରେ ନିର୍ମାଣଧୀନ ରାସ୍ତା ନଷ୍ଟ ହେବା ସହ କାମ କରିବାରେ ବାଧା ଉପୁଜୁଛି। ତୁରନ୍ତ ପାଣିକୋଇଲି ଥାନାଧିକାରୀଙ୍କ ଜରିଆରେ ବାଲି ଗାଡ଼ି ବନ୍ଦ କରିବାକୁ ଲେଖାଯାଇଥିଲା। କିନ୍ତୁ ବାଲି ଗାଡ଼ି ବନ୍ଦ କରାଯାଉନାହିଁ। ଯାହା ଫଳରେ ରାସ୍ତା କାମ ଅଗ୍ରଗତିରେ ବାଧକ ସାଜିବା ସହ ରାସ୍ତା କାମ ନଷ୍ଟ ହୋଇଯାଉଛି। ବିଭାଗ ପୁଲିସକୁ ଜଣାଇଥିଲେ ବି ଅବଧି କୌଣସି ସୁଫଳ ମିଳିନାହିଁ। ଯାହା ଫଳରେ ୩ ଶହ ମିଟର ମଝି ଡାଇଭରସନକୁ ଭଙ୍ଗାଯାଇ ବାଲି ଚାଲାଣ କରାଯାଉଛି। ଫଳରେ ଏହି ରାସ୍ତା କିପରି ହୋଇପାରିବ ତାହା ଏବେ ପ୍ରଶ୍ନବାଚୀ ହୋଇଛି। ପ୍ରକାଶ ଥାଉକି ଏହି ରାସ୍ତାଟି ପୂର୍ବରୁ ୧୮ ଫୁଟ ରାସ୍ତା ଥିଲା। ଏବେ ଏହାର ଦୋହରୀକରଣ କରାଯାଇ ୫୦ ଫୁଟିଆ ରାସ୍ତା କରାଯାଉଛି। ରାସ୍ତାଟିକୁ ମଝିରୁ ଦୁଇଭାଗ କରାଯିବାକୁ ଠିକ କରାଯାଇଛି। ହେଲେ ଏବେ ମଝିରେ ସିମେଣ୍ଟ ତିଆରି ଡାଭରସନକୁ ଜାଣିଶୁଣି ଭାଙ୍ଗି ଦିଆଯାଇଛି। ଏପରିସ୍ଥଳେ କେବେ କାମ ସରିବ ତାହା ଆକଳନ କରିବା ସମ୍ଭବ ନୁହେଁ। ଅପରପକ୍ଷେ ଏହି ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ବାଲି ଭାରୀଯାନ ଚଳାଚଳ ଓ ରାସ୍ତା ଉପରେ ଭାରୀଯାନ ରଖିବା ରାସ୍ତା ଶୋଚନୀୟର ଏକ ପ୍ରମୁଖ କାରଣ ପାଲଟିଛି।



## ବାଲିଚନ୍ଦ୍ରପୁର-ଲଳିତଗିରି ରାସ୍ତା ଶୋଚନୀୟ

# ପାଇପ୍ ବିଛାଇ ମରାମତି କଲାନି ଠିକାଦାର

**ବାଲିଚନ୍ଦ୍ରପୁର, ୧୪।୭ (ସମିସ)**

ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ବିଭିନ୍ନ ସ୍ଥାନରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ରାସ୍ତା ଖୋଳାଯାଇ ପାଇପ୍ ବିଛାଯାଇଛି । ତେବେ ସେହି ପାଇପ୍ ବିଛା ଯାଇଥିବା ସ୍ଥାନରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଥିବା ବେଳେ ତାହାକୁ ବିଭାଗ ପକ୍ଷରୁ ମରାମତି କରାଯାଇନଥିବାରୁ ସେହି ଖାଲଖମା ଏବେ ସାଧାରଣ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏଥିପ୍ରତି ବିଭାଗ କୌଣସି ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଏମିତି ଏକ ସମସ୍ୟା ପୂର୍ତ୍ତ ବିଭାଗ ରାସ୍ତାର ବାଲିଚନ୍ଦ୍ରପୁରରୁ ପତରାଜପୁର ରାସ୍ତାରେ ଦେଖିବାକୁ ମିଳିଛି ।

ସୂଚନା ମୁତାବକ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ମେଘା କମ୍ପାନୀ ଗତ ୪ ମାସ ପୂର୍ବରୁ ବାଲିଚନ୍ଦ୍ରପୁର ବଜାର ରାସ୍ତାର ପୁରୁଣା ପୋଲ ପାଖରୁ କଲେଜ ଛକ ଦେଇ ପତରାଜପୁର ବ୍ୟାଙ୍କ୍ ଅଫ ବରୋଦା ପର୍ଯ୍ୟନ୍ତ ଲଳିତଗିରି ଅଭିମୁଖେ ଯାଇଥିବା ଏହି ରାସ୍ତାର ବିଭିନ୍ନ ସ୍ଥାନରେ ରାସ୍ତା ଖୋଳି ପାଇପ ବିଛାଇଥିଲା । ତେବେ ଖୋଳା ଯାଇଥିବା ରାସ୍ତାକୁ ବିଭାଗ ପକ୍ଷରୁ ମରାମତି ନକରି ଅଧାପନ୍ତରିଆ ଭାବେ ପକାଇ ଠିକାଦାର ଛୁ ମାରିଥିଲା । ସେହିଦିନ ଠାରୁ ଏହି ରାସ୍ତାରେ ପାଇପ୍ ବିଛା ଯାଇଥିବା ୧୦ରୁ ଅଧିକ ସ୍ଥାନରେ ଏମିତି ସମସ୍ୟା ହୋଇଥିବା ଦେଖିବାକୁ ମିଳିଛି ।



ବାଲିଚନ୍ଦ୍ରପୁର ବଜାର ଯାଜପୁର ଜିଲ୍ଲାର ଏକ ବଡ଼ ବ୍ୟବସାୟିକ ପେଣ୍ଠସ୍ଥଳ । ଏଠାରେ ୪ଟି କଲେଜ, ୭ରୁ ଊର୍ଦ୍ଧ୍ୱ ବ୍ୟାଙ୍କ, ୫ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ, ଇଲେକ୍ଟ୍ରି ଅଫିସ, ଆର୍ଆଇ ଅଫିସ, ସିଡିପିଓ ଅଫିସ ସମେତ ସହିତ ବହୁ ଦୋକାନ ବଜାର ରହିଛି । ଦୈନିକ ତିନୋଟି ଜିଲ୍ଲାର ହଜାର ହଜାର ଲୋକଙ୍କର ଏଠାରେ ସମାଗମ ହୋଇଥାଏ । ତେବେ ଏହି ରାସ୍ତାର ଯେଉଁସବୁ ସ୍ଥାନରେ ଏମିତି ଖାଲଖମା ସୃଷ୍ଟି ହୋଇଛି ସେହି ରାସ୍ତା ଦେଇ ଦୈନିକ ଶହ ଶହ ସଂଖ୍ୟକ ଛାତ୍ରଛାତ୍ରୀ ନିଜ ନିଜ ଶିକ୍ଷାନୁଷ୍ଠାନକୁ ଯାତାୟତ କରିଥାନ୍ତି । ବିଶେଷକରି ପୁରୁଣା ପୋଲ ନିକଟରେ ସୃଷ୍ଟି ହୋଇଥିବା ଖାଲ ସ୍ଥାନ ଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଢୁଥିବା ଏକ ହଜାରରୁ ଅଧିକ ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା' ଓ ଅଭିଭାବକ ଯାତାୟାତ କରିଥାନ୍ତି । ପ୍ରାୟ ପ୍ରତିଦିନ ଏହି ଖାଲ ସ୍ଥାନରେ ପଡ଼ି ବହୁ ଲୋକ, ଅଭିଭାବକ ଓ ଛାତ୍ରଛାତ୍ରୀ ଦୁର୍ଘଟଣାର ଶିକାର ହୋଇ ଆହତ ହେଉଛନ୍ତି । ପତରାଜପୁର ଛକ ଏବଂ ୟୁନିୟନ୍ ବ୍ୟାଙ୍କ ପାଖରେ ହୋଇଥିବା ଖାଲରେ ର୍ଷା ପାଣି ଜମି ରହୁଥିବାରୁ ସବୁଦିନ ଲୋକ ମାନେ ଜାଣିନପାରି ଦୁର୍ଘଟଣାର ଶିକାର ହେଉଛନ୍ତି । ଏହାର ମରାମତି ପାଇଁ ବିଭାଗ ଯେମିତି ନିଦା ବିଷ୍ଣୁ ପାଲଟିଛି ବୋଲି ଆଲୋଚନା ହେଉଛି । ଏ ବିଷୟରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ରାସ୍ତା ଖୋଳା ହେବାର ୧୫ ଦିନ ଭିତରେ ଢଳେଇ ପଡ଼ିବା କଥା । କାହିଁକି ପଡ଼ିନି ସେ ବିଷୟରେ ମେଘା କମ୍ପାନୀକୁ କହି ଶୀଘ୍ର ମରାମତି କରିବେ ବୋଲି କହିଛନ୍ତି । ମେଘା କମ୍ପାନୀର ସିନିୟର ଇଞ୍ଜିନିଅର ସତ୍ୟବ୍ରତ ମହାପାତ୍ର ଶୀଘ୍ର ଖାଲ ସବୁକୁ ମରାମତି କରାଯିବ ବୋଲି ଇଞ୍ଜିନିୟର ଲିଙ୍ଗରାଜ ପାଢ଼ୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି ।

# ଶିକ୍ଷା ଓ ଖାଦ୍ୟର ମାନ ପରଖିଲେ ବିଡିଓ

**ସୁକିନ୍ଦା, ୧୪।୭ (ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡିଆ ପଞ୍ଚାୟତ ଗ୍ରସ୍ତ କରି ବିଭିନ୍ନ ବିଦ୍ୟାଳୟ ବୁଲି ଶିକ୍ଷା ଓ ଖାଦ୍ୟର ମାନ ପରଖିଛନ୍ତି ବିଡ଼ିଓ ପ୍ରଜ୍ଞା ପରମିତା ପୃଷ୍ଟି । ସୋମବାର ପିମ୍ପୁଡିଆ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଲଗାଣ ବର୍ଷା କାରଣରୁ ଏହି ଶିବିରରେ ବହୁତ୍ କମ୍ ଜନସାଧାରଣ ପହଞ୍ଚିଥିଲେ । ସେଥିପାଇଁ ଏହି ଶିବିରକୁ ଅନ୍ୟ ଏକ ଦିନକୁ ପରିବର୍ତ୍ତନ କରାଗଲା । ଏହି ଶିବିରରେ ପହଞ୍ଚିଥିବା ଜଣେ ଶାରୀରିକ ଅକ୍ଷମ ପିଲାକୁ ବିଡିଓ ଟ୍ରାଏ ସାଇକଲ ପ୍ରଦାନ କରିବା ପରେ ପତିତପାବନ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଶିକ୍ଷକ ମାନଙ୍କ ସହ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନ ଖାଇ ମାନ ପରଖିଛନ୍ତି । ଏହି ସମୟରେ ବିଡିଓଙ୍କ ସହ ସରପଞ୍ଚ ତପନ କୁମାର ନାୟକ ଓ ବ୍ଲକର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ ।



## ପ୍ରକାଶ ଦାସ ହତ୍ୟାକାଣ୍ଡ ମାମଲା

# ଅଭିଯୁକ୍ତ ଦେବପ୍ରସାଦକୁ ଆଜୀବନ କାରାଦଣ୍ଡ

**ଯାଜପୁର, ୧୪।୭ (ସମିସ):** ଯାଜପୁର ଥାନା ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମର ବହୁ ଚର୍ଚ୍ଚିତ ପ୍ରକାଶ ଦାସ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ଦେବପ୍ରସାଦ ମଲ୍ଲିକ ଓରଫ ଦେବୁକୁ ସୋମବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ବିବରଣୀରୁ ପ୍ରକାଶ, ଯାଜପୁର ଥାନା ରାହାସୋଇ ଗ୍ରାମ ବୃନ୍ଦାବନପୁରର ପ୍ରକାଶ ଦାସ ୨୦୨୧ ମସିହା ଡିସେମ୍ବର ୧୨ ତାରିଖ ସକାଳ ୭ ଘଟିକା ସମୟରେ ହନୁମାନ ମନ୍ଦିର ନିକଟରେ ଦାନ୍ତ ଘଷୁଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ଦେବ ପ୍ରସାଦ ମଲ୍ଲିକ (୩୨) ଓରଫ ଦେବୁ ତା' ଜ୍ୟାକେଟରେ ଥିବା ଏକ ଧାରୁଆ କଟୁରି ସାହାଯ୍ୟରେ ପ୍ରକାଶର ଆଗପଟ ବେକକୁ ହାଣି ପକାଇଥିଲା । ଯାହାଫଳରେ ପ୍ରକାଶର ବେକ ଅଧା ଝୁଲିପଡ଼ିଥିଲା । ସଂଗେ ସଂଗେ ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଆଣିବା ସମୟରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଏହି ସମ୍ପର୍କରେ ମୃତ ପ୍ରକାଶଙ୍କ ସ୍ତ୍ରୀ ଯଶୋବନ୍ତୀ ଦାସ ଯାଜପୁର ଥାନାରେ ଏକ ଲିଖିତ ଏତଲା ଦାୟର କରିଥିଲେ । ଏହି ଲିଖିତ ଏତଲାକୁ ଆଧାର କରି ଯାଜପୁର ଥାନାଧିକାରୀ ଥାନା କେଶ ନଂ. ୪୫୦/୨୦୨୧ ମୁତାବକ ଏକ କେଶ ରୁଜୁ କରି ତଦନ୍ତ ଜାରି ରଖିଥିଲେ । ପରେ ଅଭିଯୁକ୍ତ ଦେବୁକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା । ସେହିଦିନ ଠାରୁ ଅଭିଯୁକ୍ତ ଦେବୁ ବିଚାରାଧୀନ କଏଦୀ ଭାବେ ଯାଜପୁର ଜେଲ୍‌ରେ ରହିଥିବା ଜଣାପଡ଼ିଛି । ଏହି ମାମଲାର ଚୂଡ଼ାନ୍ତ ଶୁଣାଣ କରି ୨୨ଜଣ ସାକ୍ଷୀ ଓ ୧୮ଟି ଦସ୍ତାବିଜ୍‌କୁ ଆଧାର କରି ଯାଜପୁର ଜିଲ୍ଲା ଦୌରା ଜଜ୍ ଅମୃତ ରଞ୍ଜନ ନନ୍ଦ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା କରି ଏକ ରାୟ ପ୍ରକାଶିତ କରିଛନ୍ତି । ଏହି ଜରିମାନା ଅର୍ଥ ଅନାଦେୟରେ ଅଭିଯୁକ୍ତ ଅଧିକ ୬ମାସ ଜେଲ୍ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି । ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ମୋନାଲି ରାଇସା, ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସମରେନ୍ଦ୍ର ଦାସ ମାମଲାଟିକୁ ପରିଚାଳନା କରିଥିଲେ ।



# ବିଦ୍ୟାଳୟ ଛାତରୁ ଖସିଲା ପ୍ଲାଷ୍ଟର

**କୟାଁଗୋଲା, ୧୪।୭ (ସମିସ):** ନିମ୍ନମାନର କାର୍ଯ୍ୟ ଯୋଗୁଁ ବିଦ୍ୟାଳୟ ଛାତରୁ ଗଳି ପଡ଼ିଲା ପ୍ଲାଷ୍ଟର । ଆଜି ପୂର୍ବାହ୍ନରେ ଦଶରଥପୁର ବ୍ଲକର କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ନିର୍ମାଣ ହୋଇଥିବା ଉପର ତାଲା ଘର ଲାଇବ୍ରେରୀ ଗୃହ ବାରଣ୍ଡାରେ ଛାତରୁ ପ୍ଲାଷ୍ଟର ଖସିବା ଥିବାର ଦେଖିବାକୁ ମିଳିଛି । କୋଟି କୋଟି ଟଙ୍କାରେ ନିର୍ମାଣଧୀନ ଗୃହ ଗୁଡ଼ିକୁ ଠିକାଦାର ଅତି ନିମ୍ନମାନର କରିଥିବା ଅଭିଯୋଗ ହୋଇଛି । ଠିକାଦାର ନିଜ ଇଚ୍ଛାରେ ନିମ୍ନମାନର ସିମେଣ୍ଟ, ରଡ଼ ଦେଇ ଛାତ କାମ କରିଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ବିଦ୍ୟାଳୟର ପ୍ରାୟ ଅଧିକାଂଶ ଉପର ଗୃହ ଗୁଡ଼ିକ ରଡ଼ ଦେଖାଯାଉଛି । ସୌଭାଗ୍ୟବଶତଃ ଏଥିରେ କେହି ଆହତ ହୋଇନାହାନ୍ତି । ପ୍ଲାଷ୍ଟର ଗଳି ପଡ଼ିବା ପରେ ଉପର ମହଲା ଛାତ୍ରଛାତ୍ରୀଙ୍କୁ ନ ଯିବା ପାଇଁ ପ୍ରଧାନ ଶିକ୍ଷକ କୁଳମଣି ମଲ୍ଲିକ ବାରଣ କରିଛନ୍ତି । ତେଣୁ ଏପରି ଘଟଣାର ତଦନ୍ତ କରାଯାଇ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁରାତନ ଛାତ୍ର ଚନ୍ଦ୍ରଶେଖର ଦାସ ଦାବି କରିଛନ୍ତି ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



**ବ୍ୟାସନଗର, ୧୪।୭ (ସମିସ):** ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କେଏନ୍‌ଡିଏ ସମ୍ମିଳନୀ କକ୍ଷ କଳିଙ୍ଗନଗର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆଜି ମୋଟ ୫୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୪୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ତହସିଲଦାର, ବ୍ୟାସନଗର ଦେବାଶିଷ ରାଉତ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# ଡିଏସ୍‌ଓ ପକ୍ଷରୁ ବିକ୍ଷୋଭ




**ଧର୍ମଶାଳା, ୧୪।୭ (ସମିସ):** ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ଆଜି ଅଲ ଇଣ୍ଡିଆ ଡିଏସଓ ଧର୍ମଶାଳା ଶାଖା ପକ୍ଷରୁ ଧର୍ମଶାଳା ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ଏଆଇଡିଏସଓ ଜିଲ୍ଲା ଉପସଭାପତି ଦମୟନ୍ତୀ ମୁଦୁଲିଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପ୍ରଭାତୀ ମଲିକ, ମଧୁସୂଦନ ସେଠୀ, ଜ୍ୟୋତିର୍ମୟୀ ବେହେରା ଓ ବିଚିତ୍ର ଦାସ ପ୍ରମୁଖ ଯୋଗଦେଇ ବିକ୍ଷୋଭ କରିଥିଲେ । ଏଭଳି ସମ୍ବେଦନଶୀଳ ଘଟଣାକୁ ସବୁ ମହଲରେ ନିନ୍ଦା କରାଯାଉଛି । ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତକୁ ତୁରନ୍ତ ଗିରଫ, ଛାତ୍ରୀ ଓ ତା'ର ପରିବାରକୁ ନ୍ୟାୟ ଦେବା ପାଇଁ ଦାବି କରିଥିଲେ । ସକାଳୁ ଏଆଇଡିଏସଓ ପକ୍ଷରୁ ପୁଲିସ, ପ୍ରଶାସନ ଏପରିକି ସ୍ଥାନୀୟ ଜନପ୍ରତିନିଧି ଓ କଲେଜ କର୍ତ୍ତୃପକ୍ଷଙ୍କ ଅପାରଗତାକୁ ନେଇ ନାରାବାଜି କରିବା ସହିତ ଏକ ଶୋଭାଯାତ୍ରା ଜାରକା ପରିକ୍ରମା କରିଥିଲେ । ଏଭଳି ଘଟଣା ପୁନରାବୃତ୍ତି ନହେଉ ବୋଲି ଏଆଇଡିଏସ୍‌ଓ ଉପସଭାପତି କହିଛନ୍ତି ।

# ବ୍ରହ୍ମବରଦା ପ୍ରେସ୍ କ୍ଲବ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ



**ବ୍ରହ୍ମବରଦା, ୧୪।୭ (ସମିସ):** ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ସାମ୍ବାଦିକ ମାନଙ୍କ ନିରାପତ୍ତା ଏବେ ବିପନ୍ନ । ଏନେଇ ଆଜି ସାମ୍ବାଦିକଙ୍କ ବୈଠକରେ ଉଦବେଗ ପ୍ରକାଶ କରିବା ସହିତ ସରକାର ସାମ୍ବାଦିକମାନଙ୍କ ସୁରକ୍ଷା ସହିତ ଦାବି ପୂରଣ ନ କଲେ ସାମ୍ବାଦିକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ବ୍ରହ୍ମବରଦା ପ୍ରେସ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଓଡ଼ିଶା ସାମ୍ବାଦିକ ସଂଘ(ଓୟୁଜେ)ର ସଭାପତି ପ୍ରସନ୍ନ ମହାନ୍ତି ବକ୍ତବ୍ୟ ରଖିଛନ୍ତି । ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ଚାରିଗାରପୁର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରେସ୍ କ୍ଲବର ସଭାପତି ବାପୁଜୀ ଚରଣ ଜେନାଙ୍କ ସଭାପତିତ୍ୱରେ ସାମ୍ବାଦିକ ତଥା ସ୍ତମ୍ଭକାର ଓମ୍‌ପ୍ରକାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାମ୍ବାଦିକମାନଙ୍କ ସାମାଜିକ ଦାୟିତ୍ୱ କର୍ତ୍ତବ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ବରେଣ୍ୟ ଅତିଥିଭାବେ ବରୀ ବିଜେପି ନେତା ଉମେଶ ଜେନା, ଜିଲ୍ଲା ସମ୍ବାଦିକ ସଂଘର ସଭାପତି ଅରୁଣ କୁମାର ରାଉତରାୟ, ଓୟୁଜେ ଜାତୀୟ କାର୍ଯ୍ୟକାରୀ ସଦସ୍ୟ ଅଭୟ ପତି, ରସୁଲପୁର ମଣ୍ଡଳ ସହ ଶିକ୍ଷାଅଧିକାରୀ ଡ.ପ୍ରଭଞ୍ଜନ ପତି, ଜାତୀୟ କାର୍ଯ୍ୟକାରୀ ସଦସ୍ୟ କିଶାନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ସଭା ପରିଚାଳନା କରିଥିଲେ । ପ୍ରେସ୍ କ୍ଲବର ଉପଦେଷ୍ଟା ପ୍ରଦିପ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବିତରକ ଅକ୍ଷୟ କୁମାର ଦାସ, ସାମ୍ବାଦିକ ଅଭୟ ପତି ଓ ଆଦିତ୍ୟ ମେକାପଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ରହ୍ମବରଦା ପ୍ରେସ କ୍ଲବର ସମ୍ପାଦକ ଯଯାତି କିଶୋର ବେହେରା, ଉପସଭାପତି ନିରାକାର ବେହେରା, ସ୍ମୃତିରଞ୍ଜନ ରାଉତ, ପ୍ରତାପ ପୃଷ୍ଟି, ସୁଶାନ୍ତ ଜେନା, ଶଙ୍କର ସେଠୀ, ଚିନ୍ତାମଣୀ ପୃଷ୍ଟି, ମହମ୍ମଦ ଅଲ୍ଲି, ଗୋପିନାଥ ଦାଶ, ନାରାୟଣ ରଥ, ପ୍ରଶାନ୍ତ ରଥ, ଦିଲ୍ଲିପ ସଙ୍କର ବେହେରା, ମଧୁସ୍ମିତା ଦାଶ, ମଳୟ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସାମ୍ବାଦିକ ପ୍ରତାପ ପୃଷ୍ଟି ଧନ୍ୟବାଦ ଦେଇଥିଲେ ।

# ବିଡିଓଙ୍କ ଭେଟିଲେ ଚିଙ୍ଗୁଡ଼ିପାଳ ଗ୍ରାମବାସୀ



**ସୁକିନ୍ଦା/କାଳିଆପାଣି, ୧୪।୭ (ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ବିଡିଓଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ମହିଳା । ସୂଚନା ମୁତାବକ ଚିଙ୍ଗୁଡ଼ିପାଳ ପଞ୍ଚାୟତରେ ଅଞ୍ଚଳରେ ମୋବାଇଲ ଟାୱାର ନଥିବାରୁ ନେଟୱର୍କ ରହୁନାହିଁ, ବିଦ୍ୟୁତ୍ ସରବରାହ ବ୍ୟାଘାତ, ପାନୀୟ ଜଳ ଯୋଗାଣ ସମସ୍ୟା, ସରକାରୀ ବସ ଚଳାଚଳ କରାଇବା ଆଦି ଅନେକ ସମସ୍ୟା ନେଇ ସ୍ଥାନୀୟ ଅଞ୍ଚଳର ଅନେକ ମହିଳା ସୁକିନ୍ଦା ବିଡିଓ ପ୍ରଜ୍ଞା ପାରମିତା ପୃଷ୍ଟିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଯଥାଶୀଘ୍ର ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ବିଡିଓ ମହିଳା ମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଜମି ଅପେକ୍ଷାରେ ଏନ୍‌ଏଚ୍‌ଏଆଇ

# ଜାରକାରେ ଖୁବ୍‌ଶୀଘ୍ର ନିର୍ମାଣ ହେବ ଯାତ୍ରୀ ପ୍ରତୀକ୍ଷାଳୟ

**ଧର୍ମଶାଳା, ୧୪।୭ (ସମିସ):** ଧର୍ମଶାଳା ବ୍ଲକ ଜାରକା ଫ୍ଲାଏଓଭର ବ୍ରିଜର ଉଭୟ ପାର୍ଶ୍ୱରେ ଦୁଇ ଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୀର୍ଘଦିନ ଧରି ନିଷ୍ପତି ନିଆଯାଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ଜାରକା ବସ୍‌ଷ୍ଟପ୍ ଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାତ୍ରୀମାନେ ଖରା ବର୍ଷା ଶୀତ କାକରରେ ଠିଆହୋଇ ବସ୍‌କୁ ଅପେକ୍ଷା କରି ରହୁଛନ୍ତି । ବସ୍‌ଯାତ୍ରୀମାନଙ୍କ ନିମନ୍ତେ ଫ୍ଲାଏଓଭର ବ୍ରିଜର ଦୁଇପାର୍ଶ୍ୱରେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ୨୦୨୩ ମସିହାରେ ତତ୍କାଳୀନ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ । ତଦନୁଯାୟୀ ତତ୍କାଳୀନ ଜିଲ୍ଲାପାଳ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଇତି ମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କାର୍ଯ୍ୟ ହୋଇପାରିନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ରବି ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଚଣ୍ଡିଖୋଲସ୍ଥିତ ଜାତୀୟ ରାଜପଥ କାର୍ଯ୍ୟାଳୟ ଠାରେ ପ୍ରକଳ୍ପ ନିର୍ଦ୍ଦେଶକ ଜେପି ବର୍ମାଙ୍କୁ ସାକ୍ଷାତ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଆମେ ପ୍ରସ୍ତୁତ ହୋଇ ରହିଛୁ । କିନ୍ତୁ ଆବଶ୍ୟକ ଜମି ଚିହ୍ନଟ ହୋଇନଥିବାରୁ ଏହାର ନିର୍ମାଣ କାର୍ଯ୍ୟ ଅଟକି ରହିଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଜେପି ବର୍ମା ପ୍ରକାଶ କରିଥିଲେ । ତହସିଲଦାର ତୁରନ୍ତ ଜମି ଚିହ୍ନଟ କରି ଆମକୁ ଯୋଗାଇ ଦେଲେ ଖୁବଶୀଘ୍ର ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଆରମ୍ଭ ହେବ ବୋଲି ସେ କହିଥିଲେ ।



## ବେଆଇନ ବାଲିଘାଟରେ ଚଢ଼ଉ

# ଖଣି ବିଭାଗର ପକ୍ଷପାତିତାକୁ ନେଇ ଉତ୍ତେଜନା

**ସିଂହପୁର, ୧୪।୭ (ସମିସ)**

ବିଞ୍ଝାରପୁର ତହସିଲ ଅନ୍ତର୍ଗତ ଗୁହାଳି ବାଲିଘାଟ ଓ ବାଙ୍କିପାଳ ବାଲିଘାଟକୁ ନେଇ ଲାଗି ରହିଥିବା ବିବାଦ ଏବେ ସଂଘର୍ଷର ରୁପ ନେଇଛି । ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ମୂଳକ ସ୍ଥିତି ଉପୁଜିବା ପରେ ଘଟଣା ଥାନାରେ ପହଞ୍ଚିଛି । ଗତକାଲି ଗୁହାଳି ବାଲିଘାଟ ଚଳାଉଥିବା ଜନୈକ ଯୁବକ ତାର କିଛି ସମର୍ଥକ ଅସାମାଜିକ ଯୁବକଙ୍କୁ ନେଇ ବାଙ୍କିପାଳ ବାଲିଘାଟ ସରକାରୀ ରାସ୍ତାରେ ବାଡ଼ ବୁଜି ଅବରୋଧ କରୁଥିବା ବେଳେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା । ଯାହାକୁ ନେଇ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ଆଜି ଅଚାନକ ମାଇନିଂ ବିଭାଗର ଅଧିକାରୀମାନେ ନିର୍ଦ୍ଦିଷ୍ଟ ଭାବେ ବାଙ୍କିପାଳ ଘାଟରେ ଚଢ଼ଉ କରି ଫେରିଯିବା ବିବାଦକୁ ଆହୁରି ଖୋରାକ ଯୋଗାଇଛି ।

ଘଟଣା ଅନୁଯାଇ ବିଞ୍ଝାରପୁରରେ ୬ରୁ ଊର୍ଦ୍ଧ୍ୱ ବାଲିଘାଟ ବେଆଇନ ଭାବେ ଚାଲୁଥିବା ଅଭିଯୋଗ ହୋଇ ଆସୁଥିଲା । ଗୁହାଳି ବାଲିଘାଟ ସବୁ ସରକାରୀ ନିୟମକୁ ଫୁଁ' କରି ବେଆଇନ ଭାବେ ନଦୀରେ ମୋଟର ଚାଳିତ ଡଙ୍ଗା ସାହାଯ୍ୟରେ ବାଲି ଉଠାଣ କରିବାକୁ ସ୍ଥାନୀୟ ଲୋକେ ମଧ୍ୟ ବିରୋଧ କରିଆସୁଥିଲେ । ଏହାକୁ ନେଇ ଗୁହାଳି ଘାଟକୁ ପରିଚାଳନା କରୁଥିବା କିଛି ଯୁବକ ଆକ୍ରୋଶ ମୂଳକ ଭାବେ ଗତକାଲି ବାଙ୍କିପାଳ ବାଲି ଘାଟରେ ରାସ୍ତାରେ ବାଡ଼ ବୁଜି ଝଗଡ଼ା ଆରମ୍ଭ କରିଥିଲେ । ଯାହାକୁ ନେଇ ଉଭୟ ପକ୍ଷ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ମାତ୍ର ଗୁହାଳି ବେଆଇନ ବାଲି ଘାଟର କଥା କଥିତ ଲିଜ ଧାରି ଏବଂ ସ୍ଥାନୀୟ କିଛି ଅସାମାଜିକ ବ୍ୟକ୍ତିଙ୍କର ଜିଲ୍ଲା ମାଇନିଂ ଅଧିକାରୀଙ୍କ ସହ ସୁସମ୍ପର୍କ ଥିବାରୁ ଆଜି ବରୀ ଏବଂ ସୁକିନ୍ଦା ଅଞ୍ଚଳର ଜୁନିଅର ମାଇନିଂ ଅଧିକାରୀ ବିଞ୍ଝାରପୁର ତହସିଲ ଅଧିନସ୍ତ ବାଙ୍କିପାଳ ବାଲିଘାଟରେ ଅଚାନକ ପୁଲିସ ସହାୟତାରେ ଚଢ଼ଉ କରିଥିଲେ । ମାତ୍ର ସେଠାରେ ସରକାରୀ ନିୟମ ଅନୁଯାଇ ଘାଟ ଏବେ ବନ୍ଦ ଥିବାରୁ ଅଧିକାରୀ ମାନଙ୍କୁ ହଟହଟା ହେବାକୁ ପଡ଼ିଥିଲା । ଗୁହାଳି ସମେତ ଅନେକ ସ୍ଥାନରେ ବେଆଇନ ଭାବେ ମୋଟର ଚାଳିତ ଡଙ୍ଗାରେ ବାଲି ଉଠାଣ କରାଯାଇଥିବା ସ୍ଥାନୀୟ ଲୋକେ ଚଢାଉ କରିବାକୁ ଆସିଥିବା ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଅଧିକାରୀ ମାନେ ଲୋକଙ୍କୁ ଉତ୍ତର ଦେଇପାରିନଥିଲେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ ସେ ଏଠାକୁ ଚଢ଼ଉ କରିବାକୁ ଆସିଥିବା କହିଥିଲେ । ତେବେ ଅନ୍ୟ ଘାଟଗୁଡ଼ୁକୁ କାହିଁକି ଚଢ଼ଉ କରାଯିବ ନାହିଁ ବୋଲି କହିବାକୁ ଅଧିକାରୀ ଛତ୍ରଭଙ୍ଗ ଦେଇ ପଳାଇଥିଲେ । ଯାହାକୁ ନେଇ ଦୁଇ ବାଲି ଘାଟକୁ କେନ୍ଦ୍ର କରି ଦୁଇ ପକ୍ଷଙ୍କ ମଧ୍ୟରେ ଅଧିକ ଚାପା ଉତ୍ତେଜନା ଲାଗି ରହିଛି ।



# ସମ୍ପାଦକୀୟ



ମାନବଜାତିର ସର୍ବୋତ୍କୃଷ୍ଟ ମୁକ୍ତିପଥ ହେଉଛି ପାରସ୍ପରିକ ସହଯୋଗ ।

-ବର୍ଟ୍ରାଣ୍ଡ ରସେଲ୍

ସକାଳ
THE SAKALA

## ସୁରକ୍ଷା ସର୍ବୋପରି

ଜନତାଙ୍କ ଭାବାବେଗର ଫାଇଦା ଉଠାଇ ଶାସନ କ୍ଷମତାକୁ ଆସିବା ଏବଂ ଶାସନର ଡୋରି ସମ୍ଭାଳିବାର ଦକ୍ଷତା ହାସଲ କରିବା ଦୁଇଟି ଭିନ୍ନ କଥା । ଏହାର ପ୍ରକୃଷ୍ଟ ଉଦାହରଣ ରୂପେ ଓଡ଼ିଶାର ସାମ୍ପ୍ରତିକ ଶାସନ ବ୍ୟବସ୍ଥାକୁ ଗ୍ରହଣ କରାଯାଇପାରେ । ଜନୈକ ସରକାରୀ କର୍ମଚାରୀଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଭଳି ଘଟଣାରୁ ବର୍ତ୍ତମାନର ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଭଳି ଲୋମହର୍ଷଣକାରୀ ଅଘଟଣ ପର୍ଯ୍ୟନ୍ତ କେବଳ ବର୍ଷକର ଘଟଣାବଳୀକୁ ତର୍ଜମା କଲେ ଶାସନ ବ୍ୟବସ୍ଥାର ଅପାରଗତାର ପ୍ରମାଣ ଲୋଡ଼ା ପଡ଼ିବ ନାହିଁ । ଏବେ ଜନତାଙ୍କ ଦରବାରରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଛି ଯେ ଗତ ଚବିଶ ବର୍ଷର ଦୀର୍ଘ ଶାସନ ଏବଂ ଗତ ଗୋଟିଏ ବର୍ଷର ଶାସନ ଭିତରେ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶାରେ ଏଭଳି ଆକାଶପାତାଳ ପ୍ରଭେଦ କାହିଁକି? ରାଜ୍ୟର ଆଇନଶୃଙ୍ଖଳା କ'ଣ ଏତେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଯେ ଆମେରିକା ମଧ୍ୟ ତା'ର ପର୍ଯ୍ୟଟକଙ୍କୁ ଓଡ଼ିଶା ଯିବାକୁ ବାରଣ କରିଛି? ଏହା କ'ଣ ଓଡ଼ିଶାର ମାନ ମର୍ଯ୍ୟାଦା ଓ ଓଡ଼ିଆ ଅସ୍ମିତାର ପରିପନ୍ଥୀ ନୁହେଁ?

୨୦୨୪ରେ ରାଜ୍ୟର ଶାସନ କ୍ଷମତାକୁ ଆସିବା ପୂର୍ବରୁ ବର୍ତ୍ତମାନର କ୍ଷମତାସୀନ ଦଳ ନିର୍ବାଚନୀ ସଭାମାନଙ୍କରେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଏବଂ ଓଡ଼ିଆ ଅସ୍ମିତା କ୍ଷୁଣ୍ଣ ହୋଇଥିବା ଭଳି ଗୁରୁତର ଅଭିଯୋଗମାନ ଆଣିଥିଲା । କିନ୍ତୁ କେବଳ ଯୋଜନାର ନାମ ଏବଂ ସରକାରୀ ସମ୍ପତ୍ତିର ରଙ୍ଗ ପରିବର୍ତ୍ତନ କରିବା ଛଡ଼ା ସରକାରଙ୍କ ଯେ ଆଉ କୌଣସି ପ୍ରସଙ୍ଗରେ ଆନ୍ତରିକତା ନାହିଁ, ତାହା ଜନତା ଏବେ ହୃଦୟଙ୍ଗମ କରୁଛନ୍ତି । ଗତବର୍ଷ ଜୁଲାଇ ମାସରେ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଜନୈକ ସରକାରୀ କର୍ମଚାରୀଙ୍କୁ ପୁରୀରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଲେ ଏବଂ ତା'ପର ମାସରେ ରାଜଧାନୀର ଭରତପୁର ଥାନା ଭିତରେ ହିଁ ଜନୈକା ଅଭିଯୋଗକାରିଣୀଙ୍କୁ ଅଶୋଭନୀୟ ଆଚରଣ ଓ ଦୁର୍ବ୍ୟବହାରର ସମ୍ମୁଖୀନ ହେବାକୁ ପଡ଼ିଲା । ଏଥିରୁ ଶାସନ-ପ୍ରଶାସନ ବ୍ୟବସ୍ଥା କେଉଁଆଡ଼କୁ ଯାଉଛି ତାହା କିଛିଟା ଅନୁମାନ କରି ହେଉଥିଲା । ସମୟ ସହିତ ସେହି ଅନୁମାନଗୁଡ଼ିକ ବାସ୍ତବତାରେ ପରିଣତ ହେବାର ଧାରା ଆରମ୍ଭ ହୋଇସାରିଛି କହିଲେ ଭୁଲ୍ ହେବ ନାହିଁ ।

କ୍ଷମତାସୀନ ଦଳର ପୂର୍ବ ସରକାର ବିରୋଧରେ ଆଉ ଏକ ଗୁରୁତର ଅଭିଯୋଗ ଥିଲା ରାଜ୍ୟର ମହିଳାଙ୍କ ସ୍ୱାର୍ଥ, ସୁରକ୍ଷା, ସ୍ୱାଭିମାନ ଓ ସଶକ୍ତୀକରଣ ପ୍ରସଙ୍ଗରେ । ତେଣୁ ପୂର୍ବ ସରକାର ଅମଳର ବହୁ ପ୍ରଶଂସିତ ମିଶନ୍ ଶକ୍ତି ଯୋଜନାକୁ ବନ୍ଦ କରି ସୁଭଦ୍ରା ଯୋଜନା ପ୍ରଣୟନ କରି ଜନସାଧାରଣଙ୍କ ମନରେ ଏହି ଧାରଣା ସୃଷ୍ଟି କରିବାକୁ ପ୍ରୟାସ କରାଯାଇଥିଲା ଯେ ଗତ ସରକାର ଅମଳରେ ମହିଳାମାନେ ଆର୍ଥିକ ଦୃଷ୍ଟିରୁ ସଶକ୍ତ ନଥିଲେ । ମହିଳାମାନେ କେବଳ ଆର୍ଥିକ ଦୃଷ୍ଟିରୁ ସଶକ୍ତ ନୁହେଁ, ସର୍ବୋପରି ସୁରକ୍ଷିତ ହେବା ବାଞ୍ଛନୀୟ - ଏହା ଏକ ଦୂରଦୃଷ୍ଟିଶକ୍ତି ସମ୍ପନ୍ନ ସରକାର ହୃଦ୍‌ବୋଧ କରିବା ଆବଶ୍ୟକ । ଭରତପୁର ଥାନାର ପୀଡ଼ିତା ହୁଅନ୍ତୁ କି ଗୋପାଳପୁର ବେଳାଭୂମି ପୀଡ଼ିତା କିମ୍ବା ବାଲେଶ୍ୱରର ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନରେ ଆତ୍ମାହୁତି ଦେଇଥିବା ସୌମ୍ୟାଶ୍ରୀଙ୍କୁ କେବଳ ସୁଭଦ୍ରା ଯୋଜନା ବାବଦ ଟଙ୍କା ଯେ ସୁରକ୍ଷା ଦେଇପାରିନି ତାହା ମଧ୍ୟ ଗଭୀର ଭାବରେ ଚିନ୍ତା କରିବା ଆବଶ୍ୟକ । ଏପରିକି ମାନସିକ ଓ ଶାରୀରିକ ନିର୍ଯାତନାରୁ ମହିଳା ରାଜନେତ୍ରୀମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି । ଜନୈକା ବିଜେଡି ନେତ୍ରୀଙ୍କୁ ଶାସକ ଦଳର ଜଣେ ନେତା ଅପଶବ୍ଦ ପ୍ରୟୋଗ କରିଥିବା ଭଳି ଗୁରୁତର ଅଭିଯୋଗ ଆସିଛି । ଏଥିରୁ ରାଜ୍ୟରେ ମହିଳା ଓ ଓଡ଼ିଆ ଅସ୍ମିତା କେତେ ସୁରକ୍ଷିତ ତାହା ଆଉ ଅଧିକ ପ୍ରମାଣ କିମ୍ବା ଉଲ୍ଲେଖ କରିବାର ଆବଶ୍ୟକ ନାହିଁ ।

ସୌମ୍ୟାଶ୍ରୀଙ୍କ ଘଟଣା ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଆଭ୍ୟନ୍ତରୀଣ ବ୍ୟାପାର କହି ସରକାର ନିଜ ମୁଣ୍ଡରୁ ଦୋଷ ଖସାଇ ପାରିବେ ନାହିଁ । କାରଣ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଫେରାଦ ହୋଇ ମଧ୍ୟ ହତାଶ ହେବା ପରେ ପୀଡ଼ିତା ରାଜ୍ୟ ଶାସନ ଓ ପ୍ରଶାସନଙ୍କ ପାଖରେ ନ୍ୟାୟ ଭିକ୍ଷା କରିଥିଲେ । କିନ୍ତୁ ବୋଧହୁଏ କେବଳ ଆର୍ଥିକ ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଉଥିବା ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ବିଷୟକୁ ଭୁଲିଯିବାର ପ୍ରୟାସ କଲେ । ତେଣୁ ପୀଡ଼ିତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଲେ ନାହିଁ, ଯାହାର ପରିଣାମ ଏବେ ସାରା ଦେଶରେ ଗଣମାଧ୍ୟମରେ ପ୍ରତିଫଳିତ ହେଉଛି । ଯଦି ରାଜ୍ୟରେ ମହିଳା ଆୟୋଗ କାର୍ଯ୍ୟକ୍ଷମ ଥା'ନ୍ତା ତେବେ ପୀଡ଼ିତା ହୁଏତ ସେଠାରେ ଅଭିଯୋଗ କରିପାରିଥା'ନ୍ତେ । କିନ୍ତୁ ରାଜ୍ୟ ସରକାର ପୀଡ଼ିତାଙ୍କ ପାଇଁ ସେ ସୁଯୋଗ ଟିକକ ମଧ୍ୟ ବହୁ ଆଗରୁ ଛଡ଼ାଇ ନେଇସାରିଛନ୍ତି । ପୂର୍ବ ସରକାର ଅମଳରେ ଗଠିତ ମହିଳା ଆୟୋଗକୁ ଭାଙ୍ଗି ଦିଆଯାଇଛି, ଯାହାର ପୁନର୍ଗଠନ ଏ ପର୍ଯ୍ୟନ୍ତ ହୋଇପାରିନାହିଁ ।

ଶାସନ ବ୍ୟବସ୍ଥା ହୁଗୁଳି ଗଲେ ନିୟାମକ, ନିୟନ୍ତ୍ରକ ଓ କର୍ତ୍ତୃପକ୍ଷ କର୍ତ୍ତବ୍ୟ ସମ୍ପାଦନ ଓ ଦାୟିତ୍ୱ ନିର୍ବାହରେ ଅବହେଳା ପ୍ରଦର୍ଶନ କରନ୍ତି । ଏହାର ସୁଯୋଗ ନେଇ ଅସାମାଜିକ ତତ୍ତ୍ୱମାନେ କାୟାବିସ୍ତାର କରି ସାମାଜିକ ଶାନ୍ତି ଓ ସଂହତି ପ୍ରତି ଆହ୍ୱାନ ସୃଷ୍ଟି କରନ୍ତି । ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଉ ଆଇନ କାନୁନ୍ ପ୍ରତି ଭୟ ରହେ ନାହିଁ । ଏଭଳି ମନମୁଖି କାର୍ଯ୍ୟକଳାପ ଥରେ ନିୟନ୍ତ୍ରଣ ହରାଇଲେ ତାହା ଆୟତ୍ତକୁ ଆଣିବା ପାଇଁ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼େ । ଏପରିକି ଶାସନ ବ୍ୟବସ୍ଥା ଆଇନଶୃଙ୍ଖଳାଗତ ଅରାଜକତା ଆଡ଼କୁ ମାଡ଼ି ଚାଲେ । ବର୍ତ୍ତମାନର କ୍ଷମତାସୀନ ରାଜ୍ୟ ସରକାରଙ୍କ ଶାସନ ବ୍ୟବସ୍ଥାରେ ସେଭଳି ଆଶଙ୍କା ସୃଷ୍ଟି ହୋଇଛି ।

ମହିଳାମାନେ କେବଳ ଘର ଓ ପରିବାରର ମାନ, ମର୍ଯ୍ୟାଦାର ଆଭୂଷଣ ନୁହନ୍ତି ସେମାନେ ସମାଜ, ରାଜ୍ୟ ଓ ଦେଶର ସମ୍ମାନ, ସମ୍ଭ୍ରମ, ସଂଯମର ପ୍ରତୀକ । ତେଣୁ ମହିଳାମାନଙ୍କ ସୁରକ୍ଷା ସର୍ବୋପରି । ତା'ପରେ ଯାଇ ସଶକ୍ତୀକରଣ କଥା ଚିନ୍ତା କରାଯାଇପାରେ । ଦାର୍ଶନିକଙ୍କ ମତରେ ଜଣେ ସଶକ୍ତ ମହିଳା ସବୁବେଳେ ସୁରକ୍ଷିତ ହେବ ଏହାର କୌଣସି ନିଶ୍ଚିତତା ନାହିଁ; କିନ୍ତୁ ଜଣେ ସୁରକ୍ଷିତ ମହିଳା ସଶକ୍ତୀକରଣର ବାର୍ତ୍ତାବହ ହୋଇପାରିବ । ଏହି କାରଣରୁ ଗାନ୍ଧିଜୀ ସ୍ୱାଧୀନ ଭାରତ ଗଠନରେ ମହିଳାମାନଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବା ଉଚିତ ବୋଲି କହିଥିଲେ । ବିଡ଼ମ୍ବନା ଏହା ଯେ ଆମେ ଗାନ୍ଧୀଙ୍କ ସମେତ ତାଙ୍କ ବିଚାରକୁ ମଧ୍ୟ ହତ୍ୟା କରିସାରିଲୁଣି । ତେଣୁ ଆଜିର ଦିନରେ ଗାନ୍ଧୀବାଦ ଶାସକ ଓ ରାଜନୀତି ପାଇଁ ଅପ୍ରାସଙ୍ଗିକ ହୋଇପଡ଼ିଲାଣି । କିନ୍ତୁ ଗାନ୍ଧୀ ବିଚାରର ଗୁରୁତ୍ୱ ଯେ ସବୁବେଳେ ରହିଛି ତାହା ସୌମ୍ୟାଶ୍ରୀଙ୍କ ଘଟଣା ପୁଣି ଥରେ ମନେ ପକାଇ ଦେଇଛି ଏବଂ ଶାସକଙ୍କୁ 'ମହିଳା ସୁରକ୍ଷା ସର୍ବୋପରି' ମନ୍ତ୍ରରେ ଦୀକ୍ଷିତ ହେବାର ସୁଯୋଗ ଆଣି ଦେଇଛି ।

## ବିଶ୍ୱ ଦାରିଦ୍ର୍ୟତା ଓ ଏହାର ସମାଧାନ

ନିରାକାର ଦାସ

ଦାରିଦ୍ର୍ୟତା ପୁଞ୍ଜିବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ କର୍କଟ ରୋଗ ପରି ଭୟାନକ ହୋଇଥାଏ । ଏକ ଭାଗ ଧନୀକ ବର୍ଗଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇଥାଏ ଏହି ରାଷ୍ଟ୍ରରେ । ବିଶ୍ୱର ୩୦୦ ବର୍ଷର ପୁଞ୍ଜିବାଦୀ ବ୍ୟବସ୍ଥାରେ ୮୨ କୋଟିରୁ ଉର୍ଦ୍ଧ ଲୋକେ ଭୋକିଲା, ଏକ ଅରବ ଲୋକେ ନିରକ୍ଷର, ୪ ଅରବ ଲୋକେ ଗରିବ, ୨୫ କୋଟିରୁ ଉର୍ଦ୍ଧ ଶିଶୁ ଶ୍ରମିକ ସବୁଦିନ କାମକୁ ଯାଆନ୍ତି । ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା ଚରମ ସୀମାରେ । ସାଧାରଣ ଜନତା ମୌଳିକ ସୁବିଧା ସୁଯୋଗରୁ ବଂଚିତ । ସମଗ୍ର ବିଶ୍ୱରେ ଏବେ ଅର୍ଥନୈତିକ ବୈଷମ୍ୟ ଦ୍ରୁତଗତିରେ ବଢ଼ିଚାଲିଛି । ଆଦାମ ସ୍ମିଥ୍ କୁହନ୍ତି, 'ଯେଉଁ ସମାଜର ଅଧିକାଂଶ ଲୋକ ଦୁର୍ଦ୍ଦଶାଗ୍ରସ୍ତ, ସେ ସମାଜ ସୁଖୀ ନୁହେଁ ।' ମିଳିତ ଜାତିସଂଘର ତଥ୍ୟ ଅନୁଯାୟୀ ବର୍ତ୍ତମାନ ବିଶ୍ୱରେ ଜନସଂଖ୍ୟା ୮୦୦ କୋଟି ଟପି ସାରିଛି । ଖାଦ୍ୟାଭାବର ସମ୍ମୁଖୀନ ହେଉଥିବା ଲୋକଙ୍କ ସଂଖ୍ୟା ୩୪ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇଛି । ସେହିପରି ଅକ୍ସଫାମ୍ ତଥ୍ୟ ଦର୍ଶାଇଛି ଯେ ବିଗତ ୧୦ ବର୍ଷରେ ବିଶ୍ୱର ମାତ୍ର ଏକ ପ୍ରତିଶତ ଧନଶାଳୀ ଲୋକଙ୍କ ସମ୍ପତ୍ତିରେ ୪୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି ଯାହା ବିଶ୍ୱର ଅର୍ଦ୍ଧେକ ଲୋକଙ୍କ ମୋଟ ସମ୍ପତ୍ତିର ୩୬ ଗୁଣ । ବିଶ୍ୱର ସମୁଦାୟ ଜନସଂଖ୍ୟାର ଶତକଡ଼ା ୬୨ ଭାଗ ଲୋକେ ଦାରିଦ୍ର୍ୟତାରେ ଛଟପଟ ହେଉଛନ୍ତି । ଦୁଇବର୍ଷ ପୂର୍ବେ ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ଏହି ପ୍ରସଙ୍ଗ ଉତ୍ଥାପିତ କରିଥିଲା ଜାତିସଂଘ । ଭେନ୍‌ଜୁଏଲା ରାଜନୀତିଜ୍ଞ ଓ ରାଷ୍ଟ୍ରପତି ହ୍ୟୁଗୋ ଚାଭେଜ୍ କହିଥିଲେ, "ପୃଥିବୀର ସମସ୍ତ ନାଗରିକମାନେ ଆମେରିକୀୟ ଜୀବନଶୈଳୀରେ ଯଦି ବଂଚିବାକୁ ଚାହିଁବେ ସେଥିପାଇଁ ୫ଟା ପୃଥିବୀର ଆବଶ୍ୟକ ପଡ଼ିବ ।" ମାତ୍ର ୩୪.୨୦୩ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀର ୩ ଭାଗରୁ ୧ ଭାଗ ସମ୍ପଦ ଉପଭୋଗ କରୁଛି । ହ୍ୟୁଗୋ କୁହନ୍ତି, "ଅତ୍ୟଧିକ ଉପଭୋଗ ପ୍ରବଣତା ପୁଞ୍ଜିବାଦର ଉପଭୋକ୍ତାବାଦୀ ଅହଙ୍କାର ।" ସେଇଥିପାଇଁ ଆମେରିକା ଏକ ଅହଙ୍କାରୀ ରାଷ୍ଟ୍ରର ରୂପ ନେଇଛି ।

ଏବେ ଆସନ୍ତୁ ସମାଜବାଦୀ ବା ସାମ୍ୟବାଦୀ ରାଷ୍ଟ୍ରର ସମାଜ ବ୍ୟବସ୍ଥା ଉପରେ ଦୃଷ୍ଟି ନିକ୍ଷେପ କରିବା । ସାମ୍ୟବାଦୀ ବ୍ୟବସ୍ଥାରେ ୯୯ ଭାଗ ଜନସାଧାରଣଙ୍କର ସ୍ୱାର୍ଥରକ୍ଷା ପାଇଁ ନୀତି ପ୍ରଣୟନ କରାଯାଇଥାଏ । ଯାହା ପୁଞ୍ଜିବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଠିକ୍ ଓଲଟା । ୯୯ ଭାଗ ଲୋକଙ୍କୁ ୧ ଭାଗ ଲୋକ ଲୁଟନ୍ତି । ସୋଭିଏତ୍ ଋଷିଆରେ ୧୯୧୭ ମସିହାରେ ବିପ୍ଳବ ସଫଳ ହୋଇ ଏକ ସମ୍ପୂର୍ଣ୍ଣ ସମାଜବାଦୀ ରାଷ୍ଟ୍ର ଜନ୍ମ ନେଇଥିଲା, ଯାହା ସାରା ବିଶ୍ୱର ଯୁବସମାଜକୁ ଉଦ୍‌ବେଳିତ ଓ ଅନୁପ୍ରାଣିତ କରିଥିଲା । ଶ୍ରମିକ ଓ ଖଟିଖିଆ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହୋଇ ନବପୁଲକରେ ବିଶ୍ୱ ପୁଲକିତ ହୋଇଥିଲା । ସୋଭିଏତ୍ ରୁଷିଆରେ ୩୦ ବର୍ଷ ମଧ୍ୟରେ ବଜାର ଦର ୧ ଟଙ୍କା ବି ବୃଦ୍ଧି ପାଇ ନଥିଲା । ୧୯୩୨ ମସିହା ବେଳକୁ ଦେଶ ଭିତରେ ଜଣେ ବି ବେକାରୀ ନ ଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ସବୁକିଛି ମାଗଣାରେ ଦିଆଯାଇଥିଲା ଏବଂ ଏଗୁଡ଼ିକର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାରଙ୍କ ଉପରେ ନ୍ୟସ୍ତ ଥିଲା । ଏହା ଜନସାଧାରଣଙ୍କ ମୌଳିକ ଅଧିକାରଭାବେ ଗଣ୍ୟ କରାଯାଇଥିଲା । ୪-୫ ବର୍ଷ ମଧ୍ୟରେ ପଞ୍ଚବାର୍ଷିକ ଯୋଜନା ଫଳରେ ସମଗ୍ର ଦେଶରେ ବିଜୁଳି ପହଁଚି ପାରିଥିଲା । ଶୂନ ଆର୍ଥିକ ଅବସ୍ଥାରୁ ପଂଚବାର୍ଷିକ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରି ବିଶ୍ୱରେ ଦ୍ୱିତୀୟ ମହାଶକ୍ତିରେ ପରିଣତ ହୋଇପାରିଥିଲା । ବିଜ୍ଞାନ କ୍ଷେତ୍ରରେ ବ୍ୟାପକ ଅଗ୍ରଗତି କରି ବିଶ୍ୱର ପ୍ରଥମ ଅତିଦ୍ରୁତ ମହାକାଶଯାନ ରୁଷ୍ ପଠାଇଥିଲା । କୃଷି କ୍ଷେତ୍ରରେ ଅଗ୍ରଗତି ପାଇଁ ସର୍ବପ୍ରଥମ ଟ୍ରାକ୍ଟର କାରଖାନା ଖୋଲା ଯାଇଥିଲା । ସବୁ ଗାଁ, ସହରକୁ ଗମନାଗମନ ସୁବିଧା ଯୋଗାଇ ଦିଆଯାଇଥିଲା । ଏବେ ରୁଷିଆରେ ସମାଜବାଦ ନାହିଁ । ତଥାପି ସମାଜବାଦ ମୂଳଭିତ୍ତି ପାଇଁ ଏବେ ବି ଏକ ଶକ୍ତିଶାଳୀ ଓ ସୁପରପାୱାର ରାଷ୍ଟ୍ରଭାବେ ବିବେଚିତ ହେଉଛି । ଏଥିରୁ ଅନୁମାନ କରାଯାଉ, ସାମ୍ୟବାଦ ଆସିଲେ ଦୁନିଆରୁ ନିଶ୍ଚିତ ଦାରିଦ୍ର୍ୟତା ଓ ସଙ୍କଟ ଲୋପ ପାଇବା ସହ ଅତି ଦ୍ରୁତଗତିରେ ବିକାଶ ପ୍ରକ୍ରିୟା ଆରମ୍ଭ ହୁଏ । ଏକ ଆକଳନରୁ ଜଣାଯାଏ ଦାରିଦ୍ର୍ୟତାରେ ବିଶ୍ୱର ୨୨୫ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୧୧ ନମ୍ବରରେ ରହିଛି । ସମ୍ବିଧାନରେ ଲେଖାଗଲେ ବି ଭାରତ ଏକ ସାର୍ବଭୌମ୍ୟ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ରିପବ୍ଲିକ୍ ବାସ୍ତବକ୍ଷେତ୍ରରେ ଏହା ଏକ ପୁଞ୍ଜିବାଦୀ ଗଣତାନ୍ତ୍ରିକ ଦେଶ । ଏଠି ୧୦ ଭାଗ ଧନୀକ ୯୦ ଭାଗ ସାଧାରଣଲୋକଙ୍କ ସମ୍ପତ୍ତି ଉପଭୋଗ କରନ୍ତି । ୯୦ ଭାଗ ଲୋକେ ମୌଳିକ ସୁବିଧା ସୁଯୋଗରୁ ବଂଚିତ । ସବୁକ୍ଷେତ୍ରରେ ବ୍ୟବସାୟୀକରଣ ଓ ଘରୋଇକରଣ । ଦରଦାମ୍ ବୃଦ୍ଧିଠାରୁ ଆରମ୍ଭ କରି ବେକାରୀ ସମସ୍ୟା, ଅପପୃଷ୍ଟି, ଶିଶୁ ଶ୍ରମିକ, ନାରୀ ନିର୍ଯାତନା, ଜାତିଭେଦ, ଧର୍ମାନ୍ଧତା, ସାମ୍ପ୍ରଦାୟିକତା ସମସ୍ୟା, ପରିବେଶ ପ୍ରଦୂଷଣ ସବୁଥିରେ ଆଗୁଆ ଦେଶ । ୭୬ ବର୍ଷ ସ୍ୱାଧୀନତା ପରେ ଆମ ଦେଶ ଶତକଡ଼ା ୭୦ ଭାଗ ଗ୍ରାମୀଣ ରାସ୍ତା ସଂଯୋଗ ହୋଇଛି ବୋଲି ସରକାରୀ ଭାବେ କୁହାଯାଇଛି । ଆହୁରି ୩୦ ପ୍ରତିଶତ ଗାଁକୁ ରାସ୍ତା ନାହିଁ, ଗମନାଗମନ ସୁବିଧା ନାହିଁ । ମାତ୍ର ୩୦ ପ୍ରତିଶତ ବସ ସୁବିଧା ଓ ୨୦ ପ୍ରତିଶତ ରେଲୱେ ସୁବିଧା ମିଳୁଛି । ୨୦୨୫ ସୁଦ୍ଧା ୧୪୦ କୋଟି ଲୋକ ସଂଖ୍ୟା ଦେଶରେ ମାତ୍ର ୧୫ କୋଟି ଘରକୁ ଟ୍ୟାପ ପାଣି ଯୋଗାଇ ଦିଆଯାଇଛି । ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟାରେ ଆମ ଦେଶର ଅବସ୍ଥା ସମସ୍ତଙ୍କୁ ଜଣା । ବିଶ୍ୱବ୍ୟାଙ୍କ ଆକଳନ ଅନୁସାରେ ୨୦୨୨-୨୩ ସୁଦ୍ଧା ୭.୫୨୪କୋଟି ଲୋକ ଅତ୍ୟଧିକ ଦାରିଦ୍ର୍ୟତା ମଧ୍ୟରେ କାଳାତିପାତ କରୁଛନ୍ତ, ଅର୍ଥାତ୍ ଭିକ୍ଷାବୃତ୍ତିର ଆଶ୍ରୟ ନେଉଛନ୍ତି । ଆଉ ଯେଉଁ ୨୬.୯ କୋଟି ଲୋକଙ୍କୁ ଦାରିଦ୍ର୍ୟତାରୁ ବାହାରକୁ ଅଣାଯାଇଅଛି ବୋଲି କହୁଛନ୍ତି, ତାହା ମାଗଣା ଚାଉଳ ଓ ମାଗଣା ଖାଦ୍ୟ ଯୋଗାଇ ଦେଇ । ତାଙ୍କ ହାତକୁ କାମ ଦେଇ ସଶକ୍ତ କରି ନୁହେଁ । ପୁଞ୍ଜିବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରରେ ବୈପ୍ଳବିକ ବିକାଶ ସମ୍ଭବ ହୋଇପାରେନା । କାରଣ ଏଠି ଶହେ ମୁରବି । ଦେଶ ପୁଞ୍ଜିପତିମାନଙ୍କ ପ୍ରଚ୍ଛଦ ନିର୍ଦ୍ଦେଶନାରେ ଓ ତାଙ୍କ ସୁବିଧାରେ ବଜେଟ୍ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ନିଷ୍ପତ୍ତି ପ୍ରଭାବିତ ହୁଏ । ବାସ୍ତବରେ କାର୍ଲମାର୍କ୍ସ କହିଥିଲେ, "ବିତ୍ତଶାଳୀ ସମାଜରେ ଅଧିକାଂଶ ମଣିଷ ତ ଦୁର୍ଦ୍ଦଶାଗ୍ରସ୍ତ । ତେଣୁ ଯେଉଁ ଅର୍ଥନୈତିକ ବ୍ୟବସ୍ଥା ଏହି ଦୁର୍ଦ୍ଦଶା ସୃଷ୍ଟି କରେ ତା'ର ଲକ୍ଷ୍ୟ ହିଁ ହେଉଛି ଅସୁଖୀ ସମାଜ ସୃଷ୍ଟି କରିବା ।" ମାର୍କ୍ସ ଓରେଲିଅସ୍‌ଙ୍କ ଉକ୍ତି "ଦାରିଦ୍ର୍ୟ ହେଉଛି ଅପରାଧର ଜନନୀ" କୁ ଯଦି ବିଚାରକୁ ନେବା ତେବେ ଆମ ଦେଶରେ ତଥା ସାରା ବିଶ୍ୱରେ ଅଧିକାଂଶ ଅପରାଧ ମଣିଷର ଅଭାବୀ ପଣିଆକୁ ନେଇ ଘଟୁଛି । ଏହାଦ୍ୱାରା ବେକାରୀ ବଢ଼େ । ବେକାରୀ ବଢ଼ିଲେ ଅପରାଧ, ରାହାଜାନୀ ନିଶ୍ଚିତ ବଢ଼ିବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଭୁବନେଶ୍ୱର, ମୋ - ୯୪୩୭୦୧୩୧୩୯

## 'ବ୍ରିକ୍ସ'ର ଏକତା, ଆମେରିକାର ଚିନ୍ତା

ଲଳିତେନ୍ଦୁ ପଲାଉରୀ

ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ବ୍ରାଜିଲର ରିଓ ଡି ଜେନେରିଓରେ ଆୟୋଜିତ ହୋଇଯାଇଛି ୧୭ତମ 'ବ୍ରିକ୍ସ' ଶିଖର ସମ୍ମିଳନୀ । 'ବ୍ରିକ୍ସ' ହେଉଛି ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ରଙ୍କ ଏକ ଶକ୍ତିଶାଳୀ ସଂଗଠନ, ଯେଉଁଥିରେ ୧୧ ସ୍ଥାୟୀ ସଦସ୍ୟ ଏବଂ ଅନେକ ଅସ୍ଥାୟୀ ସଦସ୍ୟ ଅର୍ଥନୈତିକ ବିକାଶ, ରାଜନୈତିକ ସହଯୋଗ ଓ ଭୌଗୋଳିକ ସୁରକ୍ଷାକୁ ନେଇ କାମ କରୁଛନ୍ତି । ବ୍ରାଜିଲ୍, ରୁଷ, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିଆ, ଇରାନ୍, ୟୁଏଇ, ସାଉଦି ଆରବ ଓ ଇଣ୍ଡୋନେସିଆ ଏହି ସଂଗଠନର ସ୍ଥାୟୀ ସଦସ୍ୟ । ୨୦୦୧ ମସିହାରୁ ବ୍ରାଜିଲ, ରୁଷ, ଭାରତ ଓ ଚୀନକୁ ନେଇ 'ବ୍ରିକ୍ସ' ପରିକଳ୍ପନା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସଂଗଠନରେ ଯୋଡ଼ି ହୋଇଛନ୍ତି ଅନ୍ୟ ଦେଶ । 'ବ୍ରିକ୍ସ'ର ନୂତନ ସଦସ୍ୟ ଏବଂ ଅଂଶୀଦାର ଦେଶ ଭାବେ ଇଣ୍ଡୋନେସିଆକୁ ପୂର୍ଣ୍ଣ ସଦସ୍ୟତା ମିଳିଛି । ବେଲାରୁଷ, ବଲିଭିଆ, କାଜାଖସ୍ତାନ, କ୍ୟୁବା, ନାଇଜେରିଆ, ମାଲେସିଆ, ଥାଇଲ୍ୟାଣ୍ଡ, ଭିଏତନାମ, ଉଗାଣ୍ଡା ଓ ଉଜବେକିସ୍ତାନକୁ 'ବ୍ରିକ୍ସ'ର ଅଂଶୀଦାର ଦେଶ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

ଚଳିତ ବର୍ଷ ଏହି ଶିଖର ସମ୍ମିଳନୀରେ ଆୟୋଜକ ଥିଲା ବ୍ରାଜିଲ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ ବୈଦେଶିକ ମନ୍ତ୍ରୀ ସେରର୍ଗୀ ଲାଭରଭ, ଚୀନ ପ୍ରଧାନମନ୍ତ୍ରୀ ଲି କ୍ୱିୟାଙ୍ଗ, ଦକ୍ଷିଣଆଫ୍ରିକା ରାଷ୍ଟ୍ରପତି ସିରିଲ ରାମଫୋସା, ଇଜିପ୍ଟ ପ୍ରଧାନମନ୍ତ୍ରୀ ମୋସ୍ତାଫା ମେଡବଉଲି, ଇଥିଓପିଆ ପ୍ରଧାନମନ୍ତ୍ରୀ ଆବଲି ଅହମ୍ମେଦ, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱା ସୁବିଆଣ୍ଟୋ, ଇରାନ ବୈଦେଶିକ ମନ୍ତ୍ରୀ ଆବ୍ବାସ ଆର୍ଗାହୁଚି, ୟୁଏଇ କ୍ରାଉନ ପ୍ରିନ୍ସ ଖାଲେଦା ବିନ୍ ମହମ୍ମଦ ଅଲ ନାହୟନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭର୍ଚୁଆଲରେ ବୈଠକରେ ଯୋଗ ଦେଇଥିଲେ । ଏହାବ୍ୟତୀତ ପ୍ରମୁଖ ଅନ୍ତଃରାଷ୍ଟ୍ରୀୟ ସଂଗଠନ, ସହଯୋଗୀ ରାଷ୍ଟ୍ର ଏହି ବିଶ୍ୱ ମଞ୍ଚରେ ମାନସ ମନ୍ଥନ କରିଛନ୍ତି ।

'ବ୍ରିକ୍ସ' ସଦସ୍ୟ ରାଷ୍ଟ୍ରଙ୍କ ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ପ୍ରାୟ ୪୫ପ୍ରତିଶତ । ବିଶ୍ୱ ଅର୍ଥନୀତିର ୩୫ପ୍ରତିଶତ 'ବ୍ରିକ୍ସ' ନିୟନ୍ତ୍ରଣରେ ରହିଛି । ସଦ୍ୟତମ 'ବ୍ରିକ୍ସ' ସମ୍ମିଳନୀର ମିଳିତ ଘୋଷଣାନାମାରେ ଅଶାନ୍ତ ମଧ୍ୟପ୍ରାଚ୍ୟ, ଇରାନ ଉପରେ ଇସ୍ରାଏଲର ଆକ୍ରମଣ, ଜମ୍ମୁକାଶ୍ମୀର ପହଲଗାମରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି । 'ବ୍ରିକ୍ସ' ରାଷ୍ଟ୍ରନେତାମାନେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଏକ ସ୍ୱରରେ ନିନ୍ଦା କରିଛନ୍ତି । ଘୋଷଣାପତ୍ରରେ ଚୀନ ମଧ୍ୟ ହସ୍ତାକ୍ଷର କରିଛି । ଆମେରିକାର ଟ୍ରମ୍ପ ସରକାର ବିଭିନ୍ନ ଦେଶ ଉପରେ କଠୋର ଟାରିଫ୍ ନୀତି ଲାଗୁ କରିଥିବାରୁ 'ବ୍ରିକ୍ସ'ର ମିଳିତ ମଞ୍ଚ ଏହାକୁ ନିନ୍ଦା କରିଛି । ଏହା ମଧ୍ୟ ଟ୍ରମ୍ପଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି ।

'ବ୍ରିକ୍ସ' ରାଷ୍ଟ୍ର ସଦସ୍ୟ ଓ ଏଥିରେ ଯୋଡ଼ି ହେବାକୁ ଚାହୁଁଥିବା ରାଷ୍ଟ୍ରମାନଙ୍କ ଉପରେ ୧୦ ପ୍ରତିଶତ ଅଧିକ କର ଲଗାଇବାକୁ ଚେତବନୀ ଦେଇଛନ୍ତି ଟ୍ରମ୍ପ । ଆମେରିକାର ଏଭଳି ଟାରିଫ ଧମକକୁ 'ବ୍ରିକ୍ସ' ରାଷ୍ଟ୍ରମାନେ ସମାଲୋଚନା କରିଛନ୍ତି । ଏହାସହ 'ବ୍ରିକ୍ସ' ଦେଶଗୁଡ଼ିକ ମଧ୍ୟରେ ଏକକ ବିନିମୟ ମୁଦ୍ରା ପ୍ରଚଳନ ପାଇଁ ସଦସ୍ୟ ରାଷ୍ଟ୍ରମାନେ ସହମତ ହୋଇଛନ୍ତି, ଯାହାକୁ ଦେଖି ଚିହିଁକି ପଡ଼ିଛନ୍ତି ଟ୍ରମ୍ପ । କହିଛନ୍ତି ଯଦି 'ବ୍ରିକ୍ସ' ରାଷ୍ଟ୍ରମାନେ ଡଲାରକୁ ବୟକଟ୍ କରନ୍ତି ତା'ହେଲେ ସେ ଶହେ ପ୍ରତିଶତ ଟାରିଫ ଲଗାଇବେ । ଟ୍ରମ୍ପଙ୍କ ଧମକରେ 'ବ୍ରିକ୍ସ' କିନ୍ତୁ ବିଚଳିତ ହୋଇନାହିଁ । ବରଂ ଆମେରିକାକୁ ଆଇନା ଦେଖାଇବାକୁ ସଦସ୍ୟ ରାଷ୍ଟ୍ରମାନେ ରଣନୀତି କରିଛନ୍ତି । ଚୀନ କହିଛି 'ବ୍ରିକ୍ସ' ଏକ ଆମେରିକା ବିରୋଧୀ ମେଣ୍ଟ ନୁହେଁ । ତେଣୁ ଆମେରିକାର ଟାରିଫ୍ ଫର୍ମୁଲା କିଛି ଫାଇଦା ଦେବ ନାହିଁ । ରୁଷ ମଧ୍ୟ ଚୀନ ସହ ସ୍ୱର ମିଳାଇଛି ।

ଭାରତ ବିଶ୍ୱର ଦୁଇ ମେରୁ ଆମେରିକା ଓ ରୁଷ ସହିତ ଉତ୍ତମ ସମ୍ପର୍କ ରଖି ଆସିଛି । ଭାରତ ଉଭୟ 'ବ୍ରିକ୍ସ' ଓ 'କ୍ୱାଡ'ର ସଦସ୍ୟ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ବ୍ରିକ୍ସ' ବୈଠକରେ ଆତଙ୍କବାଦ ମାନବତା ପାଇଁ ବଡ଼ ଆହ୍ୱାନ ବୋଲି କହିଥିଲେ । 'ବ୍ରିକ୍ସ'ର ଆତଙ୍କବାଦ ବିରୋଧୀ ଘୋଷାଣାନାମାରେ ଚୀନ ପ୍ରଧାନମନ୍ତ୍ରୀ ସ୍ୱାକ୍ଷର କରିଛନ୍ତି । ତେଣୁ ଆଗକୁ ହୁଏତ ଚୀନ୍ ଆଉ ପାକିସ୍ତାନ ମଧ୍ୟରେ ସମ୍ପର୍କ ବିଗିଡ଼ି ପାରେ । ବୈଠକରେ ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ କୃତ୍ରିମ ବୁଦ୍ଧିମତ୍ତା ପାଇଁ ଏକାଠି କାମ କରିବାକୁ ଆହ୍ୱାନ ଦେଇଛନ୍ତି । ଆସନ୍ତା ବର୍ଷ 'ଏଆଇ ଇମ୍ପାକ୍ଟ ସମିଟ୍' ଆୟୋଜନ କରିବାକୁ ଯାଉଛି ଭାରତ ।

ସାଂପ୍ରତିକ ବିଶ୍ୱ ଏବେ ଅନେକ ଜଟିଳ ଆହ୍ୱାନର ସମ୍ମୁଖୀନ ହେଉଛି । ପୃଥିବୀର ବିଭିନ୍ନ ଭାଗରେ ସଂଘର୍ଷ, ମହାମାରୀ, ଅର୍ଥନୈତିକ ସଙ୍କଟ ସମାଧାନରେ ବୈଶ୍ୱିକ ଅନୁଷ୍ଠାନ ବିଫଳ ହେଉଥିବାରୁ ନୂତନ ରଣନୈତିକ ଭାଗିଦାରିତାରେ କାମ କରିବାକୁ ଭାରତ ଆହ୍ୱାନ ଦେଇଛି । ଆଗାମୀ ସମୟରେ 'ବ୍ରିକ୍ସ' କିପରି ଏକ ବହୁଧ୍ରୁବୀୟ ବିଶ୍ୱର ପ୍ରବର୍ତ୍ତକ ହୋଇପାରିବ, ତାହା ବିଚାର କରିବା ଉଚିତ । ଏହାସହ ୨୦୨୬ରେ ଭାରତ ୧୮ତମ 'ବ୍ରିକ୍ସ' ସମ୍ମିଳନୀ ଆୟୋଜନ କରିବାକୁ ସମର୍ଥନ ପାଇଛି । ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ 'ବ୍ରିକ୍ସ' ସମ୍ମିଳନୀରେ ପରିବେଶ, ଜଳବାୟୁ ସମ୍ମିଳନୀ (କୋପ୍-୩୦) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ଭଳି ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି କହିଥିଲେ କରୋନା ମହାମାରୀ ଦେଖାଇଛି ଯେ ରୋଗ ପାଇଁ ପାସପୋର୍ଟ କିମ୍ବା ଭିସା ଆବଶ୍ୟକ ନାହିଁ । ଏହାର ସମାଧାନ ଏକାଠି ଖୋଜିବାକୁ ପଡ଼ିବ । ତେଣୁ ପୃଥିବୀକୁ ସୁସ୍ଥ ରଖିବା ପାଇଁ ଆମକୁ ଏକାଠି କାମ କରିବାକୁ ପଡ଼ିବ । ଏହାସହ 'ବ୍ରିକ୍ସ'ର ପ୍ରକୃତ ଶକ୍ତି ହେଉଛି ଏହାର ବିବିଧତା ମଧ୍ୟରେ ଏକତା । 'ବ୍ରିକ୍ସ' ମାଧ୍ୟମରେ ବିଜ୍ଞାନ ଓ ଗବେଷଣା ପାଇଁ ଏକ ସାଧାରଣ ପ୍ଲାଟଫର୍ମ ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ ।

ନିଜେ ସମ୍ବଳର ଅପବ୍ୟବହାର ନକରି ବିଶ୍ୱର ଅନ୍ୟମାନଙ୍କ ବଞ୍ଚିବାର ଅଧିକାର ଦେବାକୁ ଭାରତ ଜୋର ଦେଇଛି । ବିଶ୍ୱ ବାଣିଜ୍ୟ ସଂଗଠନର ନିୟମ ବିରୁଦ୍ଧରେ ବଢୁଥିବା ଶୁଳ୍କ ଉପରେ ଚିନ୍ତା ପ୍ରକଟ କରିଛି 'ବ୍ରିକ୍ସ' ମଞ୍ଚ । ଆମେରିକା ନାଁ ନ ନେଇ ସିଧା ଆମେରିକାକୁ ଲକ୍ଷ୍ୟ କରି ଭାରତ କହିଛି ଯେ 'ବ୍ରିକ୍ସ' ସଂଗଠନର ସଦସ୍ୟମାନେ ଆମେରିକାର ଲଗାମଛଡ଼ା ଟାରିଫ ବ୍ୟବସ୍ଥାକୁ ମାନନ୍ତି ନାହିଁ । କାରଣ ତାହା ବିଶ୍ୱ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳା ପାଇଁ ବିପଦ । ବିଶ୍ୱରେ ଶାସନ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଚୀନ 'ବ୍ରିକ୍ସ' ଦେଶଗୁଡ଼ିକୁ ନିବେଦନ କରିଛି । ଜାତିସଂଘର ସୁରକ୍ଷା ପରିଷଦରେ ଭାରତ ଓ ବ୍ରାଜିଲକୁ ସ୍ଥାୟୀ ସଦସ୍ୟତା ପ୍ରସଙ୍ଗରେ ସମର୍ଥନ ଦେବାକୁ ସଦସ୍ୟ ରାଷ୍ଟ୍ରମାନେ ଆଲୋଚନା କରିଛନ୍ତି । ଏହାସହ ଜାତିସଂଘରେ ସଂସ୍କାର, ୨୦୨୮ରେ କୋପ୍ ୩୩ ଆୟୋଜନ ପାଇଁ ଭାରତର ପ୍ରାର୍ଥିତ୍ୱକୁ ସ୍ୱାଗତ କରାଯାଇଛି । କୌଣସି ଧର୍ମ, ଦେଶ, ସଭ୍ୟତା, ଜାତି, ଗୋଷ୍ଠୀ ନିର୍ବିଶେଷରେ ଆତଙ୍କବାଦ ବିରୁଦ୍ଧରେ ଏକାଠି ହେବାକୁ ସହମତ ପ୍ରକାଶ ପାଇଛି । ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ଏବଂ ଦ୍ୱୈତ ମାନଦଣ୍ଡ ପ୍ରତ୍ୟାଖ୍ୟାନକୁ ଗୁରୁତ୍ୱ ଦେଇଛି 'ବ୍ରିକ୍ସ' । ଏଭଳି ସ୍ଥିତିରେ ଦକ୍ଷିଣବିଶ୍ୱ ପ୍ରତି ଭେଦଭାବ କରାଯାଉଥିବାରୁ ଭାରତ ଉଦବେଗ ପ୍ରକାଶ କରିଛି ଏବଂ ବିକାଶ, ସମ୍ବଳ ବଣ୍ଟନ ଓ ସୁରକ୍ଷା ଭଳି ପ୍ରସଙ୍ଗକୁ ପ୍ରାଥମିକତା ଦେବାକୁ ଆହ୍ୱାନ ଦେଇଛି । ସେହିପରି ଆତଙ୍କବାଦ ବିରୋଧରେ କଠୋର ଦୃଷ୍ଟିକୋଣ ଆପଣେଇବା ସହିତ ବ୍ୟକ୍ତିଗତ କିମ୍ବା ରାଜନୈତିକ ଲାଭ ପାଇଁ ଆତଙ୍କବାଦକୁ ନିରବ ସମର୍ଥନ ନ କରିବାକୁ ପରାମର୍ଶ ଦେଇଛି ଭାରତ ।

ବର୍ତ୍ତମାନ ବିଶ୍ୱ ପଶ୍ଚିମ ଏସିଆରୁ ଆରମ୍ଭ କରି ୟୁରୋପ ପର୍ଯ୍ୟନ୍ତ ବ୍ୟାପିଥିବା ସଂଘର୍ଷ, ଯୁଦ୍ଧ ଓ ଉତ୍ତେଜନା ମାନବ ସଭ୍ୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିଛି । ଏହା ଅନିୟନ୍ତ୍ରିତ ସ୍ଥିତିକୁ ଚାଲିଯିବା ପୂର୍ବରୁ 'ବ୍ରିକ୍ସ' ଭଳି ସଂଗଠନଗୁଡ଼ିକ ନିଜ ନିଜର ବିକାଶ ସହ ବିଶ୍ୱରେ ଶାନ୍ତି ଓ ଭ୍ରାତୃଭାବ ପ୍ରତିଷ୍ଠା ଉପରେ ଅଧିକ ଗୁରୁତ୍ୱ ଦେବାର ସମୟ ଆସିଛି ।

ବାଲିପନ୍ତାଳ(ପୁରୀ), ମୋ: ୯୭୭୮୬୯୭୦୩୬

## ମଙ୍ଗଳକର ଅଳ୍ପ ମାନସିକ ଚାପ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଆଧୁନିକ ବସ୍ତୁବାଦୀ ଓ ବ୍ୟସ୍ତ ଜୀବନଶୈଳୀ ହେତୁ ସମଗ୍ର ବିଶ୍ୱରେ ଏବେ ଏକ ଉତ୍କଟ ସ୍ୱାସ୍ଥ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି ମାନସିକ ଚାପ । ବିଶ୍ୱର ପ୍ରାୟ ଅର୍ଦ୍ଧାଧିକ ଲୋକ (ଭାରତର ୫୩ ଶତାଂଶ) ଅଳ୍ପେବହୁତ ଏଥିରେ ପ୍ରଭାବିତ । କାର୍ଯ୍ୟଚାପ, ବ୍ୟକ୍ତିଗତ ସମ୍ପର୍କରେ ସନ୍ତୁଳନର ଅଭାବ, ମନ ଚିନ୍ତା ଗ୍ରସ୍ତ ହେବା ଇତ୍ୟାଦି ଏହାର କାରଣ । ଫଳରେ ବ୍ୟକ୍ତିଠାରେ ସହନଶକ୍ତିର ଅଭାବ ଦେଖାଦେଇଛି । ମାନସିକ ଅବସାଦ ଓ ଅସାମାଜିକ ମାନସିକତା ଭଳି ବିଶୃଙ୍ଖଳା ମଧ୍ୟ ବୃଦ୍ଧି ପାଉଛି । ବିଶେଷକରି, ୧୮ ରୁ ୨୪ ବର୍ଷ ବୟସ୍କ ଯୁବ ବର୍ଗ ଏବଂ ୬୦ ରୁ ଉର୍ଦ୍ଧ୍ୱ ବୟସ୍କ ବର୍ଗଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ବିଶେଷ ଭାବେ ପରିଲକ୍ଷିତ ହେଉଛି ।

ତେବେ ଏହା ସ୍ୱଳ୍ପମାତ୍ରାରେ ହେବାର ଅନେକ ମଙ୍ଗଳକର ପ୍ରଭାବ ରହିଛି । ଲକ୍ଷ୍ୟ ସାଧନ ଲାଗି ପ୍ରରୋଚିତ କରିବା, ବିପଦର ମୁକାବିଲା କରିବା ଇତ୍ୟାଦି ଦିଗରେ ଏହା ବିଶେଷ ଭାବେ ସହାୟକ ହୋଇଥାଏ ବୋଲି ଜଣାପଡ଼ିଛି ଜର୍ଜିଆ ବିଶ୍ୱବିଦ୍ୟାଳୟର ଯୁବ ବିକାଶ ପ୍ରତିଷ୍ଠାନଠାରେ କାର୍ଯ୍ୟରତ ଗବେଷକମାନଙ୍କ ଅଧ୍ୟୟନରୁ । ଗବେଷକ ଆସାଫ୍ ଓଶ୍ରିଙ୍କ ମତରେ 'ତୁମେ କିଛିମାତ୍ରାରେ ଚାପ ସୃଷ୍ଟି କରଉଥିବା ଏକ ପରିବେଶ ମଧ୍ୟରେ ରହି କାର୍ଯ୍ୟ କଲେ ତୁମଠାରେ ଖାପଖୁଆଇଲା ଭଳି ସାମର୍ଥ୍ୟର ବିକାଶ ଘଟାଇବ, ଯାହା ତୁମକୁ ଏପରି ସୁଶୃଙ୍ଖଳିତ କରିଦେବ ଯେ ତୁମେ ଅଧିକ ଦକ୍ଷ ତଥା ଫଳପ୍ରସୂ କାର୍ଯ୍ୟ ନିର୍ବାହୀଟିଏ ହୋଇପାରିବ ।'

ଏହି ଗବେଷଣାରେ ସାମିଲ୍ ୧୨୦୦ ଯୁବକଯୁବତୀଙ୍କୁ ଚାପଗ୍ରସ୍ତ ଅଣନିୟନ୍ତ୍ରିତ ଲୋକେ ସେମାନଙ୍କ ଜୀବନକୁ କିପରି ଅନୁଭବ କରନ୍ତି ତାହାରି ଉପରେ କିଛି ପ୍ରଶ୍ନର ଉତ୍ତର ରଖିବାକୁ କୁହାଯାଇଥିଲା । ଅଂଶଗ୍ରହଣକାରୀମାନେ ଚିନ୍ତା କିମ୍ବା ଅନୁଭୂତିଗୁଡ଼ିକୁ କେତେ ବାରମ୍ବାର ଅନୁଭବ କରନ୍ତି ତାହା ସୂଚୀତ କରିବାକୁ ମଧ୍ୟ କୁହାଯାଇଥିଲା । ତପ୍ରରେ ସେମାନଙ୍କ ସ୍ୱାୟବିକ ବୋଧଶକ୍ତିର ମୂଲ୍ୟାୟନ କରାଗଲା ବିବିଧ କାର୍ଯ୍ୟକଳାପ ମାଧ୍ୟମରେ । ଏହାର ଫଳାଫଳକୁ ତୁଳନା କରାଗଲା ସେମାନଙ୍କ ଉଦ୍‌ବେଗ ଅନୁଭବ କରିବା, କୌଣସି କାର୍ଯ୍ୟରେ ମନୋନିବେଶ କରିବା, ଆକ୍ରମଣାତ୍ମକ ମନୋଭାବ ଏବଂ ଅନ୍ୟାନ୍ୟ ଆଚରଣ ତଥା ଭାବପ୍ରବଣତା ଜନିତ ସମସ୍ୟାବଳୀର ବିବିଧ ପରିମାପକ ଏବଂ ସେମାନେ ଦେଇଥିବା ପ୍ରଶ୍ନଗୁଡ଼ିକର ଉତ୍ତରମାନଙ୍କ ସହିତ । ଜଣାପଡ଼ିଲା ଯେ ସାମାନ୍ୟରୁ ମଧ୍ୟମସ୍ତରର ମାନସିକ ଚାପ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଉପାଦେୟ, ବିଶେଷକରି ଏହା ଏକପ୍ରକାର ଅନ୍ତଃରୋପଣ(ଇନୋକ୍ୟୁଲେସନ୍) ରୂପେ ମାନସିକ ରୋଗବ୍ୟାଧିର ପ୍ରତିରୋଧ କରିଥାଏ । ଅତଏବ ତାହା ମଙ୍ଗଳକର ।

ଓଶ୍ରିଙ୍କ ମତରେ ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ପ୍ରତିକୂଳ ଅନୁଭୂତିଗୁଡ଼ିକ ଅଧିକ ଦୃଢ଼ ମନୋଭାବ ସଂପନ୍ନ ଓ ଶକ୍ତିଶାଳୀ କରେ ବୋଲି ସମସ୍ତଙ୍କୁ ଜଣା । ପୁନଶ୍ଚ ଏପରି କିଛି ଅନୁଭୂତି ରହିଛି, ଯାହାକି ଆମର ଦକ୍ଷତା ବିକଶିତ ହେବାକୁ ଦିଏ ଏବଂ ଭବିଷ୍ୟତ ଲାଗି ପ୍ରସ୍ତୁତ କରାଏ । ତେବେ ମାନସିକ ଚାପ ଏବଂ ପ୍ରତିକୂଳ ପରିସ୍ଥିତିକୁ ସହ୍ୟ କରିବା ଶକ୍ତି ସମସ୍ତଙ୍କର ସମାନ ନୁହେଁ । ବୟସ, ଲିଙ୍ଗଭେଦ, ଜିନ୍‌ର ପୂର୍ବ ପ୍ରବଣତା ଏବଂ ଦରକାର ସମୟରେ ସାହାଯ୍ୟ କଲା ଭଳି ସଂପର୍କ ଇତ୍ୟାଦି ଆମକୁ ଏବର ଆହ୍ୱାନଗୁଡ଼ିକର କିପରି ସମ୍ମୁଖୀନ ହେବା ତାହା ନିର୍ଦ୍ଧାରଣ କରିଥାଏ । ନିମ୍ନ ବା ମଧ୍ୟମ ସ୍ତର ମାନସିକ ଚାପ ବୋଧଶକ୍ତି ପାଇଁ ଉତ୍ତମ ହେଲେ ହେଁ ତାହା ଦୀର୍ଘସମୟ ଧରି ରହିଲେ ଦେହ ଓ ମନ ଲାଗି କ୍ଷତିକାରକ ସାବ୍ୟସ୍ତ ହୋଇପାରେ ।

ଦୀର୍ଘକାଳୀନ ମାନସିକ ଚାପର ସ୍ତର ନିର୍ବିଶେଷରେ ଦୈହିକ ଓ ମାନସିକ ପରିଣାମ ରହିଛି । ତାହା ଦୀର୍ଘସ୍ଥାୟୀ କିମ୍ବା ଅତିମାତ୍ରାରେ ହେବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଅନୁପଯୋଗୀ । ଏହା ଆମ ରୋଗ ପ୍ରତିରୋଧ ଶକ୍ତିଠାରୁ ଆରମ୍ଭ କରି ଭାବପ୍ରବଣତା ନିୟନ୍ତ୍ରଣ, ମସ୍ତିଷ୍କର କାର୍ଯ୍ୟବିଧି ଆଦିକୁ ଗଭୀର ଭାବେ ପ୍ରଭାବିତ କରେ । ସେଥିପାଇଁ ଯୋଗ, ମାନସିକ ତଥା ଧାର୍ମିକ କ୍ରିୟାକଳାପରେ ମନୋନିବେଶ, ଉତ୍ତମ ପାରିବାରିକ ସମ୍ପର୍କ, ଅଧ୍ୟୟନ ଆଦି ମାଧ୍ୟମରେ ଏହାର ସ୍ତର ହ୍ରାସ କରିବା ସହିତ ସମୟ ମଧ୍ୟ ହ୍ରାସ କରିବା ଲାଗି ଉଦ୍ୟମ ହେବା ଆବଶ୍ୟକ ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

**ଲଗାଣ ବର୍ଷାରେ ପ୍ରଭାବ**

## ଧୋଇଗଲା ୪୯ ନମ୍ବର ଜାତୀୟ ରାଜପଥର ସର୍ଭିସ୍ ରୋଡ୍

### ମୁମ୍ବାଇ-କଲିକତା ଯୋଗାଯୋଗରେ ବାଧା



ତେଲକୋଇ,୧୪।୭(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥର ରୁଗୁଡ଼ିହିସ୍ଥିତ ବିଛାଖଣି ନିକଟରେ ବନ୍ୟଜନ୍ତୁ ଚଳପ୍ରଚଳ ପାଇଁ ନିର୍ମାଣ ହେଉଥିବା ପୋଲର ଡାଇଭର୍ସନ ରାସ୍ତା ଲଗାଣ ବର୍ଷାରେ ଧୋଇଯାଇଛି। ଫଳରେ କେନ୍ଦୁଝର-ସମ୍ବଲପୁର ଓ ମୁମ୍ବାଇରୁ କଲିକତା ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗୋଟିଏ କଞ୍ଚାମାଲ ବୋଝେଇ ଗାଡ଼ି ଧୋଇ ହୋଇଯାଇଥିବା ସ୍ଥାନରେ ଫସି ଦୁର୍ଘଟଣାର ଶିକାର ହୋଇଛି। ଜାତୀୟ ରାଜପଥରେ ହଜାର ହଜାର ଗାଡ଼ି ଅଟକି ରହିଥିବା ବେଳେ ଅନେକ ଯାତ୍ରୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଥିପ୍ରତି ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏବଂ ଟୋଲ ଆଦାୟ କରୁଥିବା ସଂସ୍ଥା ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ହେବ ପୋଲ ନିର୍ମାଣ ଚାଲିଥିବା ବେଳେ ନିର୍ମାଣ କାର୍ଯ୍ୟ ସରୁନଥିବାରୁ ଲଗାଣ ବର୍ଷାରେ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଏହି ସମସ୍ୟା ଯୋଗୁଁ କେତେକ ଯାତ୍ରୀବାହି ବସ୍ କାଞ୍ଜିପାଣିରୁ ତେଲକୋଇ ଦେଇ ଯାଉଥିବା ଦେଖିବାକୁ ମିଳିଛି।

## ଯୁକ୍ତ ୨ ପରୀକ୍ଷାର୍ଥୀଙ୍କ ପାଖକୁ ଆସୁଛି ଫେକ୍ ଫୋନ୍ କଲ୍

ଭୁବନେଶ୍ୱର, ୨୩।୯(ସମିସ): ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ପାଖକୁ ଆସୁଛି ଫେକ୍ ଫୋନ୍-କଲ୍। ଗୋଟିଏ ବା ଦୁଇଟି ବିଷୟରେ ଫେଲ୍ ହୋଇଥିବା କହିବା ସହ ପାସ୍ କରାଇବାକୁ ପ୍ରଲୋଭନ ଦେଖାଉଛନ୍ତି। ରି-ଚେକିଂ କରି ମାର୍କ ବଢ଼ାଇଦେବେ ବୋଲି ମଧ୍ୟ କହୁଛନ୍ତି। ପରୀକ୍ଷାର୍ଥୀଙ୍କ ସମସ୍ତ ବ୍ୟକ୍ତିଗତ ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ନିର୍ଭୁଲ୍ ତଥ୍ୟ ଦେଇ ବିଶ୍ୱାସ ଜିତୁଛନ୍ତି। ପରେ ଟଙ୍କା ଦାବି କରିବା ସହ ପରୀକ୍ଷାର୍ଥୀଙ୍କୁ ଲୁଟୁଛନ୍ତି। ମୋ:୯୫୮୩୪୭୭୬୫୯ରେ ପଣ୍ଡା ସାର୍ ଏବଂ ୮୯୧୮୮୧୩୦୮୨ନମ୍ବରରେ ନିରଞ୍ଜନ ସେଠୀ କହି ଛାତ୍ରଛାତ୍ରୀଙ୍କ ପାଖକୁ ଫୋନ୍ ଯାଉଛି। ସେମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ରୁ କହୁଥିବା କହିବା ସହ କଥାବାର୍ତ୍ତାକୁ ଗୁପ୍ତ ରଖିବାକୁ କହୁଛନ୍ତି। ପରୀକ୍ଷାର୍ଥୀଙ୍କ ନାମ ରୋଲ୍ ନମ୍ବର ଏବଂ ଆନୁସଙ୍ଗିକ ସମସ୍ତ ତଥ୍ୟ ଦେଇ ବିଶ୍ୱାସଭାଜନ ହେଉଛନ୍ତି। କେଉଁ ବିଷୟରେ ଫେଲ୍ ହୋଇଛନ୍ତି କହିବା ସହ ପାସ୍ କରାଇଦେବାକୁ ଆଶ୍ୱାସନା ଦେଉଛନ୍ତି। ଫଳରେ ପରୀକ୍ଷାର୍ଥୀମାନେ ସହଜରେ ଠକଙ୍କ ଜାଲରେ ପଡ଼ି ଠକାମିର ଶିକାର ହେଉଛନ୍ତି। ଏପରି ଅଭିଯୋଗ ଆସିବା ପରେ ଏ ସବୁକୁ ବିଶ୍ୱାସ ନ କରିବା ପାଇଁ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସଚେତନ କରିଛନ୍ତି। ସିଏଚ୍‌ଏସ୍‌ଇ ପକ୍ଷରୁ କାହାକୁ ଫୋନ୍ ଯାଏ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭବିଷ୍ୟତରେ କାହା ପାଖକୁ ଏପରି ଫୋନ୍ ଗଲେ ହେଲ୍ପଲାଇନ୍ ନମ୍ବର- ୦୬୭୪୨୩୦୦୯୧୪ ରେ ଅଭିଯୋଗ କରିବାକୁ ଡ. ପରିଡ଼ା ପରାମର୍ଶ ଦେଇଛନ୍ତି।

**ସଚେତନ କରାଇଲେ ପରୀକ୍ଷା ନିୟନ୍ତ୍ରକ**

## ୨ଟି ତେଲିଆ ମାଛର ମୂଲ୍ୟ ୪.୬୧ ଲକ୍ଷ ଟଙ୍କା



ଭଦ୍ରକ,୧୪।୭ (ସମିସ): ଦୁଇଟି ମାଛର ଦାମ ୪ ଲକ୍ଷ ୬୧ହଜାର ଟଙ୍କା। ଏଭଳି ଖବର ଆସିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଧାମରା ମତ୍ସ୍ୟଧରା ମୁହାଁଣର ଗଭୀର ସମୁଦ୍ରରୁ। ସମୁଦ୍ରରେ ସୋମବାର ମତ୍ସ୍ୟଜୀବୀଙ୍କ ଜାଲରେ ଦୁଇଟି ତେଲିଆ ମାଛ ପଡ଼ିଥିଲା। ଗୋଟିଏ ମାଛର ଓଜନ ୨୧କେଜି ହୋଇଥିବା ବେଳେ ଅନ୍ୟଟିର ଓଜନ ୩୧କେଜି ୬୦୦ଗ୍ରାମ। ଦୁଇଟିଯାକ ମାଛକୁ ୪ଲକ୍ଷ ୬୧ ହଜାର ଟଙ୍କାରେ ବିକ୍ରି ହୋଇଥିବା ଜଣାପଡ଼ିଛି।

**ଏଫ୍‌ଏମ୍ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣା**

## ଡବଲ ଇଂଜିନ ସରକାରକୁ ଜୟରାମଙ୍କ ଭର୍ତ୍ସନା

ଭୁବନେଶ୍ୱର,୧୪।୭(ସମିସ): ଏଫ୍‌ଏମ୍ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ଓ କେନ୍ଦ୍ର ଡବଲ ଇଂଜିନ ସରକାର ଉପରେ ବର୍ଷିଛନ୍ତି କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ। ଓଡ଼ିଶାର ଏହି ଘଟଣା ପାଇଁ ଚିନ୍ତା ପ୍ରକଟ କରିବା ସହ ବିଜେପି ସରକାରକୁ ସେ କଡ଼ା ସମାଲୋଚନା କରିଛନ୍ତି। ଜୟରାମ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରୁ ଏକ ଅତ୍ୟନ୍ତ ବିବ୍ରତକର ଘଟଣା ସାମ୍ନାକୁ ଆସିଛି। ବାଲେଶ୍ୱରର ଏକ କଲେଜରେ ଜଣେ ଛାତ୍ରୀ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଦୀର୍ଘ ଦିନ ଧରି ଯୌନ ନିର୍ଯାତନାର ଶିକାର ହୋଇ କ୍ୟାମ୍ପସରେ ନିଜକୁ ନିଆଁ ଲଗାଇ ଦେଇଛନ୍ତି। ସେ ଗୁରୁତର ପୋଡ଼ି ଆହତ ହୋଇଛନ୍ତି ଏବଂ ବର୍ତ୍ତମାନ ଏମ୍ସ ଭୁବନେଶ୍ୱରରେ ଜୀବନ-ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ପୀଡ଼ିତା ଶାସକ ଦଳର ଛାତ୍ର ସଂଗଠନର ଜଣେ ପଦାଧିକାରୀ ହୋଇଥିବା ବେଳେ ୨୦ ଦିନ ପୂର୍ବେ ସେ ଅଧକ୍ଷଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଥିଲେ ଓ ଆନୁଷ୍ଠାନିକ ଅଭିଯୋଗ କରିଥିଲେ ମଧ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଡବଲ ଇଞ୍ଜିନ୍ ସରକାର ଥିବା ଓଡିଶାରେ ଶାସକ ଦଳର ମହିଳା ପଦାଧିକାରୀ ନିଜେ ଏତେ ଅସହାୟ ହୋଇଥିବା ବେଳେ ସାଧାରଣ ମହିଳାଙ୍କ ସୁରକ୍ଷାର ଅବସ୍ଥା କ'ଣ ହେବ ବୋଲି କହି ଜୟରାମ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। 'ବେଟି ପଢ଼ାଓ, ବେଟି ବଚାଓ' ଭଳି ଫମ୍ପା ସ୍ଲୋଗାନ ମଧ୍ୟରେ, ବିଜେପି ସରକାର କେବଳ ନିଜର ମିଥ୍ୟା ପ୍ରତିଛବି ବଞ୍ଚାଇବାକୁ ଚେଷ୍ଟା କରୁଛି। ଗତ ୧୧ ବର୍ଷ ମହିଳା ସୁରକ୍ଷା କ୍ଷେତ୍ରରେ ବିଜେପି ସରକାରଙ୍କ ରେକର୍ଡ ଅତ୍ୟନ୍ତ ଲଜ୍ଜାଜନକ। ମହିଳାମାନଙ୍କ ବିରୋଧରେ ଯୌନ ହିଂସା ଏବଂ ଅନ୍ୟାନ୍ୟ ଅପରାଧ କ୍ରମାଗତ ଭାବରେ ବୃଦ୍ଧି ପାଇଛି। ବିଜେପି ଶାସନରେ ଝିଅମାନେ କୌଣସି ସ୍ଥାନରେ ସୁରକ୍ଷିତ ନୁହଁନ୍ତି। ବିଜେପିର ଅନେକ ନେତାଙ୍କ ଉପରେ ଯୌନ ନିର୍ଯାତନା ଏବଂ ମହିଳା ବିରୋଧୀ ଆଚରଣ ଆଦି ଗମ୍ଭୀର ଅଭିଯୋଗ ରହିଥିବାରୁ ବିଜେପି ସରକାରଙ୍କଠାରୁ ଆମେ କିପରି ମହିଳାମାନଙ୍କ ପାଇଁ ନ୍ୟାୟ ଆଶା କରିବା ବୋଲି ଜୟରାମ ପ୍ରଶ୍ନ କରିଛନ୍ତି।

**■ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା**

## ଦ୍ୱିତୀୟ ମହଲାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା ଉଦ୍ୟମ

ବଲାଙ୍ଗିର,୧୪।୭ (ସମିସ):ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ସୋମବାର ସକାଳୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି।ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ମେଡିସିନ ୱାର୍ଡରେ ଭର୍ତ୍ତି ହୋଇଥିବା ଜଣେ ରୋଗୀ ଡାକ୍ତରଖାନା ଦୁଇ ମହଲା କୋଠା ଉପରୁ ଡେଇଁ ପଡିଥିଲେ। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଛି। ଗୁରୁତର ରୋଗୀଙ୍କ ନାମ ପୂର୍ଣ୍ଣଚନ୍ଦ୍ର ସାହୁ ଘର ଶାନ୍ତିପଡାରେ ବୋଲି ଜଣାପଡିଛି। ସେ ଗତ ୧୨ ତାରିଖ ଦିନ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।

## ହୀରାକୁଦର ମାତ୍ର ୨ ଗେଟ୍ ଖୋଲା

ସମ୍ବଲପୁର, ୧୪।୭ (ସମିସ) : ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଖସିବାପରେ ଆଜି ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଏବେ ଜଳସ୍ତର ୬୦୭.୨୩ ଫୁଟ୍‌ରେ ପହଞ୍ଚିଛି। ବାମ ପଟର ଗୋଟିଏ ଓ ଡାହାଣ ପଟର ଗୋଟିଏ ଗେଟ୍ ଖୋଲା ରହିଛି। ଗତ ୬ ତାରିଖ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ୍ ଅତିକ୍ରମ କରିଥିବାବେଳେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ନିଷ୍କାସନ ସମୟରେ ୨୦ଟି ପର୍ଯ୍ୟନ୍ତ ଗେଟ୍ ଖୋଲାଯାଇଥିବାବେଳେ ଜଳସ୍ତର ହ୍ରାସ ପାଇବାରୁ ପର୍ଯ୍ୟାୟକ୍ରମେ ଗେଟ୍‌ଗୁଡ଼ିକ ବନ୍ଦ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ଆଜି ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୭.୨୩ ଫୁଟ ରହିଛି। ନଦୀବନ୍ଧର ବାମପଟ ଓ ଡାହାଣ ପଟର ଗୋଟିଏ ଲେଖାଏ ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୪,୫୪୧ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୭,୧୧୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨୯,୨୬୮ ଘନଫୁଟ, ପାୱାର ଚେନାଲ ଦେଇ ୩୩୫୯୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪୦୧୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨.୫୩ ମିମି ଏବଂ ତଳମୁଣ୍ଡରେ ୭.୭୬ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୮୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୨୧୭୩୯ କ୍ୟୁସେକ୍, ଖଇରମାଲଠାରେ ୧୬୨୦୦୦ କ୍ୟୁସେକ୍, ବାରମୁଲଠାରେ ୨୨୨୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୩୦୯୨୭୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

**■ ଚାଷୀକୁଳକୁ କାଳ ଲଗାଣ ବର୍ଷା**

## ପଚିଗଲାଣି ଧାନ ତଳି, ନୂଆ ଗଛ ଉଠୁନି

ଭୁବନେଶ୍ୱର, ୧୪।୭(ସମିସ): ଦୀର୍ଘ ଏକ ମାସ ଧରି ଲଘୁଚାପ ଓ ମୌସୁମୀ ବର୍ଷା ଚାଷୀକୁଳ ପାଇଁ ଚିନ୍ତାର କାରଣ ପାଲଟିଛି। ବିଲରେ ବର୍ଷା ପାଣି ଜମି ରହିଥିବାରୁ ଧାନ ଚାଷକୁ ନେଇ ଚାଷୀଙ୍କ ଭିତରେ ସଂଶୟ ସୃଷ୍ଟି ହେଲାଣି। ଆଷାଢ଼ ଯାଇ ଶ୍ରାବଣ ଆରମ୍ଭ ହୋଇଥିବା ବେଳେ ରାଜ୍ୟର ୯୦ ଭାଗ ଜମି ପଡ଼ିଆ ପଡ଼ିବାର ସମ୍ଭାବନା ଦେଖାଦେଇଛି। ଧାନ ତଳି ସବୁ ବର୍ଷା ପାଣିରେ ନଷ୍ଟ ହୋଇଯିବାରୁ ଦ୍ୱିତୀୟ ଥର ତଳି ପକାଇ ବେଉଷଣ କରିବା ଚାଷୀଙ୍କୁ ବ୍ୟଥିତ କରିଛି। ତଥାପି ଲଗାଣ ବର୍ଷା କମୁନଥିବାରୁ ଧାନ ବୁଣିଥିଲେ ବି ଗଛ ଉଠିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଚଳିତ ବର୍ଷ ଖରିଫ୍ ସମୟରେ ୭୧.୫୦ ଲକ୍ଷ ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୪୩.୩୫ ଲକ୍ଷ ହେକ୍ଟର ଚାଷ କରାଯାଇଛି। ଏଥିରୁ ଧାନ ୨୭.୫ ଲକ୍ଷ ହେକ୍ଟର, ମକା ୨.୭ ଲକ୍ଷ ହେକ୍ଟର, ଡାଲିଜାତୀୟ ୬ ଲକ୍ଷ ହେକ୍ଟର, ତୈଳବୀଜ ୨.୨ ଲକ୍ଷ ହେକ୍ଟର, ତନ୍ତୁ ୨.୫ ଲକ୍ଷ, ପରିବା ୭.୫ ଲକ୍ଷ ଏବଂ ମସଲା ୧.୨ ଲକ୍ଷ ହେକ୍ଟରର ଚାଷ କରାଯାଇଛି। ଚଳିତ ବର୍ଷ ମୌସୁମୀ ଅନୁକୂଳ ପରିବେଶ ସୃଷ୍ଟି କରି ଚାଷୀଙ୍କ ମଧ୍ୟରେ ଖୁସି ଆଣି ଦେଇଥିଲା। ଚାଷୀମାନେ ବିହନ ସଂଗ୍ରହ କରି ତଳି ପକାଇବା କାମ ସାରିଥିଲେ। ଦୁର୍ଭାଗ୍ୟର ବିଷୟ, ଚଳିତ ବର୍ଷ ଅଧିକ ଅମଳକ୍ଷମ ସୃଷ୍ଟି ୧୦୫୩, ୧୦୫୬ ସହଭାଗୀ ଚନ୍ଦ୍ରା ପ୍ରତୀକ୍ଷା ଆଦି ବିହନ ଲ୍ୟାମ୍ପସ ଜରିଆରେ ଚାଷୀଙ୍କୁ ବଣ୍ଟା ଯାଇଥିଲା। ଧାନ ତଳି ପାଣିରେ ବୁଡ଼ି ରହି କୋଉଠି ଗଜା ବାହାରିଲା ନାହିଁ ତ କୋଉଠି ଅଳ୍ପଅଳ୍ପ ତଳି ବଢି ମାତ୍ରାଧିକ ପାଣିରେ ନଷ୍ଟ ହୋଇଯାଇଛି। ଉପାୟ ନ ପାଇ ଚାଷୀ ଧାନ ତଳି ପକାଇ ବାକୁ ବାଧ ହୋଇ ଏବେ ବିଲରେ ତଳି ପଟି ସବୁ ଲହରି ଭାଙ୍ଗୁଛି। ପାଣି ଭର୍ତ୍ତି ବିଲରେ କେବେ କାଦୁଅ କରି ଜମିକୁ ତଳି ରୋପଣ ପାଇଁ ପ୍ରସ୍ତୁତ କରାଯିବ ସେ ନେଇ ଚିନ୍ତାରେ ଚାଷୀ। ଏବେ ବି ବର୍ଷା କମିବାର ନାଁ ଧରୁନି। ପ୍ରତିଦିନ ବର୍ଷା ଦାଉ ସାଧୁଛି। ଇତିମଧ୍ୟରେ ବାସ୍ନାଯୁକ୍ତ ମୂଲ୍ୟବାନ ବିହନ ସିଆର୍ ୯୦୯ କଳାଜିରା, ଚିନି, କାମିନି ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ଏହି ଚାଷ ଅଧିକ ଲାଭପ୍ରଦ ହୋଇ ୧୦୦ ପାଖାପାଖି ଦିନରେ ଅମଳ ହୋଇ ପାରୁଥିବାରୁ ଏଥିପ୍ରତି ବହୁ ଚାଷୀଙ୍କ ଆଗ୍ରହ ବଢୁଛି। ଏଥିରେ ୟୁରିଆ ପ୍ରୟୋଗ ନିଷେଧ ଥିବାରୁ ଚାଷ ପରେ ଅମଳ ଧାନ କୁଇଣ୍ଟାଲ ପ୍ରତି ୪୦୦୦ ରୁ ୫୦୦୦ ଟଙ୍କାରେ କମ୍ପାନି କିଣି ନେବାର ବ୍ୟବସ୍ଥା ଥିବାରୁ ଏହି ବିହନ ପାଇଁ ଚାଷୀ ବ୍ୟଗ୍ର ହୋଇ ଚାଷ କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ବର୍ଷା ଯୋଗୁଁ ପନିପରିବା ଫସଲରେ ପାଣି ଜମି ବ୍ୟାପକ ଫସଲ ନଷ୍ଟ ହୋଇଛି। ଫଳସ୍ୱରୂପ କଞ୍ଚା ପନିପରିବା ଦର ହୁ' ହୁ' ବଢ଼ିବାରେ ଲାଗିଛି। ଅଧିକାଂଶ ପରିବା କିଲୋ ପିଛା ୮୦ ଟଙ୍କା ଉପରେ ରହୁଥିବାବେଳେ ଦେଶୀ କାଙ୍କଡ଼ କିଲୋ ପିଛା ୩୫୦ ଟଙ୍କାରେ ବିକ୍ରି ହେଉଛି। କୃଷି ବିଶେଷଜ୍ଞ ବିଶ୍ୱଜିତ୍ ପାଣିଗ୍ରାହୀ କହିଛନ୍ତି, ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। ଏବେ ଲଗାତର ମାସେ ହେଲା ରାଜ୍ୟବ୍ୟାପୀ ବର୍ଷା ଲାଗିରହିଛି। ଲଗାଣ ବର୍ଷା କାରଣରୁ ଯେଉଁ ଧାନ ଗଛ ହୋଇଥିଲା, ତିନି ସପ୍ତାହରୁ ଅଧିକ ଦିନ ପାଣି ଜମି ରହିବାଦ୍ୱାରା ଧାନ ଗଛ ପଚି ନଷ୍ଟ ହୋଇଯାଇଛି। ସେହିଭଳି ଯେଉଁମାନେ ଧାନ ବୁଣି ଥିଲେ, ତା'ପରେ ବର୍ଷା ଆରମ୍ଭ ହୋଇଯାଇଛି, ସେଭଳି କ୍ଷେତ୍ରରେ ଖରା ନପଡ଼ିବା ଓ ପାଣି ଜମି ରହିବା ଯୋଗୁଁ ଧାନ ଗଛ ଗଜା ହୋଇପାରି ନାହିଁ। ତେଣୁ ପୁନର୍ବାର ବିଲରୁ ପାଣି ଖାଲି କରିବା ସହ ଧାନ ବୁଣିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୌମ୍ୟାଶ୍ରୀ ଅତି...

ସହ ପୁଲିସ ଡିଜିଙ୍କ ସହ ତଦନ୍ତର ଅଗ୍ରଗତି ସମ୍ପର୍କରେ ମଧ୍ୟ କଥା ହୋଇଥିବା ଜଣାପଡ଼ିଛି। ଏପଟେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

### ଓଇଆର୍‌ସିରେ ଶୁଣାଣି...

ବିତରକ କମ୍ପାନୀ ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ର ଧାରା ୪୩ର ଉଲ୍ଲଂଘନ କରୁଥିବା ଅନୁଭବ କରି ଓଇଆର୍‌ସି ଏଥିପାଇଁ ଶୁଣାଣି ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ ଧାରା ୪୩ ଅନୁଯାୟୀ କୌଣସି ନୂଆ ସଂଯୋଗ ପାଇଁ ବୈଧ ଆବେଦନ ଥିଲେ ଏକମାସ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ବାଧତାମୂଳକ। ମାତ୍ର ନୂଆ ଆବେଦନକାରୀ ବିଶେଷକରି ସିଙ୍ଗଲ ଫେଜ ବିଦ୍ୟୁତ୍ ବ୍ୟବହାର ପାଇଁ ଆବେଦନ କରିଥିବା ଆବେଦନକାରୀ ଏକ୍ଷେତ୍ରରେ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି। ଯାହାର ଶୁଣାଣି ଆସନ୍ତାକାଲି ଧାର୍ଯ୍ୟ ହୋଇଛି। ଅପରପକ୍ଷେ ବିଦ୍ୟୁତ ଟ୍ରାନ୍ସଫର୍ମର, ୩୩ କେଭି ଓ ୧୧ କେଭି ଫିଡର ଲାଇନଗୁଡ଼ିକରେ ଡିଟି(ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ମିଟର) ମିଟର ଲଗାଇବା ପ୍ରକ୍ରିୟା ଅତ୍ୟନ୍ତ ଧିମା ଗତିରେ ଚାଲିଥିବା ଅଭିଯୋଗ ସମ୍ପର୍କରେ ମଧ୍ୟ ଶୁଣାଣି ହେବ ବୋଲି ସୂଚନା ମିଳିଛି। ଟ୍ରାନ୍ସଫର୍ମର ଏବଂ ଫିଡର ଲାଇନରେ ଡିଟି ମିଟର ଲଗାଇବା ଫଳରେ ଏକାଧିକ ଫାଇଦା ମିଳିଥାଏ। ଡିଟି ମିଟର ଲାଗିବା ଫଳରେ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ପ୍ରବାହକୁ ମାପିବାରେ ସହାୟକ ହୋଇଥାଏ। ବିଶେଷକରି କେଉଁ ଅଞ୍ଚଳରେ କେଉଁ ଟ୍ରାନ୍ସଫର୍ମର ଉପରେ କେତେ ଲୋଡ ରହିଛି, କେତେ ଅତିରିକ୍ତ ବିଦ୍ୟୁତ୍‌ର ଆବଶ୍ୟକତା ରହିଛି, ତାହା ଡିଟି ମିଟରରୁ ସହଜରେ ଜଣାପଡ଼ିଯିବ। ଏପରିକି କେଉଁ ଅଞ୍ଚଳରେ ଯଦି ଉପଭୋକ୍ତା ଅବୈଧ ଭାବରେ ବିଦ୍ୟୁତ୍ ସଂଯୋଗ ନେଇଥାନ୍ତି, ତାହା ମଧ୍ୟ ଏହି ଡିଟି ମିଟରରୁ ସହଜରେ ଧରି ହେବ। ନିର୍ଦ୍ଦିଷ୍ଟ ଅଞ୍ଚଳକୁ କେତେ ପରିମାଣର ବିଦ୍ୟୁତ୍ ଦିଆଯାଇଛି, କେତେ ବିଦ୍ୟୁତ୍ ଚୋରି ହେଉଛି ତାହା ଏଥିରୁ ସହଜରେ ଜଣା ପଡୁଥିବା ବେଳେ ଲୋ-ଭୋଲଟେଜ ଏବଂ ବିଜୁଳି କାଟରୁ ମଧ୍ୟ ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନ କରିପାରିବ। ମାତ୍ର ଏକ୍ଷେତ୍ରରେ ବିତରକ କମ୍ପାନୀ ଅବହେଳା କରିଥିବା ଅଭିଯୋଗ ହୋଇଛି।

### ଘୃଣା ସୃଷ୍ଟିକାରୀ...

ଏହି ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମ ବଙ୍ଗ ସମେତ ବିଭିନ୍ନ ରାଜ୍ୟରେ ୱଜାହତଙ୍କ ବିରୋଧରେ ଦାଖଲ ହୋଇଥିବା ଏଫଆଇଆର ପରେ ରୋକ୍ ଲଗାଇବାର ତିନି ସପ୍ତାହ ପରେ ଆଜି ମାମଲାର ଶୁଣାଣି ହୋଇଥିଲା। ସୂଚନାଯୋଗ୍ୟ ଯେ ୟୁଟ୍ୟୁବର ସର୍ମିଷ୍ଠା ପାନୋଲିଙ୍କ ଘୃଣ୍ୟ ପୋଷ୍ଟିଂ ବିରୋଧରେ ୱଜାହତ ପୁଲିସରେ ଅଭିଯୋଗ କରିଥିଲେ। ଏହାପରେ ସର୍ମିଷ୍ଠାଙ୍କୁ ଗିରଫ କରାଯାଇଥିଲା। ସର୍ମିଷ୍ଠା ଗିରଫ ହେବାପରେ ବିଭିନ୍ନ ଥାନାରେ ୱଜାହତଙ୍କ ନାମରେ ଏଫଆଇଆର ଦାଖଲ ହୋଇଛି। ୱଜାହତ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି।

### ମହାକାଶରୁ ଫେରୁଛନ୍ତି...

ସହିତ ସଂଯୋଗ ହୋଇଥିଲା। ଏହା ପରେ କ୍ରୁ ସଦସ୍ୟମାନଙ୍କ ଦ୍ୱାରା ଅନ୍ତିମ ଯାଞ୍ଚ କରାଯାଇଥିଲା। ସୂଚନାଯୋଗ୍ୟ ଯେ ସମସ୍ତ ଚାରିଜଣ ମହାକାଶଚାରୀ ଜୁନ୍ ୨୬ ରେ ଅପରାହ୍ନ ୪:୦୧ ସମୟରେ ଆଇଏସଏସରେ ପହଞ୍ଚିଥିଲେ। ଏହା ପୂର୍ବଦିନ ମଧ୍ୟାହ୍ନ ୧୨ଟାରେ ସମସ୍ତେ କେନେଡି ସ୍ପେସ୍ ସେଣ୍ଟରରୁ ଯାତ୍ରା ଆରମ୍ଭ କରିଥିଲେ। ଯାନ୍ତ୍ରିକ ତ୍ରୁଟି ଏବଂ ଖରାପ ପାଗ ଯୋଗୁଁ ଏହି ମିଶନକୁ ୬ ଥର ସ୍ଥଗିତ ରଖାଯାଇଥିଲା। ପ୍ରତ୍ୟାବର୍ତ୍ତନ ତାରିଖ ମଧ୍ୟ ଥରଟେ ବଦଳା ଯାଇଥିଲା।

### ଆଜିଠୁ ଆଧାର ଓଟିପିରେ...

୩୦ ମିନିଟ୍ ପାଇଁ ଏଜେଣ୍ଟମାନଙ୍କୁ ଏସି ଏବଂ ନନ୍-ଏସି ଉଭୟ ଶ୍ରେଣୀ ପାଇଁ ଟିକେଟ୍ ବୁକ୍ କରିବାକୁ ଅନୁମତି ଦିଆଯିବନାହିଁ। ଆଇଆର୍‌ସିଟିସି ୱେବସାଇଟ୍ କିମ୍ବା ଆପ୍ରୁ ତତ୍କାଳ ଟିକେଟ୍ ବୁକ୍ କଲେ, ପ୍ରଥମେ ଆଧାର ନମ୍ବରକୁ ଆଇଆର୍‌ସିଟିସି ଆକାଉଣ୍ଟ ସହିତ ଲିଙ୍କ୍ କରିବାକୁ ପଡିବ। ତତ୍କାଳ ଟିକେଟ୍ ବୁକିଂ ସକାଳ ୧୦ଟାରୁ ଆରମ୍ଭ ହୁଏ। ଏସି ପାଇଁ ସକାଳ ୧୧ ଟାରୁ ଏବଂ ନନ୍-ଏସି ପାଇଁ ସକାଳ ୧୧ଟାରୁ। ପୂର୍ବରୁ ଦେଖାଯାଉଥିଲା ଯେ ଏଜେଣ୍ଟମାନେ ଏହି ପ୍ରାରମ୍ଭିକ ମିନିଟ୍ରେ ଅଧିକାଂଶ ଟିକେଟ୍ ବୁକ୍ କରୁଥିଲେ, ଯାହା ଯୋଗୁଁ ସାଧାରଣ ଲୋକମାନେ ଟିକଟ ପାଉ ନ ଥିଲେ। କରୁଥିଲେ। ଏବେ କେବଳ ସାଧାରଣ ଯାତ୍ରୀମାନେ ପ୍ରଥମ ୩୦ ମିନିଟ୍ ପାଇଁ ଟିକେଟ୍ ବୁକ୍ କରିପାରିବେ। ଏହା ସାଧାରଣ ଲୋକଙ୍କ ଟିକେଟ୍ ପାଇବାର ସମ୍ଭାବନାକୁ ବୃଦ୍ଧି କରିବ। ରେଳ ଷ୍ଟେସନ କାଉଣ୍ଟରରୁ ତତ୍କାଳ ଟିକେଟ୍ ବୁକ୍ କଲେ, ଜୁଲାଇ ୧୫ରୁ ଆଧାର ନମ୍ବର ଦେବାକୁ ପଡିବ। କାଉଣ୍ଟରରେ ଆଧାର ଯାଞ୍ଚ ଓଟିପି ମାଧ୍ୟମରେ କରାଯିବ। ଏଥିରେ ଯାତ୍ରୀଙ୍କ ମୋବାଇଲ୍ ନମ୍ବର ଆଧାର ସହିତ ଲିଙ୍କ୍ ହେବା ଉଚିତ, ଯାହା ଦ୍ୱାରା ଓଟିପି ଆସିପାରିବ। ଯଦି ଆପଣ ଅନ୍ୟ କାହା ପାଇଁ ଟିକେଟ୍ ବୁକ୍ କରୁଛନ୍ତି, ତେବେ ସେହି ଯାତ୍ରୀଙ୍କ ଆଧାର ନମ୍ବର ଏବଂ ଓଟିପି ଆବଶ୍ୟକ ହେବ।


**AFFIDAVIT**

By virtue of an affidavit sworn before NOTARY PUBLIC, PURI, dated 20/06/2025. I, BIKRAM SWAIN, Address: MADHUBAN ICHHAPUR, PS - SATYABADI declare that I have changed the name of my son from **SURYA SWAIN** to **ABHIJIT SWAIN** Henceforth, he shall be known as **ABHIJIT SWAIN** for all purposes.

Sd/- ABHIJIT SWAIN

**AFFIDAVIT**

By virtue of an affidavit No. 222, dated 11.07.2025 before the Notary, Semiliguda, Dist.-Koraput, Odisha, I, Bandana Devi, have changed my son's name and his father's name from Sanu Gupta, Father- **Guljar Gupta** to **Ronak Sah**, Father-Guljari Sah, as per Aadhaar Card No. 8180 1620 9374 respectively. Henceforth, he will be known as **Ronak Sah**, S/o Guljari Sah, for all purposes.

Sd/- Bandana Devi

**AFFIDAVIT**

By virtue of an affidavit sworn before Executive Magistrate, CHATRAPUR, GANJAM, dated 04/03/2025. I, D LACHIMI, Address: BASANAPALLI, CHATRAPUR declare that I have changed the name of my son from **D RAMAN REDDY** to **D ROHIT REDDY** Henceforth, he shall be known as **D ROHIT REDDY** for all purposes.

Sd/- D ROHIT REDDY

**AFFIDAVIT**

By virtue of an affidavit before the Notary Public, Titilagarh, on dated-03/05/2025. I, **Taruni Naik,** formerly known as **Jyosna Chhura,** W/o Arjun Chhura, At. Balpadar, PO. Binekela, PS. Titilagarh, Dist. Bolangir, Odisha, PIN: 767033 now residing at the same place affirm that I have changed my name from **Jyosna Chhura** (old name) **to Taruni Naik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Taruni Naik** (new name).

**Taruni Naik**

**AFFIDAVIT**

By virtue of an affidavit sworn before the Executive Magistrate, Kanika on dtd- 30/06/2025. I Rimalee Biswal, D/o- Rabinarayan Biswal, resident of Village- Ganja, Po/Ps- Rajkanika, Dist- Kendrapada, Odisha. My actual name is **Rimalee Biswal** & DOB-**19.10.2003** but unfortunately in my Aadhar Card No- 7868 7979 7170 in which my name and DOB has been wrongly recorded as **Riman Biswal** and DOB is **15/04/2003**. I declare that **Rimalee Biswal** and DOB- **19/10/2003** and **Riman Biswal** and DOB- **15/04/2003** is one and same person for all purposes.

**Rimalee Biswal**

**AFFIDAVIT**

By virtue of an affidavit no 4593 before the Executive Magistrate, Champua on dated- 14/07/2025. I, **Makardhwaj Naik,** S/o- Kushadhar Naik, resident of At- Satahalia, PO- Jamudalak, PS- Champua, Dist- Keonjhar, PIN- 758041, Odisha have changed my minor son's name from **Malya Naik** (old name) to **Malaya Naik** (new name). Henceforth, he shall be known as **Malaya Naik** (new name) for all future purposes.

**Makardhwaj Naik**

**AFFIDAVIT**

By virtue of an affidavit before the Executive Magistarte, Titilagarh, on dated- 11/07/2025. I, **Neelima Hota,** W/o- Omkar Hota, permanent resident of RTO Chowk, PO: Balangir, PS: Town, Balangir, Odisha at present residing At/Po/Ps- Titilagarh, Dist- Balangir, Odisha affirm that after marriage I have changed my name from **Neelima Panigrahi** (old name) to **Neelima Hota** (new name). Henceforth, I will be known as **Neelima Hota** (new name), W/o- Omkar Hota for all future purposes.

**Neelima Hota**

**AFFIDAVIT**

I Jyotirmayee Kanungo, W/o- Asim Mohanty, resident of Friends Colony, Ps-Manglabag, Dist-Cuttack, Pin-753001, Odisha declare that by this affidavit Sl No.210, dtd. 12/07/2025 that now onwards I shall be known as **Jyotirmayee Kanungo** for all future purposes.

**NOTICE (for minor)**

By virtue of an affidavit sworn before Notary public, Balasore, Sl. No.-75/3, Date- 26/06/2025. I, Phulamani Singh, Adress- At-San Maitapur, Po- Maitapur, Ps-Bhadrak, Dist-Bhadrak, Odisha, Pin- 756111 declare that I have changed the name of my son from **Kanha Singh** (Old Name) to **Raghunath Singh** (New Name). Henceforth, he shall be known as **Raghunath Singh** (New Name) for all purposes.

Sd/- Phulamani Singh

**AFFIDAVIT**

By virtue of an affidavit sworn before Executive Magistrate, PURI, dated 02/04/2025. I, OSAPILLI CHITAMA, Address: VTC-PENTHAKATA, P.S.–SEA BEACH, PURI declare that I have changed my name from **VASIPILLI RAJILU** to **OSAPILI CHITAMA** Henceforth, I shall be known as **OSAPILI CHITAMA** for all purposes.

Sd/- OSAPILLI RAVANA

**AFFIDAVIT**

By the virtue of an affidavit sworn before The Notary Public, Bhubaneswar dated on 03-07-2025 , I Naima Bibi address At - Danagahira , PS - Pipili , Dist - Puri , Odisha presently residing at Jharapada, PO - Budheswari , PS - Laxmi Sagar, Bhubaneswar, Pin - 751006 declare that I have changed my name from Naimabi Siraj Khan to Naima Bibi I Henceforth I shall be known as Naima Bibi for all purposes.

Sd- Naima Bibi

**NOTICE**

By virtue of an affidavit sworn before the Executive Magistrate, Keonjhar, dated 7th July 2025, I, Pabitra Kumar Mahanta, Address: At- Sahartangiri, Po-Masinajodi, PS- Pandapada, Dist- Keonjhar, Odisha, India, Pin Code- 758079, do hereby declare that I have changed the name of my son from **Bal Krishna Mahanta** to **Sai Krishna Mahanta**. Henceforth, he shall be known as **Sai Krishna Mahanta** for all purposes.

Sd/- Pabitra Kumar Mahanta

**AFFIDAVIT**

By virtue of an affidavit sworn before Executive Magistrate, PURI, dated 02/04/2025. I, OSAPILLI RAVANA, Address: VTC-PENTHAKATA, P.S.–SEA BEACH, PURI declare that I have changed my name from **VASIPILLI RAMALAKSHIMI** to **OSAPILLI RAVANA** Henceforth, I shall be known as **OSAPILLI RAVANA** for all purposes.

Sd/- OSAPILLI RAVANA

**NOTICE**

That the Partnership firm **M/s S B Agro Industry,** bearing Regd. No. **854 of 2017,** having its principal place of business At-Laitara, Po/Ps-Titilagarh, Dist- Balangir, Odisha has been reconstituted with effect from **24th April 2025** as follows.

1. Amit Agrawal : Existing Partner
2. Komal Agrawal : Incoming Partner
3. Sampada Devi Agrawal : Retiring Partner (Deceased Partner)

**Amit Agrawal (Managing Partner)**

Email : eerw_jharsuguda@yahoo.co.in
Tel. : 06645-271643

Government of Odisha,
Office of the Superintending Engineer,
Rural Works Division, Jharsuguda
Bid Identification No. Online - SEJSG - 03 of 2025-26

**NOTICE INVITING TENDER FOR BUILDING WORK IN ODISHA**

NATIONAL COMPETITIVE BIDDING THROUGH e-Procurement

| | | |
|---|---|---|
| 1. | Name of the work | Building Works as per DTCN available in the www.tendersorissa.gov.in |
| 2. | Total No. of Work | 01 (One) No. |
| 3. | Estimated Cost | Rs. 19.31 Lakh |
| 4. | Period of completion | 03 (Three) Calender Months |
| 5. | Period and Time of availability of bid document in the portal for bidding | Dt. **15.07.2025** at 11.00 A.M. to **28.07.2025** upto 05.00 P.M. |
| 6. | Date and Time of bid opening | Dt. **29.07.2025** at 11.00 A.M. |
| 7. | Name and address of the officer inviting Bid | S.E., R.W. Division, Jharsuguda |

(1) Other details can be seen from Detailed notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd/- Superintending Engineer
R.W. Division, Jharsuguda

O-415 OIPPR - 25104/11/0034/2526

**WORKS DEPARTMENT OFFICE OF THE SUPERINTENDING ENGINEER, BHADRAK (R&B) DIVISION**
**Email: bhadrakrnbdivision@gmail.com**
**Government of Odisha "e" Procurement Notice**
**Bid Identification No. SE (R&B) BDK-6 / 2025-26**

No. 54731 dt. 11.07.2025

Nature of work: Civil Works
Number of works: 5 (Five) Nos
Amount put to Tender: ₹16.60 to ₹87.97
Class of Contractor: B Class, B&C, C&D Class
Date & Time of availability of bid document on portal: **21.07.2025 at 11:00 AM**
Last Date / Time of receipt of bid in the portal: **30.07.2025 up to 05:00 PM**
Date of opening of bid: **31.07.2025 at 11:30 AM**
Name & address of the Office inviting bid:Superintending Engineer, Bhadrak (R&B) Division
The Bidders must participate in ONLINE bidding only.
Further details available at the e-procurement portal: **http://tendersodisha.gov.in**
All future corrigendum will be available ONLINE only.

Sd/- Superintending Engineer
Bhadrak (R&B) Division

B-300 OIPR - 34079/11/0025/2526

## ଶ୍ରାବଣର ପ୍ରଥମ ସୋମବାରରେ ଆରଡି ପୀଠ ଚଳଚଞ୍ଚଳ

# ବାବାମଣିଙ୍କୁ ଜଳଲାଗି କଲେ କାଉଡ଼ିଆ

ଭଦ୍ରକ/ଆରଡି,୧୪।୭(ସମିସ)





ପବିତ୍ର ଶ୍ରାବଣମାସର ପ୍ରଥମ ସୋମବାରରେ ପ୍ରସିଦ୍ଧ ଶୈବପୀଠ ଆରଡିଧାମର ବାବା ଆଖଣ୍ଡଳମଣିଙ୍କୁ ଜଳଲାଗି କରିଥିଲେ ହଜାର ହଜାର କାଉଡ଼ିଆ ଭକ୍ତ। ସୋମବାର ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ଯିବା ପରେ ରୀତିନୀତି ଅନୁଯାୟୀ ବାବାଙ୍କ ପାଖରେ ମଙ୍ଗଳ ଆଳତୀ ସହ ଅନ୍ୟ ନୀତି ଧୂପ ସମ୍ପନ୍ନ କରାଯାଇଥିଲା। ଏପଟେ କଡ଼ା ସୁରକ୍ଷା ମଧ୍ୟରେ କାଉଡ଼ିଆମାନେ ଧାଡ଼ିରେ ଆସି ଶ୍ରାବଣୀ ମହାଦେବଙ୍କ ଉପରେ ଜଳାଭିଷେକ କରିଥିଲେ। ହଜାର ହଜାର କାଉଡିଆଙ୍କ ଭିଡକୁ ଦୃଷ୍ଟିରେ ରଖି ପୀଠରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏଥିସହିତ ବୈତରଣୀ ଓ ସାଳନ୍ଦୀ ନଦୀର ତିନିତର, ମୁଆଁ ଓ ଧାନଖଣିଆ ଘାଟ ଦେଇ ନଦୀପାରି ହୋଇ ଆସୁଥିବା କାଉଡିଆଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନଦୀଘାଟର ଉଭୟ ପାର୍ଶ୍ୱରେ ପୁଲିସ ମୁତୟନ କରାଯାଇଥିଲା। ଲଘୁଚାପ ଜନିତ ବର୍ଷା ଯୋଗୁ ନଦୀ ଉଛୁଳା ଥିବାରୁ ନଦୀ ମଧ୍ୟରେ ପଇଁତରା ମାରିଥିଲେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ। ସେହିପରି ସ୍ଥଳପଥରେ ପୁଲିସ ପକ୍ଷରୁ ରବିବାର ଓ ସୋମବାର ୨ଦିନ ଧରି ପୁଲିସ ପଖରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଥିଲା। ଏପଟେ କାଉଡିଆମାନେ ଯେପରି ଭାବେ ଶୃଙ୍ଖଳିତ ଜଳଲାଗି କରିବେ ସେଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟାରିକେଡ ସହ ମନ୍ଦିର ଭିତରେ ଓ ବାହାରେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରାଯାଇଛି। ହେଲେ ଦୂରଦୂରାନ୍ତରରୁ ଆସୁଥିବା କାଉଡିଆମାନେ ପୀଠକୁ ସଂଯୋଗ କରୁଥିବା ରାସ୍ତା ମରାମତି କରାଯାଇ ନ ଥିବାରୁ ଖାଲଖମା ରାସ୍ତାରେ ବହୁ ଅସୁବିଧାରେ ଆସିଥିଲେ। ଏଥିସହ ରବିବାର ରାତିରେ ବସଷ୍ଟାଣ୍ଡଠାରୁ ମନ୍ଦିର ରାସ୍ତା ଓ ବାଇପାସ ରାସ୍ତା ସହ ନଦୀ ରାସ୍ତା ଅନ୍ଧାର ହୋଇ ରହିଥିବାରୁ କାଉଡିଆ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଶ୍ରାବଣ ପ୍ରଥମ ସୋମବାରରେ ପୀଠକୁ ଆସି ବାବାମଣିଙ୍କୁ ଦର୍ଶନ କରିବା ପରେ ସେବାୟତଙ୍କ ସହ ଦେଖାଦେଇଥିବା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଆସନ୍ତା ରବିବାର ପୂର୍ବରୁ ସବୁ ଠିକ୍ କରାଯିବ ବୋଲି କହିଥିଲେ।

- ଅନ୍ଧାର ଓ ଖାଲଖମା ରାସ୍ତାରେ ଚାଲିଲେ ଶ୍ରଦ୍ଧାଳୁ
- ଜଳପଥ ଓ ସ୍ଥଳପଥରେ କଡ଼ା ସୁରକ୍ଷା

## ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା

# ତାତିଲା ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି

ବାସୁଦେବପୁର,୧୪।୭(ସମିସ): ଦିନକୁ ଦିନ ଓଡିଶାରେ ନାରୀ ଅସୁରକ୍ଷିତ ହୋଇ ପଡୁଛି। ସୁରକ୍ଷା ପାଇଁ ଆକୁଳ ନିବେଦନ କଲେ ବି ପୁଲିସଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ କେହି ଶୁଣୁନାହାନ୍ତି। ଫଳରେ ଗୋଟିଏ ପରେ ଗୋଟିଏ ଘଟଣା ଘଟିଚାଲିଛି। ହେଲେ ନାରୀ ସୁରକ୍ଷା ପାଇଁ ଆଗେଇ ଆସିଛି ବାସୁଦେବପୁର ବ୍ଲକର ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି। ସମିତିର ସଦସ୍ୟମାନେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣାକୁ ନେଇ ତାତିଛନ୍ତି। କାର୍ଯ୍ୟାନୁଷ୍ଠାନ ଦାବିରେ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ବାସୁଦେବପୁର ତହସିଲଦାରଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମିତିର ସଭାପତି ବିଜୟଲକ୍ଷ୍ମୀ ବାରିକ, ସମ୍ପାଦିକା ବାସନ୍ତୀ ବେହେରା, ଭଦ୍ରକ ଜିଲ୍ଲା ସମ୍ପାଦିକା ମମତା ଜେନା, ଯୁଗ୍ମ ସମ୍ପାଦିକା ସୀତାରାଣୀ ଦାଶ, ପ୍ରଜ୍ଞପରମିତା ଥଟୋଇ, ରଞ୍ଜୁଲତା ମହାଳିକ ପ୍ରମୁଖ ଯୋଗଦେଇ ଦାବିପତ୍ର ପ୍ରଦାନ କରିଥିଲେ।



# ଧର୍ମପରାୟଣା ମହିଳାଙ୍କ ପରଲୋକ



ବାରିକପୁର,୧୪।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଂଚାୟତ ଜଗନ୍ନାଥ ପ୍ରସାଦ ଗ୍ରାମର ଧର୍ମପରାୟଣା ବିଦ୍ୟୁତ୍‌ଲତା ବେହେରାଙ୍କ ପରଲୋକ ହୋଇଛି। ସେ ଜଣେ ଧର୍ମାନୁରାଗୀ ମହିଳା ଭାବେ ବେଶ ପରିଚିତ ଥିଲେ। ସ୍ୱାସ୍ଥ୍ୟଗତ କାରଣରୁ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବେଳେ ଗତକାଲି ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ପାର୍ଥିବ ଶରୀର ଗାଁରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନ ପୁଅ ପ୍ରମୋଦ ବେହେରା ମୁଖାଗ୍ନି ଦେଇଥିଲେ। ସମାଜସେବୀ ସନ୍ତୋଷ ମହାପାତ୍ର ନାରାୟଣ ଚନ୍ଦ୍ର ବେହେରା, ସାଇପ୍ରସାଦ ମହାପାତ୍ର, ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ନୟନମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ୧୦ ବର୍ଷ ହେଲା ମିଳିନି ପ୍ରାପ୍ୟ; କର୍ମଚାରୀଙ୍କ ଧାରଣା



ବାରିକପୁର,୧୪।୭(ସମିସ): ଦୀର୍ଘ ୧୦ବର୍ଷ ହେଲା ପ୍ରାପ୍ୟ ପାଇନାହାନ୍ତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ। ନେତା, ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ଯାଏଁ ସମସ୍ତଙ୍କୁ ଅଭିଯୋଗ କରିଥିଲେ ବି ଫଳ ଶୂନ। କଲେଜ ଅଧ୍ୟକ୍ଷାଙ୍କ ମନମାନି ଯୋଗୁ କର୍ମଚାରୀ ମାନେ ବର୍ଷ ବର୍ଷ ଧରି ଦରମା ପାଉ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ନିକଟ ନୟନମଣି ଯୁକ୍ତ ଦୁଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କିଛି ଅଧ୍ୟାପକ ଓ କର୍ମଚାରୀ ନିଷ୍ଠାପର ଭାବେ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କୁ ଦରମା ଦିଆଯାଉନାହିଁ। ତେଣୁ କର୍ମଚାରୀମାନେ ସୋମବାର ୫ଦଫା ସମ୍ବଳିତ ଦାବିକୁ ନେଇ କଲେଜ ସମ୍ମୁଖରେ ଧାରଣା ଦେଇଛନ୍ତି। ଦାବି ଅନୁସାରେ ୨୦୧୬ ମସିହାରୁ ଅଦ୍ୟାବଧି ୨୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ତୁରନ୍ତ ବକେୟା ଅର୍ଥ ପ୍ରଦାନ କରିବା, କଲେଜ ଅଧ୍ୟକ୍ଷା ଦାୟିତ୍ୱରେ ଥିବା କମଳିନୀ ଧଳଙ୍କ ସ୍ଥାନରେ ନୂତନ ଅଧ୍ୟକ୍ଷଙ୍କୁ ଦାୟିତ୍ୱ ପ୍ରଦାନ କରିବା, କଲେଜ ପାଣ୍ଠିରୁ ହରିଲୁଟ ହୋଇଥିବା ଅର୍ଥନୈତିକ ଅନିୟମିତତାକୁ ତଦନ୍ତ କରିବା, ବିଭିନ୍ନ ଭିତ୍ତିଭୂମି ବିକାଶ ସହିତ ବାର୍ଷିକ ଅର୍ଥନୀତି ପ୍ରସ୍ତୁତ କରିବା ପାଇଁ ଧାରଣାରତ କର୍ମଚାରୀ ମାନେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଖବର ପାଇ ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କ ସହିତ ବିଭିନ୍ନ ଆଲୋଚନା କରିଥିଲେ। ଏହାଛଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ସହିତ କର୍ମଚାରୀ ଓ କଲେଜ ଅଧ୍ୟକ୍ଷା ଧାରଣା ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ହୋଇନଥିବା ଯୋଗୁ ଧାରଣା ଜାରି ରହିବ ବୋଲି କର୍ମଚାରୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ଶାନ୍ତିପୂର୍ଣ୍ଣ ଧାରଣାରେ ରଶ୍ମିତା ମହାନ୍ତି, ପ୍ରତାପ ମହାନ୍ତି, ସଞ୍ଜୟ ଦାସ, ଗୌତମ ମିଶ୍ର, ମନୋରଞ୍ଜନ ବାରିକ, ଅବନୀ ଦାସ, ରସ୍ମିତା ପଣ୍ଡା, ପ୍ରଶାନ୍ତ ଘଡେଇ, ଏମଡି ଅନୱର ମହମ୍ମଦ, ନବକିଶୋର ଗିରି, ମମତାରାଣୀ ଲେଙ୍କା, ଚିନ୍ମୟ ବଳ, ଅଜୟ ପାଣି ପ୍ରମୁଖ ସାମିଲ ହୋଇଥିଲେ।

# ଲଗାଣ ବର୍ଷାରେ ଉଛୁଳିଲା 'ଯ' ନାଳ



ବାରିକପୁର,୧୪।୭(ସମିସ): ରବିବାର ରାତିରୁ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳ ଏକପ୍ରକାର ଜଳମଗ୍ନ ହୋଇଯାଇଛି। ଚାଷ ଜମିଠାରୁ ଆରମ୍ଭ କରି ଅଧିକାଂଶ ଗ୍ରାମ୍ୟ ରାସ୍ତା ବର୍ଷା ପାଣିରେ ବୁଡ଼ିଯାଇଛି। କେତେକ ସ୍ଥାନରେ ପଡ଼ିଥିବା ଧାନ ତଳି ନଷ୍ଟ ହେବ ବୋଲି ଆଶଙ୍କା କରାଯାଉଛି। ଆହୁରି ଦୁଇଦିନ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଥିବା ବେଳେ ଏଥିଯୋଗୁଁ ବନ୍ୟା ସୃଷ୍ଟି ହେବ ବୋଲି ସମ୍ଭାବନା ରହିଛି। ଏଣୁ ରବିବାର ରାତିଠାରୁ ସୋମବାର ଦିନ ୧୦ଟା ଯାଏଁ ହୋଇଥିବା ବର୍ଷା ଯୋଗୁଁ 'ଯ' ନାଳ ଉଛୁଳି ଉଠୁଛି। ବ୍ଲକର ୩ନମ୍ବର ହାଇଲେବୁଲ କେନାଲ ସାଇଫନ ଅତିକ୍ରମ କରି ଏହି ନାଳ ଧାମନଗର ବ୍ଲକ ଅଞ୍ଚଳ କୁ ଯାଇଥିବା ବେଳେ ସୁଦୂର ମଞ୍ଜୁରୀରୋଡ ଠାରୁ ଛତାବର ଯାଏଁ ବିସ୍ତିର୍ଣ୍ଣ ଅଂଚଳର ବର୍ଷା ପାଣି ଏହି ବାଟ ଦେଇ ନିଷ୍କାସିତ ହୋଇଥାଏ। ନାଳଟି ଅତି ସଂକୀର୍ଣ୍ଣ ଥିବା କାରଣରୁ ଏଥିରେ ବର୍ଷା ପାଣି ପ୍ରଖର ସୁଅରେ ଗତି କରୁଛି। ନାଳ ପାର୍ଶ୍ୱବର୍ତ୍ତୀ ଚାଷ କିଆରି ମଧ୍ୟ ବୁଡ଼ିଯାଇଛି। ଆଗକୁ ବର୍ଷା ଜାରି ରହିଲେ ନାଳ ସଂଲଗ୍ନ ଗ୍ରାମ ଓ ଏହା ପାର୍ଶ୍ୱବର୍ତ୍ତୀ ରାସ୍ତାଘାଟ ଉପରେ ପାଣିର ସୁଅ ଛୁଟିବ।

# ଓଲଟିଲା ବିଲାତି ବୋଝେଇ ଟ୍ରକ୍

ଭଣ୍ଡାରିପୋଖରୀ,୧୪।୭(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ନୂଆନଈ ସେତୁ ଉପରେ ଏକ ବିଲାତି ବାଇଗଣ ବୋଝେଇ ଟ୍ରକ ଓଲଟି ପଡିଛି। କର୍ଣ୍ଣାଟକରୁ କଲିକତା ଯାଉଥିବା ଟ୍ରକର ବ୍ରେକ ରବିବାର। ବିଳମ୍ବିତ ରାତ୍ରରେ ଅଚଳ ହୋଇଯିବାରୁ ରାସ୍ତାବାଡରେ ପିଟିହୋଇ ଓଲଟି ପଡିଥିଲା। ଫଳରେ ଗାଡି ଚାଳକ ରାଜୁ ସିଂ ଓ ସହାୟକ ବୀର ପାଲ ଆହତ ହୋଇଥିଲେ। ସ୍ଥାନୀୟ ପାଟ୍ରୋଲିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି।

# ଭଦ୍ରକ ବ୍ଲକରେ ଜିଲ୍ଲାସ୍ତରୀୟ ଜନଶୁଣାଣି



ଭଦ୍ରକ,୧୪।୭(ସମିସ): ଭଦ୍ରକ ପଞ୍ଚାୟତ ସମିତି ସଭା ଗୃହରେ ସୋମବାର ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ଅଧ୍ୟକ୍ଷତା କରିଥିଲେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ। ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିର ରଞ୍ଜନ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଡେପୁଟି କଲେକ୍ଟର ଜ୍ଞାନରଂଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଭାରପ୍ରାପ୍ତ ତହସିଲଦାର ରଶ୍ମିରଂଜନ ମଲ୍ଲିକ ଓ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଶିବିରରେ ମୋଟ ୫୭ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ୪୭ଟି ବ୍ୟକ୍ତିଗତ ଥିଲାବେଳେ ୮ଟି ସାମୂହିକ ଅଭିଯୋଗ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨ ଜଣଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ଦୁଇଟି ସ୍ଥାନରେ ଦୁର୍ଘଟଣା

ବାରିକପୁର,୧୪।୭(ସମିସ): ଲଘୁଚାପଜନିତ ବର୍ଷା କାରଣରୁ ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟିଛି। ତେବେ ଏଥିରେ କେହି ଆହତ ହୋଇନଥିବାବେଳେ ପୁଲିସ ଦୁଇଟି ଗାଡ଼ିକୁ ଜବତ କରିଛି। ମିଳିଥିବା ସୂଚନା ମୁତାବକ ଆଜି ଭୋର ଏକ ବିଲାତି ବୋଝେଇ ଟ୍ରକ କଟକ ପଟୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବେଳେ ତୋରତ ପୋଲ ଡିଭାଇଡରକୁ ଏହା ଧକ୍କା ଦେଇଥିଲା। ଫଳରେ ଗାଡିଟି ରାସ୍ତା ଉପରେ ଓଲଟି ପଡିଥିଲା। ସେହିଭଳି ଟୋଲ ପ୍ଲାଜା ନିକଟରେ ଏକ ଯାତ୍ରୀବାହୀ ବସ ଭଦ୍ରକ ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ସାମ୍ନାରେ ଯାଉଥିବା ଏକ ଟ୍ରକକୁ ସାମାନ୍ୟ ଧକ୍କା ଦେଇଥିଲା। ୨ଟି ଦୁର୍ଘଟଣାରେ କେହି ଆହତ ହୋଇ ନଥିବା ଜଣାପଡ଼ିଛି। ଅତ୍ୟଧିକ ବର୍ଷା କାରଣରୁ ଦୁର୍ଘଟଣା ଘଟିଥିବା କୁହାଯାଉଛି।

# ବଜ୍ରପାତରେ ଜଳିଗଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରୀକ୍ଷାଗାର



ଧାମନଗର,୧୪।୭(ସମିସ): ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରୀକ୍ଷାଗାରରେ ସୋମବାର ଭୋରୁ ବଜ୍ରପାତ ହେବାରୁ ରୋଗୀଙ୍କ ମଳ, ମୂତ୍ର ପରୀକ୍ଷା ମେସିନ ସହ କିଛି ଆନୁଷଙ୍ଗିକ ସାମଗ୍ରୀ ସବୁ ଜଳିଯାଇଛି। ଧାମନଗର ଅଞ୍ଚଳରେ ମୂଷଳଧାରାରେ ବର୍ଷା ହେବା ସହ ଘଡଘଡି ଓ ବଜ୍ରପାତ ହୋଇଥିଲା। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପରୀକ୍ଷାଗାରେର ବିଦ୍ୟୁତ ସଂଯୋଗ ଉପରେ ବଜ୍ରପାତ ହେବାରୁ ମଳ, ମୂତ୍ର ଆଦି ପରୀକ୍ଷା ନିମନ୍ତେ ଥିବା ମେସିନଟି ପୋଡି ଯିବା ସହ ପାଖରେ ଥିବା ପ୍ଲାଷ୍ଟିକ ଜିନିଷରେ ନିଆଁ ଲାଗିଯାଇଥିଲା। ମାତ୍ର ଅନ୍ୟ କୌଣସି ଯନ୍ତ୍ରପାତି ନଷ୍ଟ ହୋଇନଥିଲା। ପରୀକ୍ଷାଗାରଟି ଶୀତତାପ ନିୟନ୍ତ୍ରିତ ହୋଇଥିବାରୁ ଘରଟି ଧୂଆଁମୟ ହୋଇଯାଇଥିଲା। କର୍ମଚାରୀମାନେ ଉକ୍ତ ଘର ଖୋଲିବା ପରେ ଏହା ଜଣାପଡିଥିଲା। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ମନ୍ମୟ ସାମନ୍ତସିଂହାର ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏ ସଂପର୍କରେ ଜଣାଇବା ପରେ ଭଦ୍ରକରୁ ଏକ ବିଶେଷଜ୍ଞ ଟିମ ପରୀକ୍ଷାଗାରର ସମସ୍ତ ଯନ୍ତ୍ରପାତି ଯାଞ୍ଚ କରିଥିଲେ। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯିବାରୁ ଅନ୍ୟ ଯନ୍ତ୍ରପାତି ସୁରକ୍ଷିତ ରହିଥିବା ଜଣାଯାଇଛି। ଧାମନଗର ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପ୍ରଶାସନକୁ ଜଣାଇବାପରେ ପରୀକ୍ଷାଗାରକୁ ସଫା କରାଯାଇ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ଆଉଏକ ନୂତନ ମେସିନ ଥିବାରୁ ରୋଗୀ ସେବା ବ୍ୟାହତ ହେବନାହିଁ ବୋଲି ଡାକ୍ତର ସାମନ୍ତସିଂହାରଙ୍କଠାରୁ ସୂଚନା ମିଳିଛି।

# ବ୍ଲକ ପରିସରରୁ ପୁରାତନ ରାଧାଚୂଡା ଗଛକୁ କାଟିଦେଲେ ବିଡିଓ



ଭଣ୍ଡାରିପୋଖରୀ,୧୪।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ଫାଟକ ସଂଲଗ୍ନ ପାଚେରୀ ଘେରା ମଧ୍ୟରେ ଥିବା ପୁରାତନ ରାଧାଚୂଡା ଗଛକୁ କାଟିଦିଆଯାଇଛି। ଏହି ବୃହତକାୟ ଗଛ ମୂଳ ଚତୁଃପାଶ୍ୱର୍ରେ ଚଉତରା କରାଯାଇଥିଲା। ଫାଟକ ଗଛ ଛାଇରେ ରହୁଥିବାରୁ ବ୍ଲକକୁ ଆସୁଥିବା ବ୍ୟକ୍ତିମାନେ ଏହି ଚଉତରା ଉପରେ ବସି କାର୍ଯ୍ୟ ପାଇଁ ଅପେକ୍ଷା କରୁଥିଲେ। ହେଲେ ବ୍ଲକ କର୍ତ୍ତୃପକ୍ଷ ରବିବାର ଛୁଟି ଦିନ ସୁଯୋଗରେ ଗଛକୁ କାଟି ପକାଇଲେ। ସୋମବାର ବ୍ଲକ ଫାଟକ ଖୋଲିବା ପରେ ଲୋକେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ପରିବେଶ ସୁରକ୍ଷାର ମଙ୍ଗ ଧରିଥିବା ବ୍ଲକ କର୍ତ୍ତୃପକ୍ଷଙ୍କ ଓଲଟା ବିଚାର ଲୋକଙ୍କୁ ବିସ୍ମିତ କରିଥିଲା। ଗତ ସାଢେ ୩ ବର୍ଷ କାର୍ଯ୍ୟକାଳ ଭିତରେ ବ୍ଲକକୁ ରସାତଳଗାମୀ କରିଥିବା ବିଡିଓ ଦେବଦତ୍ତ ଦାସ ଏଥିନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ଘଟଣାରେ ସେ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ବୋଲି ଆଲୋଚନା ହେଉଛି। ଏହି ଘଟଣାରେ ବିଡିଓଙ୍କୁ ଦାୟୀ କରିଛନ୍ତି ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ। ଗଛକଟା ଯିବା ସମ୍ପୂର୍ଣ୍ଣର୍ ଅନୁଚିତ। ଏ ସମ୍ପର୍କରେ ତାଙ୍କ ସହ ଆଦୌ ପରାମର୍ଶ କରାଯାଇନାହିଁ। ଗତ କିଛି ମାସ ଧରି ବିଡିଓ ବ୍ଲକ ସମ୍ବନ୍ଧିତ କୌଣସି କଥାରେ ଅଧ୍ୟକ୍ଷାଙ୍କ ସହ ଯୋଗଯୋଗ କରୁନଥିବାରୁ ଅପରାହ୍ନରେ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ଯୋଗଯୋଗ କରିଥିଲେ। ଏହା ଜୀବନ୍ତ ଗଛ ନୁହେଁ ବୋଲି ସହକାରୀ ଯନ୍ତ୍ରୀ ସଫେଇ ଦେଇଥିଲେ ବୋଲି ସେ ପ୍ରକାଶ କରିଥିଲେ। ଏହି ଘଟଣା ସମ୍ପର୍କରେ ବିଧାୟକ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଅଧ୍ୟକ୍ଷା ଶ୍ରୀମତୀ ସେଠୀ ସୂଚନା ଦେଇଛନ୍ତି। ଗଛକଟା ସମ୍ପର୍କରେ ବିଡିଓଙ୍କ ବାରମ୍ବାର ଫୋନଯୋଗେ ଯୋଗଯୋଗ କରାଯାଇଥିଲା। ମାତ୍ର ବିଡିଓ ଫୋନ ଉଠାଇ ନ ଥିଲେ। ଅନ୍ୟପକ୍ଷରେ ଜଙ୍ଗଲ ବିଭାଗ ଠାରୁ ଏଥିନେଇ ଅନୁମତି ନିଆଯାଇ ନାହିଁ ବୋଲି ଜଙ୍ଗଲ ଅଧିକାରୀ କୃଷ୍ଣଚନ୍ଦ୍ର ବାସ୍କେ କହିଛନ୍ତି।

## ଆଗରପଡ଼ା ମୁଖ୍ୟ ବଜାର ସଂଯୋଗୀ ରାସ୍ତା ବିପର୍ଯ୍ୟସ୍ତ

# କଂଗ୍ରେସ ପକ୍ଷରୁ ରାସ୍ତାରୋକ; ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ବନ୍ତ/ଆଗରପଡ଼ା,୧୪।୭(ସମିସ)



ଆଗରପଡ଼ା ମୁଖ୍ୟ ବଜାରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାର ଦୂରାବସ୍ଥାରେ ସୁଧାର ଆଣିବା ନେଇ ପ୍ରଶାସନ ପକ୍ଷରୁ ଆସନ୍ତା ୧୩ ତାରିଖ ଭିତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ୧୪ ତାରିଖ କଂଗ୍ରେସ ପକ୍ଷରୁ ରାସ୍ତାରୋକ କରାଯିବ ବୋଲି ଆଗରପଡ଼ା ସ୍ଥିତ ଇଲେଭେନଷ୍ଟାର କ୍ଲବ ପରିସରରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ ସୂଚନା ଦେଇଥିଲେ। କିନ୍ତୁ ଉକ୍ତ ସମୟ ଅବଧି ମଧ୍ୟରେ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସୋମବାର ସକାଳୁ କଂଗ୍ରେସ ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ, ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳ, ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ରବିନାରାୟଣ ମହାନ୍ତି, ସତ୍ୟବାନ ଦାସ, କାର୍ତ୍ତିକ ଜେନା, ଛାୟାକାନ୍ତ ନନ୍ଦ, ଗୟାଧର ପତି, ବାଙ୍କବିହାରୀ ଜେନା ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ପରେ ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଆସନ୍ତା ୭ଦିନ ଭିତରେ ରାସ୍ତା ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଘଟଣାସ୍ଥଳରେ ଥାନାଧିକାରୀ ଦେବରାଜ ଜେନା ମଧ୍ୟ ଉପସ୍ଥିତ ଥିଲେ। ନବ ଉତ୍କଳର ନିମର୍‌ାତା ଉତ୍କଳ କେଶରୀ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ଜନ୍ମମାଟି ଏବଂ ଏକମାତ୍ର ଐତିହାସିକ କର୍ମମନ୍ଦିର ଆଗରପଡ଼ାଠାରେ ଅବସ୍ଥିତ ଥିବାରୁ ଉକ୍ତ ଅଂଚଳ ଓଡ଼ିଶା ତଥା ଭାରତ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । କିନ୍ତୁ ଦୁର୍ଭାଗ୍ୟର କଥା ଆଜି ପର୍ଯ୍ୟନ୍ତ ଏହି ଅଞ୍ଚଳକୁ ସଂଯୋଗ କରୁଥିବା ଆଗରପଡ଼ା-ବରପଦା ରାସ୍ତା, ବ୍ଲକ ଓ ତହସିଲ ଯିବା ପାଇଁ ଆଗରପଡ଼ା-ବନ୍ତ ରାସ୍ତା, ପଡ଼ୋଶୀ ଜିଲ୍ଲା କେନ୍ଦୁଝର ଯିବା ପାଇଁ ଆଗରପଡ଼ା-ଆନନ୍ଦପୁର ରାସ୍ତା ଏବଂ ବାଲେଶ୍ୱର ଜିଲ୍ଲାକୁ ଯିବା ପାଇଁ ଆଗରପଡ଼ା-କୁପାରୀ ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ଏହିସବୁ ରାସ୍ତା ମରଣଯନ୍ତା ପାଲଟିଛି । ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମୁଖ୍ୟ ବଜାର ଉପରେ ଆମ ଜିଲ୍ଲା ତଥା ପଡ଼ୋଶୀ ବାଲେଶ୍ୱର ଓ କେନ୍ଦୁଝର ଏହିପରି ପାଖାପାଖି ୩ଟି ଜିଲ୍ଲାର ଅଧିବାସୀ ନିର୍ଭର କରିଥାନ୍ତି । ରାସ୍ତା ସମସ୍ୟାକୁ ନେଇ ବାରମ୍ବାର କଂଗ୍ରେସ ଦଳର ନେତୃତ୍ୱମାନେ ପ୍ରଶାସକଙ୍କ ପାଖରେ ନିଜର ଦାବି ରଖି ଆସୁଥିଲେ। କିଛିଦିନ ତଳେ ଆଗରପଡ଼ା-ବରପଦା ରାସ୍ତାର ମରାମତି କରାଯାଇଥିଲେ ସୁଦ୍ଧା ଏହା ନିମ୍ନମାନର ହୋଇଥିବାରୁ ପୁଣି ସେହି ରାସ୍ତା ଶୋଚନୀୟ ହେବା ସହ ଯାତାୟତ ଆଉ ସମ୍ଭବ ହୋଇପାରୁ ନାହିଁ । ତେଣୁ ପ୍ରଶାସନ ଉକ୍ତ ଘଟଣାଟିକୁ ସକରାତ୍ମକ ଭାବରେ ଗ୍ରହଣ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ।

# ଭଦ୍ରକକୁ ବ୍ୟାପିଲା ଏଫ୍ ଏମ୍ ନିଆଁ

## ଗର୍ଜିଲା ଜିଲ୍ଲା କଂଗ୍ରେସ



**ଭଦ୍ରକ,୧୪।୭(ସମିସ):** ବାଲେଶ୍ୱର ଏଫ୍.ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାରେ ଜଡ଼ିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ କଂଗ୍ରେସ କର୍ମୀମାନେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଜିଲ୍ଲା ସଂଯୋଜକ ଅସିତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ହଜାରରୁ ଅଧିକ ଦଳୀୟ କର୍ମୀ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖୀରେ ପହଞ୍ଚି ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ବିଜେପି ସରକାର ହାଏ ହାଏ ନାରା ଦେଇ ଦୃଢ଼ ପ୍ରତିବାଦ ଜଣାଇଥିଲେ। ପରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଚାନ୍ଦବାଲି ନେତା ଅମୀୟ ମହାପାତ୍ର, ବରିଷ୍ଠ ନେତା ଦେବରୂପ ମହାନ୍ତି, ଆଇନଜୀବୀ ନିଶିକାନ୍ତ ନାୟକ, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, କଂଗ୍ରେସ ନେତା ନଳିନ ମହାନ୍ତି ପ୍ରମୁଖ ନେତାମାନେ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିବା ସହ ଘଟଣାର ଜଡ଼ିତ ଆସାମୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ପରେ ଦଳୀୟ କର୍ମୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସେହିପରି ଜିଲ୍ଲା ସଂଯୋଜକ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଜିଲ୍ଲାପାଳଙ୍କୁ ଭେଟି ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦେଶ୍ୟରେ ପ୍ରଦାନ କରିଥିଲେ।

**ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ଓ ଇସ୍ତଫା ଦାବି**

କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ବିଭାଗ ଜିଲ୍ଲା ସଭାପତି ବିଦ୍ୟାଧର ଜେନା, ପ୍ରଫୁଲ୍ଲ ସାମଲ, ଶଶିକାନ୍ତ ଜେନା, ସରୋଜ ନାୟକ, ଭରତ ତ୍ରିପାଠୀ, କଳ୍ପତରୁ ପରିଡ଼ା, ବରିଷ୍ଠ ନେତା ମୁକିତ ଖାଁ, କାଉନସିଲର ଫରୀୟାଦ ଖାଁ, କାଉନସିଲର ହେମନ୍ତ ସାହୁ, ସାହିଲ କାଦ୍ରି, ରୁକସାନା ବେଗମ, ଇଲିଆସ ଖାଁ, ଯୁବନେତା ସନିଆ ନନ୍ଦ, ରମେଶ ସ୍ୱାଇଁ, ଯୁବ ନେତା ବବଲୁ, ତପନ ନାୟକ ଓ ବଳରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କଲା ଛାତ୍ର କଂଗ୍ରେସ

**ବାସୁଦେବପୁର,୧୪।୭(ସମିସ):** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ବାସୁଦେବପୁର ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀ ଓ



ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବାସୁଦେବପୁର ଅଟଳ ବିହାରୀ କଲେଜର ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ କର୍ମୀ ଏକତ୍ରିତ ହୋଇ କଲେଜ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ସରକାରୀ ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଇସ୍ତଫା ଦାବି କରି ସ୍ଲୋଗାନ ଦେଇ କଲେଜ ଛକରେ କୁଶପୁତ୍ତଳିକା ଦାହ କରିଥିଲେ। ନିର୍ଯାତିତ ଛାତ୍ରୀଜଣଙ୍କ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ, ବିଧାୟକ ସମସ୍ତଙ୍କୁ ଆକୁଳ ନିବେଦନ କରିଥିଲେ। କିନ୍ତୁ କେହି ତାଙ୍କ କଥା ନ ଶୁଣିବାରୁ ଶେଷରେ ନିରାଶ ହେବା ପରେ ଚରମ ପଦକ୍ଷେପ ନେଲେ ବୋଲି ଛାତ୍ର ନେତାମାନେ କହିଥିଲେ। ତେଣୁ, ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଥିଲେ। ତେବେ, ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ, ଆଗାମୀ ଦିନରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ବର୍ଷାରେ ଧାମନଗର ଉବୁଟୁବୁ



**ଧାମନଗର,୧୪।୭(ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷାରେ ଧାମନଗର ଅଞ୍ଚଳ ବେହାଲ ହୋଇଥିବା ବେଳେ ଖାଲୁଆ ଓ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ଧାମନଗର ଏନ୍‌ଏସି ଅଞ୍ଚଳରେ ବେଆଇନ ଜବରଦଖଲ, ଜଳ ନିଷ୍କାସନ ସ୍ଥାନରେ ବେଆଇନ ନିର୍ମାଣ, ଏନ୍‌ଏସିର ଭୁଲ ଜଳ ନିଷ୍କାସନ ନୀତି ପାଇଁ ଗତ ଦୁଇଦିନ ମୁଷଳଧାରା ବର୍ଷାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାମନଗର ଏନ୍‌ଏସିର ପଠାଣମହଲା, କୋରେସି ମହଲା, ହବିବନଗର ଆଦି ଗ୍ରାମରେ ଉଦବୃତ ବର୍ଷାଜଳ କେତେକ ଘରେ ପାଣି ପଶି ଲୋକଙ୍କୁ ହଇରାଣରେ ପକାଇଛି। ଅନେକ ପରିବାରଙ୍କ ଘରେ ପାଣି ପଶିଥିବାର ଜଣାଯାଇଛି। "ଯ'ନଦୀରେ ପ୍ରବାହିତ ବର୍ଷାଜଳ ଧାମନଗର, ଜୟନଗର, ରାଧାବଲ୍ଲଭପୁର ଓ ଷୋଳଗାଁ ଆଦି ପାଟ ଜମିରେ ଧାନତଳିକୁ ବୁଡ଼ାଇ ରଖିଥିବାରୁ ବ୍ୟାପକ ଧାନ ବିହନ ନଷ୍ଟହେବାର ସମ୍ଭାବନା ଦେଖାଦେଇଛି। ଏବର୍ଷର ଖରିଫ ଧାନ ଚାଷ ପାଇଁ ଚାଷୀ ପ୍ରସ୍ତୁତ ହେଉ ଥିବାବେଳେ ଅତ୍ୟଧିକ ବର୍ଷା ଚାଷୀଙ୍କୁ କ୍ଷତିରେ ପକାଇଛି। ଅଧିକ ଅମଳକ୍ଷମ ଧାନଚାଷ କରିବା ପାଇଁ ବହୁ ଚାଷୀ ଖୋଲା ବଜାରରୁ ମୂଲ୍ୟବାନ ଧାନ ବିହନ କିଣି କାଦୁଅ ତଳି ପକାଇଥିଲେ। ତାହା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ନଷ୍ଟ ହେବାସହ ପୁଣି ଥରେ ପାଗଯୋଗ ଦେଖି ଧାନତଳି ଉତାରିବା ସମ୍ଭବ ହେବକି ନାହିଁ ସେନେଇ ଚାଷୀକୂଳ ସନ୍ଦେହ ଭିତରେ ଅଛନ୍ତି। ଲଗାଣ ବର୍ଷାରେ ପନିପରିବା ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବଜାରରେ ପରିବା ଦର ଆକାଶ ଛୁଆଁ ହୋଇଛି। ଏପରିସ୍ଥଳେ କୃଷି ଓ ଉଦ୍ୟାନ କୃଷି ବିଭାଗ ଚାଷୀମାନଙ୍କୁ ଆବଶ୍ୟକ ସହଯୋଗ କରିବା ପାଇଁ ଦାବି ହେଉଛି।

## ସ୍କୁଲ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ପାଇଁ ଦାବି

**ଭଣ୍ଡାରିପୋଖରୀ,୧୪।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଜଳମଣ୍ଡୁଆ ପଞ୍ଚାୟତ ଭଗିବିନ୍ଧା ଉପ୍ରା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମନୋରମା ପୁରୁଖାତଙ୍କ ବଦଳି ବାତିଲ ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏଥିପାଇଁ ସେମାନେ ବିଭିନ୍ନ କାରଣ ଦର୍ଶାଇଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ବିଦ୍ୟାଳୟର ପରିବେଶକୁ ଶିକ୍ଷା ଉପଯୋଗୀ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ପ୍ରଶିକ୍ଷଣପ୍ରାପ୍ତ ସ୍ନାତକୋତ୍ତର ଡିଗ୍ରୀଧାରୀ ହୋଇଥିବାରୁ ଏହି ବିଦ୍ୟାଳୟରେ ସେ ଶିକ୍ଷାଦାନ ଜାରିରଖିଲେ ବିଦ୍ୟାଳୟର ଉନ୍ନତି ତ୍ୱରାନ୍ୱିତ ହୋଇପାରିବ। ବିଶେଷ କରି ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ। ବିଦ୍ୟାଳୟର ଜନୈକ ବରିଷ୍ଠ ଶିକ୍ଷକ ଉପସ୍ଥାନ ଖାତାରେ ଦସ୍ତଖତ କରି ପ୍ରତିଦିନ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ପଳାଉଛନ୍ତି। ଏବେ ସେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଥିବାରୁ ବିଦ୍ୟାଳୟରେ ଶିକ୍ଷାଦାନ ପ୍ରଭାବିତ ହେବ ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅଭିଭାବକ ଜୟନ୍ତୀ କୁଣ୍ଡୁ, ପ୍ରମିଳା କୁଣ୍ଡୁ, ଏଲୋରା ପ୍ରିୟଦର୍ଶନୀ ସାମଲ, ସାରଥି ନାୟକ, ପାର୍ବତୀ ଦେ, ସୁଶାନ୍ତ ରାଉତ ପ୍ରମୁଖ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଆବେଦନ କରିଥିବା ଜଣାଯାଇଛି। ସଂପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହାରାମଣୀ ବାଳିକା ବିଦ୍ୟାଳୟରେ ଯୋଗଦାନ କରିସାରିଛନ୍ତି ବୋଲି ବ୍ଲକ ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି।

■ ଖାଦ୍ୟ ସୁରକ୍ଷା ଟିମ୍‌ର ଯାଞ୍ଚ ଅଭିଯାନ

## ବାସି ଖାଦ୍ୟ ସାମଗ୍ରୀ ଜବତ; ଜରିମାନା ଆଦାୟ

**ଅସୁରାଳି,୧୪।୭(ସମିସ):** ନିକଟରେ କିଛିଦିନ ତଳେ ଡାଇରିଆ ଯୋଗୁଁ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ମୁଣ୍ଡ ଯାଇଥିଲା। ଭଦ୍ରକ ଜିଲ୍ଲାରେ ଏହା ଯେପରି ସଂକ୍ରମିତ ନହୁଏ ସେଥିପ୍ରତି ସଚେତନ ରହିବାକୁ ଭଦ୍ରକ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସଚେତନ ବାର୍ତ୍ତା ଦେଇଥିଲେ। ଏଥିସହିତ ଟିମ ଗଠନ କରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଖାଦ୍ୟ ସାମଗ୍ରୀ ଦୋକାନ ଯାଞ୍ଚ କରିବାକୁ ଖାଦ୍ୟ ସୁରକ୍ଷା ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବହୁ ହୋଟେଲ, ଠେଲା ଦୋକାନୀଙ୍କ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। କିଛିଦିନର ବିରତି ପରେ ପୁଣି ସକ୍ରିୟ ହୋଇଛି ଖାଦ୍ୟ ନିରାପତ୍ତା ଟିମ୍। ସୋମବାର ମଧ୍ୟାହ୍ନରେ ଖାଦ୍ୟ ସୁରକ୍ଷା ଟିମ୍ ଧୁଷୁରୀରେ ପହଞ୍ଚି ବିଭିନ୍ନ ଜଳଖିଆ ଦୋକାନ, ମିଠା ଦାକାନ, ଗୁପ୍‌ଚୁପ ଦେକାନରେ ବିଭାଗର ଅଧିକାରୀମାନେ ଖାଦ୍ୟର ମାନ ପରଖିଥିଲେ। ଏହି ଟିମ ଧୂଷୁରୀ ବଜାର, ଅସୁରାଳି ବଜାର, ବେତାଳି ଗାଁ ବଜାର ଆଦି ସ୍ଥାନରେ ଖାଦ୍ୟ ଯାଞ୍ଚ କରିଥିଲେ। ଏହି ପରିପ୍ରେକ୍ଷୀରେ ଧୂଷୁରୀସ୍ଥିତ ଗଣେଶ ମିଷ୍ଟାନ୍ନ ଭଣ୍ଡାରରୁ ୧୫୦୦ ଟଙ୍କା ଜରିମାନା ହୋଇଥିଲା। ଚଢ଼ଉ ଦେଖି ଅନ୍ୟ ପାଖଆଖ ଦୋକାନୀ ଚମ୍ପଟ ମାରିଥିଲେ। ଉକ୍ତ ଖାଦ୍ୟ ସୁରକ୍ଷା ଟିମ୍‌ରେ ମୁଖ୍ୟ ଅଧିକାରୀ ବିଭୁଦତ ଦାସ, ହେଲଥ୍ ସୁପର୍ଭାଇଜର ରମେଶ ବେହେରା, ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଟିମ୍ ବାସି ଖାଦ୍ୟ ବିକ୍ରି ଉପରେ



ରୋକ୍ ଲଗେଇଥିଲେ ତଥା ଖାଦ୍ୟ ନମୁନା ସଂଗ୍ରହ କରି ଲାବରୋଟରୀକୁ ପଠାଇବା ସହ ଅନୁପଯୋଗୀ ବସ୍ତୁ ଜବତ କରି ପାଖାପାଖି ୨୪ କେଜି ନଷ୍ଟ କରାଯାଇଥିଲା। କେଉଁ ଉତ୍ସରୁ ଜଳ ଆଣି ଖାଦ୍ୟ ସାମଗ୍ରୀ ତିଆରି କରିବାରେ ଉପଯୋଗ କରାଯାଉଛି ତାହା ମଧ୍ୟ ଯାଞ୍ଚ କରାଯାଇଥିଲା। ଅନୁମତି ବିନା ଚାଲୁଥିବା ଦୋକାନକୁ ତାଗିଦ ମଧ୍ୟ କରିଥିଲେ। ଏହାଛଡ଼ା ସର୍ବୋପରି ସାଧାରଣ ଜନତାଙ୍କୁ ଖାଦ୍ୟର ଗୁଣବତ୍ତା, ସ୍ୱଚ୍ଛତା ଓ ନିରାପତ୍ତାକୁ ଯାଞ୍ଚ କରି ଆହରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ପୋଖରୀରେ ବୁଡ଼ି ଛାତ୍ରୀ ମୃତ

**ଭଦ୍ରକ,୧୪।୭(ସମିସ):** ଭଦ୍ରକ ବ୍ଲକ୍ ଅଧୀନ କୋଡ଼ବରୁଆଁ ପଞ୍ଚାୟତ ସେହି ଗାଁର ଜଣେ ଯୁକ୍ତ ୩ ପ୍ରଥମ ବର୍ଷରେ ପଢୁଥିବା ଛାତ୍ରୀ ପୋଖରୀରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ମିଲିରାଣୀ ଦାସ(୧୮)। ସୂଚନାଯୋଗ୍ୟ କୋଡବରୁଆଁ ଗାଁର ପ୍ରଶାନ୍ତ ଦାସଙ୍କ ଝିଅ ମିଲିରାଣୀ ରବିବାର ମଧ୍ୟାହ୍ନରେ ନିଜ ଘର ବାଡିକୁ ଯାଇଥିବା ବେଳେ ସେଠାରେ ଥିବା ପୋଖରୀରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଥିଲା। ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଆଶୀଷ କୁମାର ମହାନ୍ତି ଖବର ପାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ମୃତା ମିଲିରାଣୀ ଭଦ୍ରକ ଚରମ୍ପା ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିଲେ।



## ସମସ୍ତ ପ୍ରଧାନଶିକ୍ଷକ ଫେରାଇବେ ୪ଲକ୍ଷ ଟଙ୍କା!

**ପ୍ରୀତିପୁର,୧୪।୭(ସମିସ):** ବିଞ୍ଝାରପୁର ବ୍ଲକର ୨୨ଟି ପ୍ରାଥମିକ, ଉଚ୍ଚ, ପ୍ରାଥମିକ, ଉଚ୍ଚ ଓ ଉଚ୍ଚତର ବିଦ୍ୟାଳୟମାନଙ୍କୁ ଯୋଗାଇ ଦିଆ ଯାଇଥିବା ଅନୁଦାନର ବିନିଯୋଗ ପ୍ରମାଣପତ୍ରରେ ବ୍ୟାପକ ଜାଲିଆତି ହୋଇଥିବାରୁ ଯାଜପୁର ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ ଅଧିକାରୀ ଏହି ସବୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ମୋଟ ପାଖାପାଖି ୪ଲକ୍ଷ ଟଙ୍କା ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

ପ୍ରକାଶ ଯେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ଯାଜପୁରଙ୍କ ବିଞ୍ଝାରପୁର ଗୋଷ୍ଠୀଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଚିଠିରେ ଦର୍ଶାଯାଇଛି କି ବିଞ୍ଝାରପୁର ବ୍ଲକର ଅରେଇ ଠାରେ ଅନୁଷ୍ଠିତ ବିନିଯୋଗପତ୍ର ଆଦାୟ ଶିବିରରେ ବ୍ଲକର ୨୨ଟି ସ୍କୁଲ ଦାଖଲ କରିଥିବା ବିନିଯୋଗ ପତ୍ର ଓ ତତ୍‌ସଂଲଗ୍ନ ଭାଉଚର ଯାଞ୍ଚବେଳେ ଅର୍ଥ ବିଭାଗର କର୍ମକର୍ତ୍ତାଙ୍କ ନଜରରେ ୨୦୨୪-୨୫ ବର୍ଷର ଅନୁଦାନର ବ୍ୟୟ ବିବରଣୀରେ ବିଭିନ୍ନ ଅନିୟମିତତା ପରିଦୃଷ୍ଟ ହୋଇଥିଲା। ତଦନୁଯାୟୀ କେତେକ ପ୍ରଧାନ ଶିକ୍ଷକଙ୍କ ନିମନ୍ତେ କ୍ୟାସମେମୋ, ନନ୍ ଜିଏସଟି ବିଲ୍, ମିଥ୍ୟା ଭାଉଚର ଆଦି ସମସ୍ୟା ସୃଷ୍ଟି କରିଥିଲା। ସମସ୍ତ କାଗଜପତ୍ର ଯାଞ୍ଚ ପରେ ଡିପିସିଙ୍କ ଦ୍ୱାରା ପ୍ରେରିତ ଅର୍ଥ ବିଭାଗ ତରଫରୁ ଏହି ୨୨ଟି ସ୍କୁଲର ପ୍ରଧାନ ଶିକ୍ଷକମାନେ ଉଠାଇଥିବା ଅନୁଦାନ ମଧ୍ୟରୁ ମୋଟ ପାଖାପାଖି ୪ଲକ୍ଷ ଟଙ୍କା ଫେରସ୍ତ ଆଣିବା ନିମନ୍ତେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ। ତେବେ ବିଞ୍ଝାରପୁର ବ୍ଲକର ଏହି ସ୍କୁଲ ମଧ୍ୟରେ ରାଁଶ ପ୍ରାଥମିକ ବିଦ୍ୟାଳୟ, ଝିଙ୍କିରୀ ପ୍ରାଥମିକ ବିଦ୍ୟାଳୟ, ବ୍ରାହ୍ମଣୀ ଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗିରିଧାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରୁଣେଶ୍ୱର ପ୍ରାଥମିକ ବିଦ୍ୟାଳୟ, ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ତଳବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ, କେସି ହାଇସ୍କୁଲ, ଟିଣା, ମଇଁନ୍ଦା ୟୁଜିଏମଇ, ସ୍କୁଲ, ଉତଙ୍ଗରା ସରକାରୀ ହାଇସ୍କୁଲ, ସିଦ୍ଧେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପିକେ ୟୁଜି ଏମଇସ୍କୁଲ, ଏସି ହାଇସ୍କୁଲ ଫଳପୁର, ପ୍ରହଲାଦ ସରକାରୀ ହାଇସ୍କୁଲ, ମଲ୍ଲୀପୁର ଚନ୍ଦ୍ରମୁଁ ପ୍ରାଥମିକ ବିଦ୍ୟାଳୟ, କାଣ୍ଡିସାହି ପ୍ରାଥମିକ ବିଦ୍ୟାଳୟ, ବରକୋଟି ପ୍ରାଥମିକ ବିଦ୍ୟାଳୟ, ରାମଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମନେଇଶୁଣୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଣ୍ଡକୂଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଖରସ୍ରୋତା ହାଇସ୍କୁଲ (ଭୋକେସନାଲ), ଏସ୍‌ଜି ହାଇସ୍କୁଲ ଆଦି ରହିଥିବା ଦେଖିବାକୁ ମିଳିଛି। ଡିପିସିଙ୍କ ଚିଠି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମେମୋ ସଂଖ୍ୟା - ୮୯୫ ଅନୁଯାୟୀ ସମସ୍ତ ପ୍ରଧାନ ଶିକ୍ଷକମାନଙ୍କୁ ଏହି ମର୍ମରେ ଏହା ଜଣାଇ ଦିଆଯାଇଛି।

**ବିଞ୍ଝାରପୁର ବ୍ଲକର ୨୨ଟି ବିଦ୍ୟାଳୟରେ ଆର୍ଥିକ ଅନିୟମିତତା**

## ସାପ କାମୁଡ଼ାରେ ମହିଳା ଗୁରୁତର

**ସୁକିନ୍ଦା, ୧୪।୭(ସମିସ):** ମଙ୍ଗଳପୁରର ଗ୍ରାମର ଜଣେ ମହିଳା ସାପ କାମୁଡ଼ାର ଶିକାର ହୋଇ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ରଙ୍ଗବତୀ ବେହେରା(୬୧) ଗତ ରବିବାର ରାତିରେ ଘର ନିକଟରେ କାରବାର କରୁଥିବା ସମୟରେ ବିଷଧର ସର୍ପାଘାତର ଶୀକାର ହୋଇଥିଲେ। ମହିଳାଙ୍କ ପରିବାର ଲୋକେ ତୁରନ୍ତ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବିଳମ୍ବିତ ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସୋରାଇଶ୍ୱର ବିଦ୍ୟାପୀଠ ଭିତରେ ଲହଡ଼ି ମାରୁଛି ପାଣି

**କବାଟବନ୍ଧ,୧୪।୭ (ସମିସ):** ସୋମବାର ସକାଳୁ ପ୍ରବଳ ବର୍ଷା ପାଇଁ ଅନେକ ସ୍ଥାନରେ ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା। ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତରେ ଥିବା ସୋରାଇଶ୍ୱର ବିଦ୍ୟାପୀଠ ପରିସର ମଧ୍ୟ ଜଳାର୍ଣ୍ଣବ ହୋଇଥିଲା। ଏମିତି କି ଦୀର୍ଘ ସମୟ ଧରି ପାଣି ଜମି ରହିବା ଫଳରେ ଛାତ୍ରଛାତ୍ରୀ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ସ୍କୁଲ ଚାରି ପଟେ ପାଚେରି ନିର୍ମାଣ ହୋଇଥିବାରୁ ଏବଂ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଯାହା ଫଳରେ ସାମାନ୍ୟ ବର୍ଷା ହେଲେ ସ୍କୁଲ ପରିସରରେ ବର୍ଷା ଜଳ ଜମି ରହୁଛି। ସୋମବାର ସ୍କୁଲ ପରିସରରେ ପାଣି ଜମି ରହିବା ଫଳରେ ସାଇକେଲ ଗୁଡ଼ିକ ପାଣି ଭିତରେ ରହିଥିବା ଦେଖିବାକୁ ମିଳିଥିଲା। ସ୍କୁଲ



ବାରଣ୍ଡାରେ ପାଣି ଯୋଗୁଁ ଛାତ୍ରଛାତ୍ରୀଙ୍କ ଜୋତା ଚପଲ ମଧ୍ୟ ପାଣିରେ ଭାସୁଥିବା ଦେଖା ଯାଇଥିଲା। ଏହା ପରେ ସ୍ଥାନୀୟ ଲୋକଙ୍କ ସହଯୋଗ ରେ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ସ୍ଥାୟୀ ସମାଧାନ ନୁହେଁ। ତ୍ରୁଟି ଯୁକ୍ତ ନିର୍ମାଣ ଏବଂ ପାଣି ନିଷ୍କାସନ ପାଇଁ ଉତ୍ତମ ବ୍ୟବସ୍ଥା ନ ଥିବାରୁ ଏହି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଛି। ବିଶେଷ କରି ବର୍ଷା ଋତୁରେ ଏହା ବିଶେଷ ଭାବେ ଦେଖିବାକୁ ମିଳିଥାଏ। ପାଣି ଜମି ରହିଥିବାରୁ ଏହା ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଅପରିଷ୍କାର ପାଣିରେ ବିଭିନ୍ନ କୀଟ ତଥା ସରୀସୃପ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ଜମି ରହିଥିବା ପାଣିରେ ଯିବା ଆସିବା ଦ୍ୱାରା ଚର୍ମ ରୋଗ ମଧ୍ୟ ହୋଇ ପାରେ। ସ୍କୁଲ ପରିସରରେ ପାଣି ଜମି ରହିଥିବା ଅଞ୍ଚଳରେ ଶୌଚାଳୟ ରହିଛି। ତାହା ମଧ୍ୟ ପାଣି ଘେରରେ। ଏଭଳି ପରିସ୍ଥିତିରେ ପିଲାମାନେ ଶୌଚାଳୟ ଯିବା ମଧ୍ୟ ସହଜ ହେଉ ନାହିଁ। ତୁରନ୍ତ ଏହା ଉପରେ ଦୃଷ୍ଟି ଦେଇ ପାଣି ନିଷ୍କାସନ କରାଗଲେ ଏହି ସମସ୍ୟାର ସମାଧାନ ହୋଇ ପାରିବ।

## ଜିଲ୍ଲାସ୍ତରୀୟ ଗୁରୁବନ୍ଦନା କାର୍ଯ୍ୟକ୍ରମ

**ଭଦ୍ରକ,୧୪।୭(ସମିସ):** ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ଗୁରୁବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବ୍ଲକ୍ ଅଧୀନ ସାବରଙ୍ଗ ନିକଟସ୍ଥ ପଲ୍ଲୀ ଗାଁସ୍ଥିତ ନରେନ୍ଦ୍ର ସେନାପତିଙ୍କ 'ଆଶା ଶିକ୍ଷା ନିକେତନ' ପରିସରରେ ମହାସଂଘର ସଭାପତି ବିମ୍ବାଧର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାସଂଘର ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସାମାଜିକ ସଦ୍‌ଭାବନାର ସଂଯୋଜକ ଅଜୟ ଦ୍ୱିବେଦୀ ମୁଖ୍ୟଅତିଥି, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଅବସରପ୍ରାପ୍ତ ଅଧିକାରୀ ନିରଞ୍ଜନ ସେନାପତି ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ବିଭାଗର ସହ ସଂଘଚାଳକ ପାର୍ଥ ସାରଥି ଦାବେ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ବିଭାଗ ସମ୍ପର୍କ ପ୍ରମୁଖ ସୁବ୍ରତ ନାୟକ ଏବଂ ମହାସଂଘର ଜିଲ୍ଲା ଉପସଭାପତି ପ୍ରଦୀପ ଦାଶ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କୋଷାଧ୍ୟକ୍ଷ ଶ୍ରୀଧର ପଣ୍ଡା, ଚାନ୍ଦବାଲି ବ୍ଲକର ସଭାପତି ଅମୂଲ୍ୟ ରାଉତ, ବାସୁଦେବପୁର ବ୍ଲକ ସଭାପତି ରାଜକିଶୋର ମଲ୍ଲିକ, ବନ୍ତ ବ୍ଲକ କାର୍ଯ୍ୟକାରୀ ସଭାପତି ସୁଭେନ୍ଦ୍ର ବିଶ୍ୱାଳ, ପ୍ରଧାନଶିକ୍ଷକ ପ୍ରଦୀପ ବାରିକ, ପ୍ରଧାନଶିକ୍ଷକ ପ୍ରଦୀପ ଜେନା ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ମନୋଜ ଦୀକ୍ଷିତ ସାମୁହିକ ଗୁରୁବନ୍ଦନ କରାଇବା ସହିତ ଜିଲ୍ଲାର ଅତିରିକ୍ତ ସଂଗଠନ ସଂପାଦକ ଉମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତିଙ୍କ ଦ୍ୱାରା ସଭା ସାଙ୍ଗ କରାଯାଇଥିଲା।

# ପୁରୁଣା ଗଛ ପୁରୁଷଣ୍ଡ ନୋଡାଲ ବିଦ୍ୟାଳୟ ପାଇଁ ବିପଦ

## କାର୍ଯ୍ୟାନୁଷ୍ଠାନ ଦାବିରେ ବିଭାଗୀୟ ଅଧିକାରୀଙ୍କୁ ପତ୍ର

**ବନ୍ତ/ଆଗରପଡ଼ା,୧୪।୭(ସମିସ):**

ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁଁ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଏପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ପୁରୁଷଣ୍ଡ ନୋଡ଼ାଲ ବିଦ୍ୟାଳୟରେ। ଉକ୍ତ ବିଦ୍ୟାଳୟର ଗତ ୧୫ ଦିନ ତଳେ ଏକ ଶ୍ରେଣୀ ଗୃହ ଛାତରୁ ପ୍ଲାଷ୍ଟର ଗଳିପଡ଼ିଥିବାର ଦେଖିବାକୁ ମିଳିଥିଲା। ସୌଭାଗ୍ୟବଶତଃ ଶ୍ରେଣୀ ଗୃହରେ କେହିବି ପିଲା ଉପସ୍ଥିତ ନ ଥିବାରୁ ଏକ ସୁନିଶ୍ଚିତ ବିପଦରୁ ରକ୍ଷା ମିଳିଯାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ ଖଟଣା ସ୍ଥଳରେ ପହଂଚି ଘଟଣାର ଅନୁଧ୍ୟାନ କରିବା ପରେ ଏହାର ମରାମତି କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ବିଦ୍ୟାଳୟର ସମ୍ମୁଖ ଭାଗରେ ଜଳ ନିଷ୍କାସନର କୋଣସି ସୁବନ୍ଦୋବସ୍ତ କରାଯାଇନଥିବାରୁ ଏବଂ ବିଦ୍ୟାଳୟ ସମ୍ମୁଖ ଭାଗରେ ଯାଇଥିବା ରାସ୍ତା ବିଦ୍ୟାଳୟ ପରିସରରୁ ଅଧିକ ଉଚ୍ଚତାରେ ଥିବାରୁ ବର୍ତ୍ତମାନ ବର୍ଷାଋତୁ ଚାଲୁଥିବାରୁ ପାଣି ବିଦ୍ୟାଳୟ ପରିସରକୁ ପଶୁଥିବା ବେଳେ ବିଦ୍ୟାଳୟ ପରିସରର ପାଣି ମଧ୍ୟ ନିଷ୍କାସନ ହୋଇ ନପାରି ଜମି ରହି ପିଲାଙ୍କ ପାଇଁ ଆଉ ଏକ ବିପଦ ସୃଷ୍ଟି କରୁଛି। ଆଗାମୀ ଦିନରେ ଏହା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ



କୁ ପ୍ରଭାବ ପକାଇବା ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ବିଦ୍ୟାଳୟ ପରିସରରେ ବହୁ ପୁରୁଣା ଗଛ ଥିବା ବେଳେ ଏହା ବର୍ଷ ବର୍ଷ ଧରି କଟା ଯାଉନଥିବାରୁ ବର୍ତ୍ତମାନ ଉକ୍ତ ଗଛ ବିଦ୍ୟାଳୟ ଶ୍ରେଣୀ ଗୃହ ସମେତ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ବିଦ୍ୟାଳୟ ଗୃହ ସମେତ ପିଲାଙ୍କ ଜୀବନକୁ ସୁରକ୍ଷିତ ରଖିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ସ୍ଥାନୀୟ ସରପଞ୍ଚ, ପରିଚାଳନା କମିଟି ସଭାପତି, ସଭ୍ୟ/ସଭ୍ୟା ଓ ଅଭିଭାବକଙ୍କ ସହ ଆଲୋଚନା ପରେ ଜିଲ୍ଲାପାଳ, ତହସିଲଦାର, ବନ୍ତ, ରାଜସ୍ୱ ନିରୀକ୍ଷକ ଓ ଫରେଷ୍ଟର, ଆଗରପଡ଼ା, ଗୋଷ୍ଠୀ ଶିକ୍ଷାଧିକାରିଣୀ, ବନ୍ତ ପ୍ରମୁଖଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଯାଇଛି। ତେଣୁ ବିଦ୍ୟାଳୟ ସମେତ ପିଲାଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଉକ୍ତ ଅଭିଯୋଗ ଉପରେ ବିଭଗୀୟ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକଙ୍କ ସମେତ ଶିକ୍ଷାବିତ୍ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ଶିକ୍ଷା ବର୍ଷରେ ଉକ୍ତ ବିଦ୍ୟାଳୟରେ ସମୁଦାୟ ୧୩୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିଶୁ ବାଟିକା ସମେତ ୧ମରୁ ୮ମ ଶ୍ରେଣୀ ନିମନ୍ତେ ୫ଟି ଶ୍ରେଣୀ ଗୃହ ରହିଛି। ତେଣୁ ଶିଶୁ ବାଟିକା ଓ ୫ମ ଶ୍ରେଣୀ ପିଲା ଗୋଟିଏ ଗୃହ, ୧ମ, ୨ୟ ଓ ୪ର୍ଥ ଶ୍ରେଣୀର ପିଲା ମିଳାମିଶା ହୋଇ ଆଉ ଗୋଟିଏ ଗୃହରେ ଶିକ୍ଷାଲାଭ କରୁଛନ୍ତି। ଶ୍ରେଣୀ ଗୃହ ସମସ୍ୟାରୁ ଏହିପରି ଶିକ୍ଷାଦାନ ଚାଲୁଛି। ଯାହାକି ପିଲାଙ୍କ ଗୁଣାତ୍ମକ ଶିକ୍ଷାଲାଭ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ଏହିପରି ସ୍ଥଳେ ବର୍ଷବର୍ଷ ଧରି ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାର ସମାଧାନ କରାଯାଉନଥିବାରୁ ଏହା ପିଲାଙ୍କ ଜିବନ ପ୍ରତି ବିପଦ ସୃଷ୍ଟି କରୁଛି।






## ବିହାର ଭୋଟର ତାଲିକାରୁ ବାଦ୍ ହେବେ ୩୫.୫ ଲକ୍ଷ

ପାଟନା, ୧୪।୭ (ଏଜେନ୍ସି): ବିହାର ବିଧାନସଭା ପୂର୍ବରୁ ନିର୍ବାଚନ କମିଶନ (ଇସି) ରାଜ୍ୟରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା (ଏସ୍ଆଇଆର) ଜାରି ରଖିଛନ୍ତି। ଏହା ଦ୍ୱାରା ତାଲିକାର ୩୫ ଲକ୍ଷ ଲୋକଙ୍କ ନାମ କଟିପାରେ ବୋଲି ବିରୋଧୀ ଦଳମାନେ ଆକଳନ କରିଛନ୍ତି। ଏହା ମଧ୍ୟରେ ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଏ ପର୍ଯ୍ୟନ୍ତ ୬.୬ କୋଟି ଭୋଟର ନିଜର ଫର୍ମ ଦାଖଲ କରିସାରିଲେଣି। ଏହା ଭୋଟର ସଂଖ୍ୟାର ୮୮.୧୮ ପ୍ରତିଶତ। ୨୫ ତାରିଖ ସୁଦ୍ଧା ଏହି ଫର୍ମ ଦାଖଲ କରିବାକୁ ପଡ଼ିବ। ଏବେ ସୁଦ୍ଧା ୧.୫୯ ପ୍ରତିଶତ ତଥା ୧୨.୫ ଲକ୍ଷ ଭୋଟର ପ୍ରାଣ ହରାଇଲେଣି ବୋଲି ଜଣାପଡ଼ିଛି। ୨.୨ ପ୍ରତିଶତ ତଥା ୧୭.୫ ଲକ୍ଷ ବିହାର ବାହାରକୁ ପଳାଇଛନ୍ତି। ଆଉ ୦.୭୩ ପ୍ରତିଶତ ତଥା ୫.୫ ଲକ୍ଷ ଦୁଇ ଥର ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଏହି ତଥ୍ୟରୁ ଜଣାପଡୁଛି ଯେ ପ୍ରାୟ ୩୫.୫ ଲକ୍ଷଙ୍କୁ ବିହାର ଭୋଟର ତାଲିକାରୁ ବାଦ୍ ଦିଆଯିବ। ଏହା ମୋଟ ଭୋଟର ତାଲିକାର ୪.୫ ପ୍ରତିଶତ।

## କାନାଡ଼ାରେ ରଥଯାତ୍ରା ସମୟରେ ଅଣ୍ଡା ମାଡ଼କୁ ନିନ୍ଦାକଲା ଭାରତ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): କାନାଡ଼ାର ଟରୋଣ୍ଟରେ ବାର୍ଷିକ ରଥଯାତ୍ରା ସମୟରେ ଖଲିସ୍ତାନୀ ଆକ୍ରମଣ କରିଛନ୍ତି। ଏହି ଯାତ୍ରାରେ ସାମିଲ ଶ୍ରଦ୍ଧାଳୁଙ୍କ ଉପରେ ଖଲିସ୍ତାନୀ ଆତଙ୍କବାଦୀ ଅଣ୍ଡା ମାଡ଼ କରିଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ମାମଲା ବିଚଳିତ କରିଦେଉଛି। ସାରା ବିଶ୍ୱରେ ଥିବା ଜଗନ୍ନାଥଙ୍କ ଭକ୍ତଙ୍କ ଭାବନାକୁ ଗଭୀର ଆଘାତ ଦେଇଛି। ଓଡ଼ିଶାର ସଂସ୍କୃତି ଏବଂ ଭାବାବେଗ ସହ ଜଡ଼ିତ ରଥଯାତ୍ରା ସମୟରେ ଏଭଳି ଆକ୍ରମଣ ଓଡ଼ିଶାବାସୀଙ୍କୁ ଗଭୀର ଯନ୍ତ୍ରଣା ଦେଇଛି ବୋଲି ସେ କହିଛନ୍ତି। ଏହି ଆକ୍ରମଣକୁ ନେଇ କାନାଡ଼ା କର୍ତ୍ତୃପକ୍ଷଙ୍କ ନିକଟରେ ତୀବ୍ର ବିରୋଧ କରିବାକୁ ସେ ବିଦେଶ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି। ଏହା ପରେ ଭାରତ ସରକାରଙ୍କ ପକ୍ଷରୁ ଏହି ଆକ୍ରମଣକୁ ନିନ୍ଦା କରାଯାଇଛି। ସମାବେଶୀ, ଏକତା ଏବଂ ସାମାଜିକ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଉଥିବା ରଥଯାତ୍ରାରେ ଏଭଳି ଘୃଣ୍ୟ କାର୍ଯ୍ୟ କରିବା ଦୁଃଖଦ ବୋଲି କୁହାଯାଇଛି। କାନାଡ଼ା କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଯାଇଛି। ଧାର୍ମିକ ସ୍ୱାଧୀନତା ବଜାୟ ରଖିବା ପାଇଁ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି ବୋଲି ବିଦେଶ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

## ହରିୟାଣା, ଗୋଆରେ ନୂଆ ରାଜ୍ୟପାଳ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ହରିୟାଣା ଓ ଗୋଆରେ ନୂଆ ରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଏ ନେଇ ଘୋଷଣା କରିଛନ୍ତି। ସେହିପରି କେନ୍ଦ୍ର ଶାସିତ ଅଞ୍ଚଳ ଲାଦାଖରେ ଜଣେ ନୂଆ ଉପ-ରାଜ୍ୟପାଳ (ଏଲ୍‌ଜି)ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ରାଷ୍ଟ୍ରପତି ଭବନ ତରଫରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଫେସର ଅଶିମ କୁମାର ଘୋଷ ହରିୟାଣା, ପୁସାପତି ଅଶୋକ ଗଜପତି ରାଜୁ ଗୋଆ ରାଜ୍ୟପାଳ ଭାବେ ଦାୟିତ୍ୱ ନେବେ। ଜମ୍ମୁ- କଶ୍ମୀର ପୂର୍ବତନ ଉପ- ମୁଖ୍ୟମନ୍ତ୍ରୀ କବିନ୍ଦର ଗୁପ୍ତା ଲଦାଖର ଏଲ୍‌ଜି ନିଯୁକ୍ତି ପାଇଛନ୍ତି।

## ୟୁନୁସଙ୍କ ଆମ୍ବ କୂଟନୀତି
### ପ୍ରଧାନମନ୍ତ୍ରୀଙ୍କୁ ହଜାର କିଲୋ ଆମ୍ବ ପଠାଇଲେ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟକୁ ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ ୧୦୦୦ କିଲୋ ହରିଭଙ୍ଗା ଆମ୍ବ ପଠାଇଛନ୍ତି। ଏହି ଆମ୍ବ ମୋଦୀଙ୍କ ସମେତ ଅନ୍ୟ ନେତା, ଅଧିକାରୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯିବ। ଭାରତ ସହ ଦ୍ୱିପାକ୍ଷିକ ଓ କୂଟନୈତିକ ସମ୍ପର୍କରେ ଉନ୍ନତି ଆଣିବା ପାଇଁ ବାଂଲାଦେଶ ଏହି ଆମ୍ବ କୂଟନୀତିର ସାହାରା ନେବାର ପରମ୍ପରା ରହିଆସିଛି। ବାଂଲାଦେଶ କେବଳ କେନ୍ଦ୍ର ସରକାର ନୁହେଁ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହାଙ୍କୁ ମଧ୍ୟ ହରିଭଙ୍ଗା ଆମ୍ବ ପଠାଇଛନ୍ତି। ଏହି ଆମ୍ବଗୁଡ଼ିକୁ ୬୦ ଡବାରେ ଭର୍ତ୍ତି କରାଯାଇ ଗୁରୁବାର ସନ୍ଧ୍ୟା ୫:୧୫ରେ ଅଖୁରା ଲ୍ୟାଣ୍ଡ ପୋର୍ଟ ଜରିଆରେ ଭାରତ ପଠାଯାଇଛି।

## ସ୍ୱାମୀଙ୍କୁ ମାରି ପୋତିଦେଲା ସ୍ତ୍ରୀ

ଗୌହାଟୀ, ୧୪।୭ (ଏଜେନ୍ସି): ସ୍ୱାମୀଙ୍କୁ ହତ୍ୟା କରିବା ଅଭିଯୋଗରେ ଆସାମର ଗୌହାଟୀର ଜଣମାତି ନଗରୀରେ ରାହିମା ଖାତୁନ (୩୮)ଙ୍କୁ ପୁଲିସ ଗିରଫ କରିଛି। ସ୍ୱାମୀ ସବିଆଲ ରେହମାନ (୪୦)ଙ୍କୁ ହତ୍ୟା ପରେ ଘର ଅଗଣାରେ ୫ ଫୁଟ୍‌ର ଗାତ କରି ପୋତି ଦେଇଥିଲେ। ଅପରାଧକୁ ଲୁଚାଇବା ପାଇଁ ସ୍ୱାମୀ କେରଳକୁ କାମ କରିବାକୁ ଯାଇଛନ୍ତି ବୋଲି ପଡ଼ୋଶୀ ତଥା ସମ୍ପର୍କୀୟଙ୍କୁ କହିଥିଲେ। ସନ୍ଦେହ ହେବା ପରେ ସବିଆଲଙ୍କ ଭାଇ ଗତ ୧୨ ତାରିଖରେ ପୁଲିସରେ ଅଭିଯୋଗ କରିଥିଲେ। କିନ୍ତୁ ଏହା ପରେ ଦିନ ରାହିମା ଥାନରେ ଆତ୍ମସମର୍ପଣ କରି ଅପରାଧ ସ୍ୱୀକାର କରିଥିଲେ। ଜୁନ୍ ୨୬ରେ ଦୁହେଁ ମଧ୍ୟରେ ଝଗଡ଼ା କରିବା ସହ ହାତାହାତି ହୋଇଥିଲେ। ଏଥିରେ ମୃତ୍ୟୁବରଣ କରିଥିଲେ। ଭୟରେ ମୃତଦେହକୁ ପୋତି ଦେଇଥିଲା ବୋଲି ରାହିମା କହିଥିଲା।

## ପତ୍ନୀଙ୍କ କଲ୍ ରେକର୍ଡିଂକୁ ପ୍ରମାଣ ଧରାଯିବ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ପତ୍ନୀଙ୍କ ଅଗୋଚରରେ ରେକର୍ଡିଂ କରାଯାଇଥିବା କଲ୍‌କୁ ବୈବାହିକ ବିବାଦରେ ପ୍ରମାଣ ଭାବେ ବ୍ୟବହାର କରାଯାଇପାରେ। ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟଙ୍କ ରାୟକୁ ଖାରଜ କରି ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଭଳି କରିବା ପତ୍ନୀଙ୍କ ଗୋପନୀୟତା ଅଧିକାରର ଉଲ୍ଲଙ୍ଘନ ବୋଲି ହାଇକୋର୍ଟ କହିଥିଲେ ଏବଂ କଲ୍ ରେକର୍ଡିଂକୁ ପ୍ରମାଣ ଭାବେ ଧରି ନ ଥିଲେ। ତେବେ ସୁପ୍ରିମକୋର୍ଟ କହିଛନ୍ତି ଯେ ବୈବାହିକ ଜୀବନରେ ଗୋପନୀୟତା ଅଧିକାର ପୂର୍ଣ୍ଣ ହୋଇପାରିବ ନାହିଁ। ଭାରତୀୟ ପ୍ରମାଣ ନିୟମର ଧାରା ୧୨୨ ଅନୁଯାୟୀ ପତିପତ୍ନୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ କୋର୍ଟରେ ଉଜାଗର କରିହେବନି। କିନ୍ତୁ ଏହାକୁ ଛାଡ଼ପତ୍ର ଭଳି ମାମଲାରେ ଅପବାଦ ଧରାଯିବ। ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ସତୀଶ ଚନ୍ଦ୍ର ମିଶ୍ରାଙ୍କ ଖଣ୍ଡପୀଠ କହିଥିଲେ ଯେ ଏହି ମାମଲାରେ ଗୋପନୀୟତା ଅଧିକାରର ଉଲ୍ଲଙ୍ଘନ ହୋଇନାହିଁ।

# ସରକାରଙ୍କ ଉପରେ କେସ୍ କରୁଥିବା ଲୋକଙ୍କ ଆବଶ୍ୟକତା ରହିଛି: ଗଡ଼କରୀ



ନାଗପୁର, ୧୪।୭ (ଏଜେନ୍ସି): ସରକାରଙ୍କ ବିରୋଧରେ କେସ୍ ଦାଖଲ କରିବା ଜରୁରୀ। ସମାଜରେ ଏଭଳି ମାମଲା କରୁଥିବା ଲୋକଙ୍କ ଆବଶ୍ୟକତା ରହିଛି। ନେତାଙ୍କ ଉପରେ ଏବଂ ବ୍ୟବସ୍ଥାରେ ଅନୁଶାସନ ଆଣିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବା ଜରୁରୀ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି। ରବିବାର ନାଗପୁରରେ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ସେ ଏହି ଟିପ୍ପଣୀ ଦେଇଥିଲେ। ଗଡ଼କରୀ କହିଥିଲେ ଯେ ଅନେକ ସମୟରେ ସରକାର କରାଇ ପାରୁ ନ ଥିବା କାମକୁ କୋର୍ଟ ନିର୍ଦ୍ଦେଶ ଦେଇ କରି ଦିଅନ୍ତି। ସେଥିପାଇଁ ସମାଜର କିଛି ଲୋକ ସରକାର ବିରୋଧରେ କୋର୍ଟରେ ଆବେଦନ ଦାଏର କରିବା ଉଚିତ। ଏହା ଦ୍ୱାରା ନେତା ଏବଂ ବ୍ୟବସ୍ଥାରେ ଅନୁଶାସନ ଆସିଥାଏ। କେନ୍ଦ୍ରମନ୍ତ୍ରୀ ଏହାର କାରଣ ମଧ୍ୟ ଦର୍ଶାଇଛନ୍ତି। ଜନତାଙ୍କୁ ଆକୃଷ୍ଟ କରିବାର ରାଜନୀତି ନେତା-ମନ୍ତ୍ରୀଙ୍କ ରାସ୍ତାରେ ବାଧା ସୃଷ୍ଟି କରୁଛି। ସେଥିପାଇଁ ସେମାନେ ଜନତାଙ୍କ କଲ୍ୟାଣ ପାଇଁ ପଦକ୍ଷେପ ନେଇପାରନ୍ତି

### ନେତା-ବ୍ୟବସ୍ଥାରେ ଅନୁଶାସନ ଲାଗି କୋର୍ଟଙ୍କ ଦ୍ୱାରସ୍ଥ ହେବା ଜରୁରୀ

ନାହିଁ। ଏ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ଦାଖଲ କରାଯାଇଥିବା ଅନେକ ମାମଲାର ଉଦାହରଣ ଦେଇଛନ୍ତି।

ଗଡ଼କରୀ ନାଗପୁରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଶଳ ସଂଗଠକ ଭାବେ ସମ୍ମାନିତ ଲୋକଙ୍କୁ ପ୍ରଶଂସା କରିଥିଲେ। କହିଥିଲେ ଯେ ଏହି ଲୋକମାନେ ସରକାରଙ୍କ ବିରୋଧରେ ଆଇନଗତ ଲଢ଼େଇ ଲଢ଼ିଥିଲେ। ସମାଜରେ ଏଭଳି ସଚେତନ ଏବଂ ଲଢ଼େଇ କରୁଥିବା ବ୍ୟକ୍ତି ରହିବା ଜରୁରୀ। ଏମାନେ ବ୍ୟବସ୍ଥାରେ ଥିବା ସମସ୍ୟା ତଥା ଦୁର୍ବଳତାକୁ ଉଜାଗର କରି ଜନତାଙ୍କ କଲ୍ୟାଣ ନିମନ୍ତେ ପଦକ୍ଷେପ ନେଇଥାନ୍ତି। ଏହି ଲୋକମାନେ କେବଳ ବିରୋଧ କରୁନାହାନ୍ତି, ବରଂ ଜନମଙ୍ଗଳ କାର୍ଯ୍ୟ ମଧ୍ୟ କରୁଛନ୍ତି। କୋର୍ଟଙ୍କ ମାଧ୍ୟମରେ ସରକାରଙ୍କୁ ଉତ୍ତରଦାୟୀ କରୁଛନ୍ତି। ଗଣତନ୍ତ୍ରରେ ସଚେତନ ନାଗରିକଙ୍କ କ'ଣ ଭୂମିକା ରହିଛି ତାହା ସାବ୍ୟସ୍ତ କରିଛନ୍ତି। ଅନେକ ସମୟରେ ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହେବା ପରେ ସରକାର ନିଜ ନିଷ୍ପତ୍ତିରୁ ଓହରି ଯାଇଥାନ୍ତି ବୋଲି ଗଡ଼କରୀ ପ୍ରକାଶ କରିଥିଲେ।

# ମାସକୁ ହଜାରେ କୋଟି ହରାଉଛନ୍ତି ଭାରତୀୟ



ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଦେଶରେ ସାଇବର ଠକେଇ ମାମଲା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହା ଦିନକୁ ଦିନ ମୁଣ୍ଡବିନ୍ଧା ପାଲଟି ଗଲାଣି। ଶିକ୍ଷିତଙ୍କଠାରୁ ନେଇ ଅପାଠୁଆଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଠକେଇର ଶିକାର ହୋଇ ଜୀବନ ଯାକର ସଞ୍ଚିତ ଅର୍ଥ ହରାଉଛନ୍ତି। କିଛି ଲୋକ ଜୀବନ ମଧ୍ୟ ହରାଇଛନ୍ତି। ଏଭଳି ସମୟରେ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ସାଇବର ଠକେଇ ଯୋଗୁଁ ଭାରତୀୟ ମାସକୁ ହଜାରେ କୋଟି ଟଙ୍କା ହରାଉଛନ୍ତି। ଚଳିତ ବର୍ଷର ପ୍ରଥମ ପାଞ୍ଚ ମାସରେ ସାଇବର ଠକମାନେ ଭାରତୀୟଙ୍କଠାରୁ ପ୍ରାୟ ୭ ହଜାର କୋଟି ଟଙ୍କା ଲୁଟି ନେଇଛନ୍ତି। ତେବେ ଚିନ୍ତାର ବିଷୟ ଏହି କି ଯେ ଅଧିକାଂଶ ସାଇବର ଠକ ବିଦେଶରୁ ଏହି ଗୋଲକ ଧନ୍ଦା ଚଳାଉଛନ୍ତି। ଦକ୍ଷିଣପୂର୍ବ ଏସିଆ ଏହି ସାଇବର ଠକଙ୍କ ଆଡ୍ଡା ପାଲଟି ଯାଇଛି। ଚଳିତ ବର୍ଷ ଜାନୁଆରୀରୁ ମେ' ମାସ ମଧ୍ୟରେ ମ୍ୟାଁମାର, କାମ୍ବୋଡିଆ, ଭିଏତନାମ, ଲାଓସ ଏବଂ ଥାଇଲାଣ୍ଡରେ ରହି ଅନ୍‌ଲାଇନ ସ୍କାମ୍ ମାଧ୍ୟମରେ ଏହି ୭ ହଜାର କୋଟି ଟଙ୍କା ଲୁଟି ନେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅଧୀନରେ ଥିବା ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର (୧୪ସି)ର ସୂଚନା ଅନୁଯାୟୀ ଉଚ୍ଚ ସୁରକ୍ଷା ବିଶିଷ୍ଟ ସ୍ଥାନରେ ରହି ଭାରତୀୟଙ୍କୁ ଲୁଟା ଯାଉଛି। ଚୀନ୍ ନେତୃତ୍ୱରେ ଏହି ଲୁଟ୍‌ର ଖେଳ ଚାଲିଛି। ଚାଇନିଜ୍ ଅପରେଟରମାନେ ଭଲ ଚାକିରିର ପ୍ରଲୋଭନ ଦେଖାଇ ଭାରତୀୟଙ୍କ ସମେତ ଅନ୍ୟ ଦେଶର ଲୋକମାନଙ୍କୁ ବିଦେଶ ଡାକି ନେଉଛନ୍ତି। ସେଠାରେ ପହଞ୍ଚିବା ପରେ ମାନବ ଚାଲାଣ କରି ଜୋର ଜବରଦସ୍ତି ଏହି ଠକେଇରେ ଲଗାଉଛନ୍ତି।

### ଦକ୍ଷିଣ ପୂର୍ବର ଏସିଆରୁ ଚାଲିଛି ଲୁଟ୍‌ର ଖେଳ

### ଚୀନ୍ ନେତୃତ୍ୱରେ ହେଉଛି ଭାରତୀୟଙ୍କୁ ଲୁଟ୍

ଚଳିତ ବର୍ଷର ସାଇବର ଠକେଇରୁ ଜଣାପଡ଼ିଛି ଯେ ସେମାନେ ଭାରତୀୟ ଅର୍ଥନୀତିକୁ ନିଶାଣ କରୁଛନ୍ତି। ଏଭଳି ଅପରାଧ ଯୋଗୁ ଭାରତ ମାସକୁ ହଜାରେ କୋଟି ଟଙ୍କା ହରାଉଛି। ସିଏଫସିଏଫଆରଏମଏସର ରିପୋର୍ଟ ଅନୁଯାୟୀ ଦକ୍ଷିଣ ପୂର୍ବରୁ ଏସିଆରେ ରହି ଭାରତୀୟଙ୍କୁ ଠକୁଥିବା ଏହି ଅପରାଧୀ ଜାନୁଆରୀରେ ୧୧୯୨ କୋଟି, ଫେବୃଆରୀରେ ୯୫୧ କୋଟି, ମାର୍ଚ୍ଚରେ ହଜାରେ କୋଟି, ଏପ୍ରିଲରେ ୭୩୧ କୋଟି ଏବଂ ମେ'ରେ ୯୯୯ କୋଟି ଟଙ୍କା ଲୁଟି ନେଇଥିଲେ। ଏହି ଠକେଇ ଉପରେ ନିୟନ୍ତ୍ରଣ ଲାଗି ଭାରତୀୟ ଅଧିକାରୀଙ୍କ ସହ କାମ୍ବୋଡିଆ ଅଧିକାରୀ ବୈଠକ କରିଥିଲେ। ଏଥିରେ କେନ୍ଦ୍ରୀୟ ଏଜେନ୍ସିଙ୍କ ପ୍ରତିନିଧି ମଧ୍ୟ ସାମିଲ ହୋଇଥିଲେ। ଏହି ର୍‍ୟାକେଟ ପରିଚାଳିତ ହେଉଥିବା ସ୍ଥାନର ଭୌଗଳିକ ସ୍ଥିତି ବିଷୟରେ ସୂଚନା ଦେବା ପାଇଁ ଭାରତୀୟ ଅଧିକାରୀ ଅନୁରୋଧ କରିଥିଲେ।

ଅଧିକାରୀଙ୍କ ସୂଚନା ଅନୁଯାୟୀ ଗୁଇନ୍ଦା ଏଜେନ୍ସି ଏବଂ ଉଦ୍ଧାର ଲୋକଙ୍କ ମନ୍ତବ୍ୟ ଆଧାରରେ ଜାଣିବାକୁ ମିଳିଥିଲା ଯେ କାମ୍ବୋଡିଆରୁ ୪୫ଟି, ଲାଓସରୁ ୫ଟି ଏବଂ ମ୍ୟାଁମାରରୁ ଏଭଳି ଠକେଇର ଗୋଟିଏ ଠିକଣା ଚିହ୍ନଟ କରାଯାଇଥିଲା। ଏହି ଠକେଇରେ ଭାରତୀୟଙ୍କ ବ୍ୟତୀତ ଆଫ୍ରିକା, ପୂର୍ବ ଏସିଆ, ଦକ୍ଷିଣ ପୂର୍ବ ଏସିଆ, ଦକ୍ଷିଣ ଏସିଆ, ମଧ୍ୟ ଅସିଆ, ପଶ୍ଚିମ ଏସିଆ, ୟୁରୋପ/ ଉତ୍ତର ଏବଂ ଦକ୍ଷିଣ ଆମେରିକାର ଲୋକେ ମଧ୍ୟ ଏହି ପରିସରରେ ଥିଲେ ବୋଲି ଜଣାପଡ଼ିଛି। ଚୀନ୍ ଅପରେଟରଙ୍କ ନେତୃତ୍ୱରେ ଚାଲିଥିବା ଏହି ର୍‍ୟାକେଟରେ ଷ୍ଟକ ଟ୍ରେଡିଂ ତଥା ନିବେଶ, ଡିଜିଟାଲ ଆରେଷ୍ଟ ଏବଂ ନିବେଶ ସ୍କାମ ଦ୍ୱାରା ଲୋକଙ୍କୁ ଠକା ଯାଉଥିଲା। ଏଥିପାଇଁ ଏଜେଣ୍ଟମାନଙ୍କ ଦ୍ୱାରା ଭାରତରୁ ନିଯୁକ୍ତି କରାଯାଉଥିଲା। ଏଥିରେ ସାମିଲ ମହାରାଷ୍ଟ୍ରର ୫୯ ଜଣ, ତାମିଲନାଡୁର ୫୧ ଜଣ, ଉତ୍ତର ପ୍ରଦେଶରୁ ୪୧, ଦିଲ୍ଲୀରୁ ୩୮, ଜମ୍ମୁ-କଶ୍ମୀରରୁ ୪୬ ଜଣ ଏଜେଣ୍ଟଙ୍କୁ ଟ୍ରାକ୍ କରାଯାଇଛି।

## ଏସ୍‌ସିଓ ସମ୍ମିଳନୀରେ ଚୀନ୍ ଉପ-ରାଷ୍ଟ୍ରପତିଙ୍କୁ ଭେଟିଲେ ଜୟଶଙ୍କର

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସାଂଘାଇ କୋପରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ରାଜଧାନୀ ବେଜିଂ ଯାତ୍ରା କରିଛନ୍ତି। ବିଭିନ୍ନ ଦେଶର ବୈଦେଶିକ ମନ୍ତ୍ରୀମାନଙ୍କ ଏହି ସମ୍ମଳନୀ ଆୟୋଜିତ ହେଉଛି। ଏହି ଅବସରରେ ସେ ଚୀନ୍ ଉପ-ରାଷ୍ଟ୍ରପତି ହାନ ଝେଙ୍ଗଙ୍କୁ ଭେଟିଛନ୍ତି। ଭାରତ ଓ ଚୀନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ବିଷୟରେ ସେ ତାଙ୍କ ସହ ଆଲୋଚନା କରିଥିଲେ। ଭାରତ ଓ ଚୀନ୍ ମଧ୍ୟରେ ଖୋଲାଖୋଲି ଭାବେ କଥାବାର୍ତ୍ତା ହେବା ଉଚିତ ବୋଲି ସେ ଝେଙ୍ଗଙ୍କୁ କହିଥିଲେ। ପୁଣି ଥରେ କୈଳାଶ ମାନସରୋବର ଯାତ୍ରା ଆରମ୍ଭ ହେବାକୁ ଯାଉଥିବାରୁ



ଜୟଶଙ୍କର ଚୀନର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଦୀର୍ଘ ୫ ବର୍ଷ ପରେ ଜୟଶଙ୍କର ଚୀନ୍ ଯାତ୍ରା କରିଛନ୍ତି। ସିଙ୍ଗାପୁର ଗସ୍ତ କରିବା ପରେ ସେ ବେଜିଂରେ ପହଞ୍ଚିଛନ୍ତି। ସେ ମଙ୍ଗଳବାର ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବେ। ଏଥିସହ ସେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସିଙ୍କୁ ଭେଟିବେ। ଏହାପୂର୍ବରୁ ଜୟଶଙ୍କର ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଜି୨୦ ବୈଠକରେ ୱାଙ୍ଗଙ୍କୁ ଭେଟିଥିଲେ ଓ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ଦୁହେଁ ସହମତି ପ୍ରକାଶ କରିଥିଲେ। ଉଲ୍ଲେଖଥାଉ କି, ୨୦୨୦ରେ ଗଲୱାନ ଘାଟୀରେ ଭାରତ ଓ ଚୀନ୍ ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା ଓ ଏଥିରେ ଦୁଇ ଦେଶର ସୈନିକ ପ୍ରାଣ ହରାଇଥିଲେ। ସେବେଠାରୁ ଦୁଇଦେଶର ସମ୍ପର୍କରେ ତିକ୍ତତା ଆସିଥିଲା। ଏହାପରଠାରୁ ଭାରତର କୌଣସି ଆଗଧାଡ଼ିର ନେତା ଚୀନ ଗସ୍ତ କରି ନ ଥିଲେ।

# ସିଙ୍ଗଡ଼ା, ଜିଲାପିରେ ଲାଗିବ ଚେତାବନୀ ସଂକେତ



ନାଗପୁର, ୧୪।୭ (ଏଜେନ୍ସି): ଜଙ୍କ୍ ତଥା ଫାଷ୍ଟ ଫୁଡ୍ ନକରାତ୍ମକ ପ୍ରଭାବ ନେଇ ଲୋକଙ୍କୁ ସଚେତନ କରିବାକୁ ସରକାର କଡ଼ା ପଦକ୍ଷେପ ନେବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏବେ ସିଗାରେଟ୍ ଭଳି ସିଙ୍ଗଡ଼ା ଓ ଜିଲାପି ଭଳି ଲୋକପ୍ରିୟ ଖାଦ୍ୟ ପଦାର୍ଥ ୱାର୍ଣ୍ଣିଂ ତଥା ଚେତାବନୀ ସଂକେତ ସହ ବିକ୍ରି ହେବ। ତମାଖୁ ଭଳି ଜଙ୍କ ଫୁଡ ଉପରେ ପ୍ରଥମଥର ପାଇଁ ଚେତାବନୀ ସଂକେତ ଲେଖାଯିବାର ବ୍ୟବସ୍ଥା କରାଯାଉଛି। ଏବେ ଛୋଟ ପିଲାଙ୍କ ମଧ୍ୟରେ ମୋଟାପଣ ଓ ସହରର ଯୁବକଙ୍କ ଆବଶ୍ୟକତାଠାରୁ ଅଧିକ ଓଜନକୁ ନେଇ ଚିନ୍ତା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହି ଖାଦ୍ୟ ପଦାର୍ଥଗୁଡ଼ିକ ଉପରେ ୱାର୍ଣ୍ଣିଂ ସାଇନ ଲଗାଇବାକୁ ଯୋଜନା କରୁଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏମ୍ସ ସମେତ ଏକାଧିକ କେନ୍ଦ୍ରୀୟ ସଂସ୍ଥାକୁ ଏଭଳି ସାଇନ୍ ତଥା ପୋଷ୍ଟ ଲଗାଇବାକୁ ଆଦେଶ ଦେଇଛି। 'ପ୍ରତିଦିନ ଜଳଖିଆ ସମୟରେ କେତେ ଚର୍ବି ଓ ମିଠା ଶରୀରକୁ ନେଉଛନ୍ତି' ତାହା ଖାଦ୍ୟର ପ୍ୟାକେଟ୍‌ରେ ଲେଖାଯିବ। ଏହା ଦ୍ୱାରା ଲୋକଙ୍କୁ ମିଠା ଓ ତେଲର ହାନିକାରକ ପ୍ରଭାବ ବିଷୟରେ ସଚେତନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସିଙ୍ଗଡ଼ା, ଜିଲାପି ସହ ଏହି ତାଲିକାରେ ଲଡ୍ଡୁ, ବଡ଼ାପାଓ, ପକୁଡ଼ି ଓ ଅନ୍ୟ ତୈଳ ଓ ମିଠା ଯୁକ୍ତ ଖାଦ୍ୟ ପଦାର୍ଥକୁ ସାମିଲ କରାଯିବ। ଖୁବଶୀଘ୍ର ଜଳଖିଆ ଦୋକାନ, କାଫେ ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ ଏହି ଚେତାବନୀ ସଂକେତ ଲଗାଯିବାକୁ ଯୋଜନା କରାଯାଉଛି। ଏକ ରିପୋର୍ଟ ମୁତାବକ ୨୦୫୦ ସୁଦ୍ଧା ୪୪.୯ କୋଟି ଭାରତୀୟ ମେଦବହୁଳତାର ଶିକାର ହେବେ ବୋଲି ଅନୁମାନ କରାଯାଉଛି। ଏହି ଦୃଷ୍ଟିକୋଣରୁ ଭାରତ ଏବେ ଆମେରିକାର ପଛକୁ ରହିବ ବୋଲି ଆଶଙ୍କା। ତେବେ ଏଭଳି ଖାଦ୍ୟକୁ ନିଷିଦ୍ଧ କରାଯିବ ନାହିଁ। କିନ୍ତୁ ଅନାବଶ୍ୟକ ମିଠା ଓ ତେଲ ଶରୀରକୁ ନେବା ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟରେ ଏହିଭଳି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଗୋଟିଏ ଗୋଲାପ ଜାମୁରେ ୫ ଚାମଚ ଚିନି ଥାଏ ଓ ଏହାକୁ ଲୋକେ ଜାଣିବା ଉଚିତ ବୋଲି ଡାଇବେଟୋଲୋଜିଷ୍ଟ ସୁନୀଲ ଗୁପ୍ତା କହିଛନ୍ତି। ତେଣୁ ଏହାକୁ ଖାଇବା ପୂର୍ବରୁ ଲୋକେ ଦୁଇଥର ଚିନ୍ତା କରିବେ। ମଧୁମେହ, ହୃଦ୍‌ରୋଗ, ହାଇପରଟେନସନ ଭଳି ଅଣସଂକ୍ରମଣ ରୋଗକୁ ରୋକିବା ଓ ଏ ନେଇ ସଚେତନତା ପାଇଁ ଏପରି କରିବାର ଆବଶ୍ୟକତା ରହିଛି ବୋଲି କୁହାଯାଉଛି।

## ବର୍ଷୀୟାନ ଅଭିନେତ୍ରୀ ବି ସରୋଜା ଦେବୀଙ୍କ ପରଲୋକ



ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ବର୍ଷୀୟାନ ଅଭିନେତ୍ର ବି ସରୋଜା ଦେବୀ ସୋମବାର ୮୭ ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ପ୍ରାଣ ହରାଇଛନ୍ତି। ସେ କନ୍ନଡ, ତାମିଲ, ତେଲଗୁ ଓ ହିନ୍ଦୀ ଭାଷାରେ ପାଖାପାଖି ୨୦୦ଟି ସିନେମାରେ ଅଭିନୟ କରିଛନ୍ତି। ମାତ୍ର ୧୭ ବର୍ଷରେ ୧୯୫୫ରେ ସେ କନ୍ନଡ ସିନେମା ମହାକବୀ କାଳିଦାସରେ ଅଭିନୟ କରି ସିନେ ଜଗତରେ ପଦାର୍ପଣ କରିଥିଲେ। ସେ ୧୯୫୮ରେ ତାମିଲ ସିନେମା ନାଡୋଡି ମନନରେ ନିଖୁଣ ଅଭିନୟ କରି ପ୍ରଶଂସକଙ୍କ ନିକଟରେ ପରିଚିତ ହୋଇଥିଲେ। ଏଥିରେ ତାଙ୍କ ସହ ସୁପରଷ୍ଟାର ଏମ୍‌ଜି ରାମଚନ୍ଦ୍ରନ ଅଭିନୟ କରିଥିଲେ। ସେ ଏଥିସହ ତାମିଲ ସିନେମାରେ ତାଙ୍କ ସଫଳ କ୍ୟାରିୟର ଆରମ୍ଭ କରିଥିଲେ। ସରୋଜା ଦେବୀ ଶିବାଜୀ ଗଣେଶନ, ଜେମିନି ଗଣେଶନ, ଏନ୍‌ଟି ରାମାରାଓ, ରାଜକୁମାର, ରାଜେନ୍ଦ୍ର କୁମାର ଓ ସମି କପୁରଙ୍କ ଭଳି ସୁପରଷ୍ଟାରଙ୍କ ଏକାଧିକ ବାର ବିଭିନ୍ନ ସିନେମାରେ ଅଭିନୟ କରି ସୁପରଷ୍ଟାର ମାନ୍ୟତା ହାସଲ କରିଥିଲେ। ତାଙ୍କୁ କନ୍ନଡ ସିନେମାର ପ୍ରଥମ ସୁପରଷ୍ଟାର ବୋଲି କୁହାଯାଇଥାଏ। ତାଙ୍କୁ ୧୯୬୯ରେ ପଦ୍ମଶ୍ରୀ ଓ ୧୯୯୨ରେ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା। ସେ ୧୯୩୮ ଜାନୁଆରୀ ୭ରେ ବେଙ୍ଗାଲୁରୁରେ ଜନ୍ମଗ୍ରହଣ କରିଥିଲେ। ସେ ପଇଗାମ, ସସୁରାଲ, ଅପେରା ହାଉସ୍, ହଂକଂ, ପରୀକ୍ଷା, ପ୍ୟାର କିଆ ତୋ ଡରନା କ୍ୟା, ବେଟି ବେଟେ, ଦୁଜ କା ଚାନ୍ଦ, ହରି ଦର୍ଶନ ଭଳି ହିନ୍ଦୀ ସିନେମାରେ ଅଭିନୟ କରିଥିଲେ। ସେ ତାଙ୍କର ଫ୍ୟାସନ ସେନ୍ସ, ଶାଢ଼ି, ଗହଣା, କେଶ ସଜ୍ଜା ପାଇଁ ୬୦ ଦଶକରେ ଲୋକପ୍ରିୟତା ହାସଲ କରିଥିଲେ।

## ଦିନକପରେ ୟେମେନରେ ଭାରତୀୟ ନର୍ସଙ୍କୁ ମୃତ୍ୟୁଦଣ୍ଡ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଆଉ ଦିନକ ପରେ ଅର୍ଥାତ ୧୬ ତାରିଖରେ ୟେମେନ୍‌ରେ ଭାରତୀୟ ନର୍ସ ନିମିଶା ପ୍ରିୟାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ। ତେବେ ତାଙ୍କୁ ବଞ୍ଚାଇବାର ଆଶା ଏକପ୍ରକାର ଶେଷ ହୋଇଛି। ସୁପ୍ରିମକୋର୍ଟରେ ହୋଇଥିବା ଶୁଣାଣିରେ ଏ ନେଇ କେନ୍ଦ୍ର ସରକାର ନିଜର ସଫେଇ ଦେଇଛନ୍ତି। ନିମିଶାଙ୍କୁ ବଞ୍ଚାଇବାକୁ ସବୁପ୍ରକାର ପ୍ରୟାସ କରାଯାଇଛି ବୋଲି କେନ୍ଦ୍ର ସରକାର ଶୁଣାଣିରେ କହିଛନ୍ତି। ବିଚାରପତି ବିକ୍ରମ ନାଥ ଓ ସନ୍ଦୀପ ମେହେଟାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ଶୁଣାଣି ହୋଇଥିଲା। ନିମିଶାଙ୍କୁ ବଞ୍ଚାଇବା ପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରାଯିବା ପରେ ଶୁଣାଣି ହୋଇଥିଲା। ତାଙ୍କୁ ବଞ୍ଚାଇବାକୁ ଭାରତ ସରକାର ସବୁ ପ୍ରକାର କୂଟନୈତିକ ଓ ମାନବୀୟ ପ୍ରୟାସ କରିଥିଲେ ମଧ୍ୟ କୌଣସି ଠୋସ୍ ସମାଧାନ ବାହାରିପାରି ନାହିଁ ବୋଲି କେନ୍ଦ୍ର ସରକାର କୋର୍ଟଙ୍କୁ କହିଛନ୍ତି। ଉଲ୍ଲେଖଥାଉ କି, ୟେମେନ୍‌ରେ ଏକ ହତ୍ୟା ମାମଲାରେ ନିମିଶା ଦୋଷୀ ସାବ୍ୟସ୍ତ ହେବା ପରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ୩୮ ବର୍ଷୀୟ ନିମିଶା କେରଳର ପଲାକାଡ ଜିଲ୍ଲାରୁ ଯାଇ ୟେମେନ୍‌ରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ୨୦୧୭ରେ ସେ ତଲାଲ ଅବଡୋ ମାହଦିଙ୍କୁ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସେ ୟେମେନ ଛାଡ଼ି ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ଗିରଫ୍ ହୋଇଥିଲେ ଓ ତାଙ୍କୁ ୨୦୧୮ରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା।

# ପ୍ରାଥମିକ ରିପୋର୍ଟ ଆସିଲା ପରେ ଚେତା ପଶିଲା

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) ଅହମଦାବାଦ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଜାରି କରିବା ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ସୋମବାର ବଡ଼ ନିର୍ଦ୍ଦେଶ ଦିଆଯାଇଛି। ଭାରତରେ ପଞ୍ଜୀକୃତ ସମସ୍ତ ବୋଇଂ ବିମାନର 'ଫୁଏଲ କଣ୍ଟ୍ରୋଲ ସ୍ୱିଚ୍' ଯାଞ୍ଚ କରିବା ପାଇଁ କୁହାଯାଇଛି। ୨୧ ତାରିଖ ସୁଦ୍ଧା ଏହି ଯାଞ୍ଚ ଶେଷ କରିବାକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଏହି ଯାଞ୍ଚର ରିପୋର୍ଟ ଦାଖଲ କରିବାକୁ ସବୁ ଏୟାରଲାଇନ ପରିଚାଳକଙ୍କୁ କୁହାଯାଇଛି। ଏଏଆଇବି ରିପୋର୍ଟରେ କୁହାଯାଇଥିଲା ଯେ ଉଡ଼ାଣ ପୂର୍ବରୁ ଇନ୍ଧନ ସ୍ୱିଚକୁ ବନ୍ଦ କରିଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ପୁଣିଥରେ ଚାଲୁ କରାଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ବୋଇଂ ଡ୍ରିମଲାଇନର ବିମାନକୁ ଇନ୍ଧନ ଯୋଗାଣ ବନ୍ଦ ହୋଇ ଯାଇଥିଲା। ଏଥିଯୋଗୁଁ ଦୁର୍ଘଟଣା ଘଟିଥିଲା। ଏବେ ଇତିହାଦ ସମେତ କିଛି ବିଦେଶୀ କମ୍ପାନୀ ନିଜ ଡ୍ରିମ୍‌ଲାଇନର ବିମାନର ଯାଞ୍ଚ ଆରମ୍ଭ କରି ଦେଇଛନ୍ତି।

### ବୋଇଂ ବିମାନର ଇନ୍ଧନ ସ୍ୱିଚ୍ ଯାଞ୍ଚ କରାଯିବ

ଏବେ ଭାରତର କେବଳ ଦୁଇଟି ଏୟାରଲାଇନ୍ସ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ବୋଇଂ ଡ୍ରିମଲାଇନର ବିମାନ ବ୍ୟବହାର କରୁଛନ୍ତି। ଇଣ୍ଡିଗୋ ପାଖରେ ୭୮୭-୮ ଏବଂ ୭୮୭-୯ ଭାରିଆଣ୍ଟର ପ୍ରାୟ ୩୦ଟି ବିମାନ



ରହିଛି। ସେହିପରି ଏୟାର ଇଣ୍ଡିଆ ୭୮୭-୯ର ଉଡ଼ାଣ ଏବେ ଏବେ ଆରମ୍ଭ କରିଛି। ସୂଚନା ଅନୁଯାୟୀ ଶନିବାର ପରଠାରୁ ଏୟାର ଇଣ୍ଡିଆ ପ୍ରାୟ ୫୦ ପ୍ରତିଶତ ଡ୍ରିମ୍‌ଲାଇନର ବିମାନର ଯାଞ୍ଚ ଶେଷ କରିଦେଇଛି। ଏହାର ଲକ୍ ସିଷ୍ଟମରେ କୌଣସି ତ୍ରୁଟି ନ ଥିବା କୁହାଯାଇଛି। ସେହିପରି ଏୟାର ଇଣ୍ଡିଆ ଏକ୍ସପ୍ରେସରେ ଥିବା ବୋଇଂ ୭୩୭ ମାକ୍ସ ଫ୍ଲିଟ୍‌ର ଅଧିକାଂଶ ବିମାନର ଯାଞ୍ଚ ହୋଇଥିବାବେଳେ କୌଣସି ତ୍ରୁଟି ସାମ୍ନାକୁ ଆସି ନାହିଁ।

ପୂର୍ବରୁ ଆମେରିକା ସରକାରୀ ଏଜେନ୍ସି ଏଫଏଏ ଏବଂ ବୋଇଂ ପକ୍ଷରୁ ରବିବାର କୁହାଯାଇଥିଲା ଯେ ଫୁଏଲ କଣ୍ଟ୍ରୋଲ ସ୍ୱିଚ୍‌ର ଡିଜାଇନ, ଲକିଂ ବୈଶିଷ୍ଟ୍ୟ, ବୋଇଂର ଅଲଗା ଅଲଗା ବିମାନରେ ସମାନ ରହିଛି। ଏହା ସତ୍ତ୍ୱେ କମ୍ପାନୀ ଏହାକୁ ବିପଦ ମାନି ନ ଥିଲା। ଏଥିପାଇଁ କୌଣସି ନିର୍ଦ୍ଦେଶ ଦେବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଥିଲା। ଅହମଦବାଦ ବିମାନ ଦୁର୍ଘଟଣାର ରିପୋର୍ଟ ଜାରି ହେବା ପରେ ଏଫଏଏ ଏବଂ ବୋଇଂ ପକ୍ଷରୁ ଏହି ବିବୃତ୍ତି ଜାରି କରାଯାଇଥିଲା। ଅନ୍ୟପକ୍ଷରେ ଏୟାର ଇଣ୍ଡିଆ ସିଇଓ ତଥା ଏମଡି କହିଛନ୍ତି ଯେ ଉଭୟ ପାଇଲଟ ଶ୍ୱାସ ବିଶ୍ଳେଷଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିଲା। ପ୍ରାଥମିକ ରିପୋର୍ଟରେ ସ୍ପଷ୍ଟ କରାଯାଇଛି ଯେ ବିମାନ ଏବଂ ଇଞ୍ଜିନରେ କୌଣସି ଯାନ୍ତ୍ରିକ କିମ୍ବା ରକ୍ଷଣାବେକ୍ଷଣ ସମ୍ବନ୍ଧିତ ତ୍ରୁଟି ନଥିଲା। ବିମାନର ସମସ୍ତ ଆବଶ୍ୟକୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟ ମଧ୍ୟରେ କରାଯାଇଥିଲା ବୋଲି ୱିଲସନ୍ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଦିନରେ

- ୧୯୧୬- ବିଶ୍ୱର ସବୁଠୁ ବଡ଼ ଏରୋସ୍ପେସ୍ କମ୍ପାନି 'ବୋଇଂ'ର ଆରମ୍ଭ।
- ୧୯୨୬- ମୁମ୍ବାଇରେ ପ୍ରଥମେ ମୋଟର୍ ବସ୍ ସେବା ଆରମ୍ଭ ହେଲା।
- ୧୯୬୨- ଆଲ୍‌ଜେରିଆ ଆରବ ଲିଗ୍‌ର ଅଂଶ ହେଲା।
- ୧୯୭୯- ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ନିଜ ପଦରୁ ଇସ୍ତଫା ଦେଲେ।
- ୨୦୧୨- ନେପାଳ ପାରସିରେ ବସ୍ ଦୁର୍ଘଟଣା ଯୋଗୁ ୪୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।




## ଋଣ ଶୁଝିବାରେ ସାହାଯ୍ୟ କଲା ଏଆଇ

ଏଆଇର ବ୍ୟବହାର ଏବେ ପାଠପଢ଼ାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ରିଟେଲ୍, ମାନ୍ୟୁଫ୍ୟାକଚରିଂ ଆଦି ବିଭିନ୍ନ କ୍ଷେତ୍ରକୁ ପ୍ରବେଶ କରି ସାରିଛି। ଏଆଇର ବ୍ୟବହାର ଯୋଗୁ ଲୋକେ ସୃଜନଶୀଳତା ହରାଉଥିବା ନେଇ ପ୍ରଶ୍ନ ମଧ୍ୟ ଉଠିଲାଣି। ହେଲେ ନିକଟରେ ଆମେରିକାର ଜଣେ ମହିଳାଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଋଣ ସୁଝିବାରେ ସାହାଯ୍ୟ କରିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ୩୫ ବର୍ଷୀୟା ଜେନିଫର ଯେଉଁଭଳି ଭାବେ ଏଆଇର ବ୍ୟବହାର କରିଛନ୍ତି, ତାହା ନିହାତି ପ୍ରଶଂସାଯୋଗ୍ୟ। ଜେନିଫରଙ୍କ ରୋଜଗାର ଠିକ୍ ଠାକ୍ ଥିଲା। ହେଲେ ଟଙ୍କାକୁ କିଭଳି ଖର୍ଚ୍ଚ କରିବା ଦରକାର, ସେ କଳା ତାଙ୍କୁ ଜଣା ନ ଥିଲା। ଅବଶ୍ୟ ଝିଅ ଜନ୍ମ ବେଳେ ତାଙ୍କ ଆର୍ଥିକ ପରିସ୍ଥିତି ଠିକ୍ ଥିଲା। ପରେ ଏହି ସ୍ଥିତି ବିଗିଡ଼ିବାରେ ଲାଗିଲା। ଘରର ଯାବତୀୟ ଖର୍ଚ୍ଚ ସହ ସ୍ୱାସ୍ଥ୍ୟ ସେବା ଲାଗି ସେ କ୍ରେଡିଟ୍ କାର୍ଡ ଉପଯୋଗ କଲେ। ତେବେ କ୍ରେଡିଟ୍ କାର୍ଡ ବ୍ୟବହାରରୁ ସେ ଋଣ ବୋଝରେ ବୁଡ଼ି ରହିଲେ। ଏପରିକି ଦିନକୁ ଦିନ ଋଣ ବଢ଼ି ଚାଲିଲା। ଏଥିରେ ନିୟନ୍ତ୍ରଣ ଆଣିବା ଲାଗି ସେ ଚାଟ୍‌ଜିପିଟିର ସାହାରା ନେଲେ। ଏହାପରେ ଜେନିଫରଙ୍କ ଜୀବନରେ ପରିବର୍ତ୍ତନ ଆସିଲା। ସେ ୩୦ ଦିନ ପର୍ଯ୍ୟନ୍ତ ଚାଟ୍‌ଜିପିଟିର ବ୍ୟବହାର କଲେ ଏବଂ ପ୍ରତିଦିନ ଖର୍ଚ୍ଚ ନିୟନ୍ତ୍ରଣ ପାଇଁ ଏହାର ପରାମର୍ଶ ନେଲେ। ଚାଟ୍‌ଜିପିଟିର ପରାମର୍ଶ କ୍ରମେ ସେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ସମସ୍ତ ଫାଇନାସ୍ ଆପ୍‌କୁ ଚେକ୍ କଲେ। ଏହା ମାଧ୍ୟମରେ ସେ ତାଙ୍କର ପୁରୁଣା କେତେକ ଆକାଉଣ୍ଟ ବାବଦରେ ଜାଣିଲେ। କେବଳ ସେତିକି ନୁହେଁ, ଅନେକ ସ୍ଥାନରେ ଥିବା ବଳକା ଟଙ୍କା ମଧ୍ୟ ପାଇଲେ। ଏହିପରି ଭାବେ ତାଙ୍କୁ ସାଢେ ଆଠ ଲକ୍ଷ ଟଙ୍କା ମିଳିଲା। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଯେଉଁ ଟଙ୍କା ବାବଦରେ ଜାଣି ନ ଥିଲେ, ସେହି ସବୁ ଟଙ୍କା ତାଙ୍କୁ ମିଳିଗଲା। ସେହିପରି ଜେନିଫରଙ୍କ ଅନେକ ଅଭ୍ୟାସ ଚାଟ୍‌ଜିପିଟି ସୁଧାରି ଥିବା ସେ ସ୍ୱୀକାର କରିଛନ୍ତି। ଏଇ ଯେମିତି ବାରମ୍ବାର ବାହାରୁ ଖାଦ୍ୟ ଅର୍ଡର କରି ଖାଉଥିଲେ, କିନ୍ତୁ ଚାଟ୍‌ଜିପିଟି ଯୋଗୁଁ ସେ ଘରେ ଖାଦ୍ୟ ତିଆରି କରିବା ଆରମ୍ଭ କଲେ। ଏହିପରି ଭାବେ ତାଙ୍କର ପ୍ରତି ମାସକୁ ୫୦ ହଜାର ଟଙ୍କା ସଞ୍ଚୟ ହେଲା। ତେବେ ଚାଟ୍‌ଜିପିଟିର ଏହି ଟାସ୍କକୁ ଜେନିଫର ଚ୍ୟାଲେଞ୍ଜ ଭାବେ ନେଇ ମାସକ ମଧ୍ୟରେ ଗୋଟିଏ କ୍ରେଡିଟ୍ କାର୍ଡର ଅଧା ବିଲ୍ ପେମେଣ୍ଟ କରିବାରେ ସଫଳ ହୋଇଛନ୍ତି। ଏହି ପ୍ରକାରେ ଚାଟ୍ ଜିପିଟି ସାହାରାରେ ଜେନିଫର ଏବେ ଋଣ ବୋଝରୁ କିଛି ମାତ୍ରାରେ ଆଶ୍ୱସ୍ତ ହୋଇଛନ୍ତି।

## ପୁଣି ପ୍ରେମରେ ଆଦିତ୍ୟ





ବଲିଉଡ୍ ଅଭିନେତା ଆଦିତ୍ୟ ରାୟ କପୁର ତାଙ୍କ ଫିଲ୍ମି କ୍ୟାରିୟର ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରହିଛନ୍ତି। ଅନନ୍ୟା ପାଣ୍ଡେଙ୍କ ସହ ବ୍ରେକ୍‌ଅପ୍ ହେବା ପରେ ପୁଣି ଥରେ ଆଦିତ୍ୟ ପ୍ରେମରେ ପଡ଼ିଥିବା କୁହାଯାଉଛି। ତେବେ ଇନ୍‌ଷ୍ଟାଗ୍ରାମ୍‌ରେ ଆଦିତ୍ୟ ଏକ ପୋଷ୍ଟ ସେୟାର୍ କରିବା ପରେ ଏହି କଥା ସାମ୍ନାକୁ ଆସିଛି। ସେ ସେୟାର୍ କରିଥିବା ଏକ ଫଟୋରେ ଧଳା ରଙ୍ଗର ନେଲପଲିସ୍ ଲଗାଇଥିବା ଜଣେ ମହିଳାଙ୍କ ହାତ ଦେଖାଯାଉଛି। ତେବେ ଫଟୋରେ ଦେଖାଯାଉଥିବା ହାତଟି ଗୋଆ ମଡେଲ ଜର୍ଜିନା ଡିସ୍‌ଲିଭାଙ୍କର ବୋଲି କିଛି ସୋସିଆଲ ମିଡିଆ ୟୁଜର୍ସ କହିଛନ୍ତି। ନିକଟରେ ଇନ୍‌ଷ୍ଟାଗ୍ରାମ୍‌ରେ ଆଦିତ୍ୟ ତାଙ୍କର କିଛି ନୂଆ ଫଟୋ ସେୟାର୍ କରିଥିଲେ। ଗୋଟିଏ ଘର ଫଟୋ ସହ ସେ ଦୁଇ ଜଣ ମହିଳାଙ୍କ ସହିତ ଫୁଟବଲ୍ ଖେଳୁଥିବାର ଏକ ଭିଡିଓ ସେୟାର୍ କରିଥିଲେ। ସେହିପରି ଅନ୍ୟ ଏକ ଫଟୋରେ ଜଣେ ମହିଳା ହାତରେ ସ୍ନାକ୍ସ ଧରିଥିବାର ଦେଖାଯାଇଛି। କିଛି ଜଣ ଏହା ମଡେଲ ଜର୍ଜିନା ଡିସ୍‌ଲିଭାଙ୍କ ହାତ ହୋଇଥିବାବେଳେ ଆଉ କିଛି ଜଣ ଏହା ସାରା ଅଲ୍ଲୀ ଖାନ୍‌ଙ୍କର ବୋଲି କହିଥିଲେ। କାରଣ ଏବେ ସାରା ଓ ଆଦିତ୍ୟଙ୍କର 'ମେଟ୍ରୋ ଇନ୍ ଦିନୋ' ଫିଲ୍ମ ରିଲିଜ୍ ହୋଇଛି। ତେବେ ନିକଟରେ ଜର୍ଜିନା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ସେୟାର୍ କରିଥିବା ଏକ ଫଟୋରେ ସେ ହାତରେ ଧଳା ନେଲପଲିସ୍ ଲଗାଇ ନଜର ଆସିଥିଲେ। ତେଣୁ ଏହା ଜର୍ଜିନାଙ୍କ ହାତ ବୋଲି କିଛି ଜଣ କହୁଛନ୍ତି। ଉଭୟ ଆଦିତ୍ୟ ଓ ଜର୍ଜିନା ପରସ୍ପରକୁ ଇନ୍‌ଷ୍ଟାଗ୍ରାମ୍‌ରେ ଫଲୋ କରିବା ସହ ପୋଷ୍ଟଗୁଡ଼ିକକୁ ଲାଇକ୍ କରନ୍ତି। ତେଣୁ ଆଦିତ୍ୟ ଜର୍ଜିନାଙ୍କ ପ୍ରେମରେ ପଡ଼ିଥିବା ସୋସିଆଲ ମିଡିଆ ୟୁଜର୍ସମାନେ କହୁଛନ୍ତି।

## ଶିଢ଼ିରେ ଆକ୍ୱାରିୟମ୍



ଘର ଯେଉଁଭଳି ସୁନ୍ଦର ଦିଶିବ, ସେଥିପାଇଁ ଲୋକେ ଏହାର ସାଜସଜ୍ଜା ଉପରେ ଗୁରୁତ୍ୱ ଦେଇଥାନ୍ତି। ଆଜିକାଲି ଅଧିକାଂଶ ଲୋକ ଘରର ଇଣ୍ଟେରିୟର ଉପରେ ବେଶି ପ୍ରାଧାନ୍ୟ ଦେଉଛନ୍ତି। ସେହିପରି କିଛି ଲୋକ ନିଜେ ନିଜେ ଘରକୁ ସଜାଇବାକୁ ଭଲ ପାଆନ୍ତି। ଏହି ପରିପ୍ରେକ୍ଷୀରେ ଗୋଟିଏ ଘରର ସାଜସଜ୍ଜା ନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରାଯାଇଛି। ଯାହାକି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ସାଧାରଣତଃ ଘର ଯେଉଁଭଳି ସୁନ୍ଦର ଦିଶିବ, ଅନେକ ଜଣ ଘରେ ଆକ୍ୱାରିୟମ୍ ରଖନ୍ତି। ହେଲେ ଏହା ଏମିତି ଏକ ଘର, ଯେଉଁଠି ଘରର ଶିଢ଼ିରେ ଆକ୍ୱାରିୟମ୍ ଦେଖିବାକୁ ମିଳିଛି। ଅର୍ଥାତ୍ ଘରର ସମସ୍ତ ଶିଢ଼ିକୁ ଆକ୍ୱାରିୟମ୍ ଭଳି ଡିଜାଇନ୍ କରାଯାଇଛି। ଏହାକୁ ଦେଖିଲେ ଶିଢ଼ି ନୁହେଁ, ବରଂ ଆକ୍ୱାରିୟମ୍ ଯେଉଁଭଳି ଥାକ ଥାକ ହୋଇ ଗୋଟିଏ ଉପରେ ଗୋଟିଏ ରହିଛି, ସେଭଳି ପ୍ରତୀୟମାନ ହେଉଛି। ଏଥିରେ ଚଢ଼ିଲେ କି ଓହ୍ଲାଇଲେ ଶିଢ଼ି ନୁହେଁ, ବରଂ ଆକ୍ୱାରିୟମ୍‌ରେ ଚଢ଼ି ଓହ୍ଲାଇବା ଭଳି ଲାଗିବ। ତେବେ ଏହାକୁ ଅନେକ ଲୋକ ପସନ୍ଦ କରିଥିବା ବେଳେ କିଛି ଏହାକୁ ଏଆଇର କମାଲ୍ ବୋଲି କହିଛନ୍ତି। ସେହିପରି ଏହା ଯଦି ବାସ୍ତବରେ ହୋଇଥିବ, ଏହି ଡିଜାଇନ୍‌ରେ ଅନେକ ଜଟିଳତାକୁ ସାମ୍ନା କରିଥିବା କୁହାଯାଉଛି। ଅନ୍ୟପଟେ ଏହା ଉପରେ ଲୋକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।




## ବୁମ୍ ସ୍ପ୍ରେୟର



ଦେଶର ବିକାଶରେ କୃଷିକାର୍ଯ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହେଲେ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନର ପ୍ରଭାବ କୃଷିକାର୍ଯ୍ୟକୁ ଅଧିକ ପ୍ରଭାବିତ କରୁଛି। ଯାହାଫଳରେ ଫସଲରେ ବିଭିନ୍ନ ରୋଗପୋକ ବୃଦ୍ଧି ପାଉଛି। ତେଣୁ ରୋଗପୋକ ନିୟନ୍ତ୍ରଣ ପାଇଁ ଚାଷୀ ବିଭିନ୍ନ ଉପାୟ ଆପଣାଉଥିଲେ ହେଁ, ଅଧିକାଂଶ କାନ୍ଧରେ ସିଞ୍ଚନ ଯନ୍ତ୍ର ବୋହି ବୋହି ଫସଲରେ କୀଟନାଶକ ସାର ସିଞ୍ଚନ କରନ୍ତି। ତେବେ ବିଷାକ୍ତ ଔଷଧ ସହ ସମ୍ପର୍କରେ ଆସିବା, ସମୟ ଓ ଖର୍ଚ୍ଚ ବଢ଼ିଯିବା ଆଦି ଚାଷୀଙ୍କ ପାଇଁ ଆହ୍ୱାନ ହୋଇଥାଏ। ଏ କ୍ଷେତ୍ରରେ ଚାଷୀଙ୍କୁ ଆଶ୍ୱସ୍ତି ଦେବାକୁ ନୂତନ କୌଶଳ ପ୍ରୟୋଗ କରାଯାଇ ବୁମ୍ ସ୍ପ୍ରେୟର ମେସିନ୍ ବିକଶିତ କରାଯାଇଛି। ତରଳ ଔଷଧ ସିଞ୍ଚନ ପାଇଁ ଏହା ଉପଯୋଗୀ। ଏହି ଉପକରଣର ଟାଙ୍କିରେ ଅଧିକ ଲିଟର ଔଷଧ ଭର୍ତ୍ତି କରାଯାଇପାରେ। ମେସିନ୍ ସମ୍ମୁଖରେ ସ୍ପ୍ରେ ନୋଜଲ ଲାଗିଛି। ଏଥିରେ ଚାଳକ ବସିବା ପାଇଁ ସିଟ୍ ରହିଥାଏ। ଟ୍ରାକ୍ଟର ବିନା ମେସିନ୍‌ଟି ୨୦ ମିନିଟ୍ ମଧ୍ୟରେ ଏକର ଜମିରେ ଔଷଧ ସିଞ୍ଚନ କରିପାରେ। ସମୟ, ପରିଶ୍ରମ ଏବଂ ମଜୁରି ଖର୍ଚ୍ଚ ହ୍ରାସ ପାଇଥାଏ। ଏହି ମେସିନ୍‌ର ହାରାହାରି ମୂଲ୍ୟ ୨ ଲକ୍ଷ ୨୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ବୁମ୍ ସ୍ପ୍ରେୟର ଦିନକରେ ୩୫ରୁ ୪୦ ଏକର ଜମିରେ ସିଞ୍ଚନ କରିପାରିଥାଏ। ଫଳରେ ଔଷଧ ସୂକ୍ଷ୍ମ କଣିକା ଫସଲ ମୂଳକୁ ସହଜରେ ପହଞ୍ଚି ଫସଲ ବୃଦ୍ଧିରେ ସାହାଯ୍ୟ ହୋଇଥାଏ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ ମୁଖ୍ୟ ଜମିରେ କାଦୁଅ କରିବା ଓ ତଳି ରୋପଣ ପାଇଁ ହିଡ ତିଆରି କରି ବର୍ଷା ପାଣିକୁ ବାନ୍ଧି ରଖନ୍ତୁ। ଧାନ ତଳିଘେରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ପନିପରିବା ତଳିଘେରାକୁ ଅଧିକ ବର୍ଷାରୁ ରକ୍ଷା କରିବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘେରା ଉପରେ ଛାମୁଣ୍ଡିଆ କରନ୍ତୁ।
- ଆଖୁ ଗଛ ୪ରୁ ୫ ମାସ ହୋଇଗଲେ ବିଳମ୍ବରେ ଆସିଥିବା ପିଲଗୁଡ଼ିକୁ ବାହାର କରି ତଳ ଶୁଖିଲା ପତ୍ରକୁ କାଢ଼ି ୨ରୁ ୩ଟି ଆଖୁ ଏକାଠି ବାନ୍ଧି ଦିଅନ୍ତୁ।
- ଜୁଲାଇ ମାସ କନ୍ଦମୂଳ, କାଜୁ, ସେବତୀ ଗଛ ଲଗାଇବାର ଉପଯୁକ୍ତ ସମୟ।
- ଗାଈଗୋରୁଙ୍କୁ ଶୁଖିଲା ଓ ସଫା ଗୁହାଳରେ ରଖନ୍ତୁ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ। ଗୋଖାଦ୍ୟକୁ ସୁରକ୍ଷିତ ସ୍ଥାନେ ସାଇତି ରଖନ୍ତୁ। ମୌସୁମୀ ବାୟୁପ୍ରବାହ ହେବା ଆଗରୁ ସେମାନଙ୍କ ଟୀକାକରଣ ସହିତ କୃମି ନ ହେବାର ଔଷଧ ଖୁଆଇବାର ବ୍ୟବସ୍ଥା କରାଯିବା ଉଚିତ।

## କୃଷକ ଉତ୍ପାଦକ ସଂଗଠନ

### ଅର୍ଥନୈତିକ ବିକାଶ ପଥେ

କୃଷିକୁ ବ୍ୟବସାୟରେ ପରିଣତ କରି ଗ୍ରାମର ଅର୍ଥନୀତିକୁ ଏକ ନୂଆ ଦିଗ ଦେବାରେ ଅନନ୍ୟ ଭୂମିକା ତୁଲାଇଛି ଗଜପତି ଜିଲ୍ଲା ଅନ୍ତର୍ଗତ ନୂଆପଡ଼ା ବ୍ଲକ୍‌ର କୃଷକ ଉତ୍ପାଦକ ସଂଗଠନ। ଏହି ବ୍ଲକ୍‌ର ୨୫ଟି ଗାଁ'ର ୫୩୪ ଜଣ ଚାଷୀଙ୍କୁ ନେଇ ୨୦୧୬ରେ (ଓଡ଼ିଶା ଜୀବିକା ମିଶନ) ଦ୍ୱାରା କୃଷକ ଉତ୍ପାଦକ ସଂଗଠନ ଗଠିତ ହୋଇଥିଲା। ସ୍ଥାନୀୟ ଚାଷୀଙ୍କୁ ସଂଘବଦ୍ଧ ଗଠନ ମାଧ୍ୟମରେ ନିଜ ଉତ୍ପାଦ ବିକ୍ରୟ କରିବା, ଉତ୍ପାଦନ ଶୈଳୀରେ ନୂତନ ଜ୍ଞାନକୌଶଳର ପ୍ରୟୋଗ ଏବଂ ବ୍ୟବସାୟରେ ଲାଭ ହାସଲ କରିବା ସଂଗଠନର ମୂଳ ଲକ୍ଷ୍ୟ ଥିଲା। ମୁଖ୍ୟତଃ ମାଣ୍ଡିଆ, ଧାନ (ସୁଗନ୍ଧିତ ଓ ଅଣସୁଗନ୍ଧିତ), ମକା, ତେନ୍ତୁଳି ଏବଂ ମହୁ ଭଳି କୃଷି ଉତ୍ପାଦନ ଦିଗରେ ଅଗ୍ରସର ହୋଇଥିବା ଏହି ସଂଗଠନ ଅନ୍ତର୍ଜାତୀୟ ବଜାର ସହିତ ଯୋଡି ହେବାର ସାମର୍ଥ୍ୟ ହାସଲ କରିପାରିଛି। ଏହି ସଂଗଠନକୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଅନେକ ସାହାଯ୍ୟ ସହଯୋଗ ମିଳିଛି। ଏଫ୍‌ପିଓ ଗଠନ ଏବଂ ସୁଦୃଢ଼ୀକରଣ ପାଇଁ ନାବାର୍ଡ, ମୁଖ୍ୟ ଜିଲ୍ଲା କୃଷି କାର୍ଯ୍ୟାଳୟ (ସିଡ଼ିଏଓ) ଓ ଟିଡ଼ିସିସିଓଏଲ୍ ଭଳି ଏକାଧିକ ସଂସ୍ଥା ପକ୍ଷରୁ ସମର୍ଥନ ସହିତ ଜିଲ୍ଲା ଓ ରାଜ୍ୟସ୍ତରରେ ସର୍ବୋତ୍ତମ ଏଫ୍‌ପିଓ ଭାବେ ମଧ୍ୟ ପୁରସ୍କୃତ ହୋଇସାରିଛି। ଏହି ସଂଗଠନ ଚାଷୀଙ୍କୁ ବଜାର ସହ ଯୋଡ଼ିହେବାକୁ ସୁଯୋଗ ଦେଉଥିବାରୁ ଏଫ୍‌ପିଓ ମାଧ୍ୟମରେ ଚାଷୀମାନେ ଉତ୍ପାଦର ଉଚିତ ମୂଲ୍ୟ ପାଇପାରୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଚାଷୀମାନେ ବି ଲାଭାନ୍ୱିତ ହେଉଛନ୍ତି। ଆରମ୍ଭରୁ ସଂଗଠନ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲା। ଏହାର ସମାଧାନ ସ୍ୱରୂପ ଚାଷୀ, ଶେୟାର ହୋଲଡର ଏବଂ ବିଓଡ଼ି ସଦସ୍ୟଙ୍କୁ ନେଇ ନିୟମିତ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂଗଠନ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କଠାରୁ ସିଧାସଳଖ ମାଣ୍ଡିଆ ଏବଂ ଧାନ ସଂଗ୍ରହ କରାଯାଇଛି। ସଂଗଠନର ପଦକ୍ଷେପ ଚାଷୀ ସଦସ୍ୟ ଏବଂ ସମାଜ ଉପରେ ଏକ ସକରାତ୍ମକ ପ୍ରଭାବ ମଧ୍ୟ ପକାଇଛି। ଫଳରେ ଚାଷୀମାନେ ସାମୂହିକ ଭାବେ ଉତ୍ପାଦଗୁଡ଼ିକକୁ ବିକ୍ରି କରୁଛନ୍ତି। ଏଫ୍‌ପିଓର ସଦସ୍ୟତାକୁ ଗ୍ରହଣ କରିବାକୁ ଚାଷୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଏହି ସଂଗଠନର ମୂଳ ଉଦ୍ଦେଶ୍ୟ। ସାମୂହିକ କୃଷିର ଲାଭ ବିଷୟରେ ସଚେତନ କରିବା, ବଜାର ସଂଯୋଗୀକରଣରକୁ ଶକ୍ତିଶାଳୀ କରିବାର ଲକ୍ଷ୍ୟ ରଖିଛି ଏହି ସଂଗଠନ।



## ନୀଳ ବିପ୍ଳବ

### ମତ୍ସ୍ୟଚାଷ ପାଇଁ ମାଇଲଖୁଣ୍ଟ

**ମତ୍ସ୍ୟ ସମ୍ପଦ ଓଡ଼ିଶାର ଏକ ପ୍ରମୁଖ ଆଧାର। ମାଛ ଚାଷ କରି ଅନେକ ନିଜର ପରିବାର ପ୍ରତିପୋଷଣ କରୁଥିବାବେଳେ ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ଏହା ସ୍ୱାବଲମ୍ବୀ ହେବାର ପଥ ଦେଖାଉଛି। ତେବେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ମତ୍ସ୍ୟଚାଷ ଦୃଶ୍ୟପଟକୁ ପରିବର୍ତ୍ତନ କରିଥିଲେ ବୈଜ୍ଞାନିକ ଡା. ହୀରାଲାଲ ଚୌଧୁରୀ।**



୧୯୫୭ ମସିହା, ଜୁଲାଇ ୧୦ ତାରିଖରେ ଓଡ଼ିଶାରେ ପ୍ରଥମ ଥର ପାଇଁ ବୈଜ୍ଞାନିକ ଡା. ହୀରାଲାଲ ଚୌଧୁରୀ ଏବଂ ତାଙ୍କର ସହକର୍ମୀ ଡା କେ. ଏଚ୍ ଆଲିକୁନି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ର କେନ୍ଦ୍ରୀୟ ଅନ୍ତଃସ୍ଥଳୀୟ ଜଳଜୀବ ପାଳନ ଅନୁସନ୍ଧାନ ସଂସ୍ଥାନ ଅଧୀନରେ ଅନୁଗୁଳଠାରେ ଅବସ୍ଥିତ ଥିବା ମଧୁରଜଳ ମତ୍ସ୍ୟପାଳନ କେନ୍ଦ୍ରରେ ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ଛୋଟ କାର୍ପ ଜାତୀୟ ମାଛ ସିରିନସ ରେବାକୁ "ପ୍ରେରିତ ପ୍ରଜନନ' ପ୍ରକ୍ରିୟାରେ ମତ୍ସ୍ୟ ଯାଆଁଳ ଉତ୍ପାଦନ କରିଥିଲେ। ପରେ ଭାରତୀୟ ମେଜରକାର୍ପ (ଆଇଏମ୍‌ସି), ଅନ୍ୟ ମାଛରେ ଏହି ପ୍ରକ୍ରିୟା କରିବାରେ ବି ସଫଳ ହୋଇଥିଲେ। ତାଙ୍କର ଏହି ଯୁଗାନ୍ତକାରୀ କାର୍ଯ୍ୟକୁ ମନେ ରଖିବା ପାଇଁ ପ୍ରତିବର୍ଷ ଜୁଲାଇ ୧୦ ତାରିଖରେ ଏହି ନୀଳ ବିପ୍ଳବ ନିର୍ମାତାମାନଙ୍କୁ ସମ୍ମାନ ଉଦ୍ଦେଶ୍ୟରେ "ଜାତୀୟ ମତ୍ସ୍ୟ ଚାଷୀ ଦିବସ' ପାଳନ କରାଯାଇଆସୁଛି।

**ମାଛ ଚାଷରେ ବିଜ୍ଞାନର ପ୍ରୟୋଗ:** ଡା. ହୀରାଲାଲ ଚୌଧୁରୀଙ୍କ ଏହି ଅଭୂତପୂର୍ବ ସଫଳତା ପୁରା ମତ୍ସ୍ୟବିଜ୍ଞାନ ଓ ଆଧୁନିକ ଜଳକୃଷିର ପରିସରକୁ ସମୃଦ୍ଧ, ବିକଶିତ ଓ ବିସ୍ତାର କରିଥିଲା। ଫଳରେ ଏବେ ମାଛ ଚାଷୀମାନେ ବିଭିନ୍ନ ଜଳ ଉତ୍ସରେ ମାଛ ଚାଷ ସହିତ ବର୍ଷସାରା ମାଛ ଚାଷ ଉପଯୋଗୀ ମତ୍ସ୍ୟବିହନ ଉପଲବ୍ଧ କରାଇବା ସହ ପରିବର୍ତ୍ତିତ ଜଳବାୟୁ ସହିତ ଖାପଖୁଆଇ ସବୁଜ ଓ ଶ୍ୱେତ ବିପ୍ଳବ ସହିତ ସମନ୍ୱୟ ରଖିପାରୁଛନ୍ତି। ସେହିପରି ବିଭିନ୍ନ ଗବେଷଣା ଅନୁଷ୍ଠାନ ମିଶ୍ରିତ ମତ୍ସ୍ୟପାଳନ, ପ୍ରଯୁକ୍ତି ବିଜ୍ଞାନର ଉପଯୋଗ, ଲକ୍ଷ ଲକ୍ଷ ମାଛଚାଷୀଙ୍କୁ ତାଲିମ ପ୍ରଦାନ କରିବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି।

**ପାରମ୍ପରିକରୁ ଆଧୁନିକ ମାଛ ଚାଷୀ:** ଅଧୁନା ଚାଷୀମାନେ କେବଳ ପାରମ୍ପରିକ ପ୍ରଣାଳୀରେ ମାଛଚାଷ କରୁନାହାଁନ୍ତି, ସେମାନେ ବୈଜ୍ଞାନିକ ଜ୍ଞାନ ବ୍ୟବହାର କରି ଡିଜିଟାଲ ଉପକରଣ, ସଅଳ ଶରୀର ବୃଦ୍ଧି ଏବଂ ରୋଗପ୍ରତିରୋଧକ ଶକ୍ତିଯୁକ୍ତ ପ୍ରଜାତି ଯେପରିକି ଅନୁବଂଶିକ ବିକଶିତ ଜୟନ୍ତୀରୋହି, ଅମୁରକାର୍ପ ଆଦି ମାଛଚାଷ କରୁଛନ୍ତି। ଚାଷ ପାଇଁ ଆଇଓଟି, ଏଆଇ କୌଶଳ ଉପଯୋଗ କରି ପାଣିର ଗୁଣବତ୍ତା, ମାଛର ସ୍ୱାସ୍ଥ୍ୟାବସ୍ଥା, ମାଛ ଖାଦ୍ୟ ପରିଚାଳନା ଆଦି ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇପାରୁଛନ୍ତି। ବାୟୋଫ୍ଲକ୍, ପିଞ୍ଜରାରେ ମାଛଚାଷ, ଆକ୍ୱାପୋନିକ ମାଛ ଚାଷ କରି ସଫଳ ଉଦ୍ୟୋଗୀ ଭାବେ ପ୍ରେରଣାର ଉତ୍ସ ପାଲଟିଛନ୍ତି।

**ଚାଷପାଇଁ ସରକାରୀ ପ୍ରୋତ୍ସାହନ:** ମାଛ ଚାଷୀଙ୍କୁ ସମର୍ଥନ ଜଣାଇବା ଉଦ୍ଦେଶ୍ୟରେ ସରକାର ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ନେଉଛନ୍ତି ଯଥା ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ, ପ୍ରକ୍ରିୟାକରଣ ଏବଂ ରପ୍ତାନୀ ପାଇଁ ୨୦,୦୫୦କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ଏଫ୍‌ଆଇଡିଏଫ୍ ଅଧୀନରେ ଶୀତଳ ଭଣ୍ଡାର ଓ ହ୍ୟାଚେରୀ ନିର୍ମାଣ, ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନା କରିବା, ଚାଷୀଙ୍କ ପାଇଁ କିସାନ କ୍ରେଡିଟ୍ କାର୍ଡ ଓ ମତ୍ସ୍ୟ ସେତୁ ଆପ୍ ଆଦିର ସୁବିଧା ରହିଛି। ଭାରତ ସରକାରଙ୍କ ଦ୍ୱାରା ୨୦୧୯ ରେ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟ ନୂତନ ଭାବରେ ଗଠନ ହେବା ଫଳରେ ଦ୍ୱିତୀୟ ନୀଳ ବିପ୍ଳବର ଅୟମାରମ୍ଭ ହୋଇ ସାରିଛି।

ଡା. ବିମଳ ପ୍ରସନ୍ନ ମହାନ୍ତି
ପୂର୍ବତନ ସହକାରୀ ମହାନିର୍ଦ୍ଦେଶକ
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ

## ଏ ମାସର ଚାଷ

**ବର୍ଷା ଋତୁ ଆସିଲେ ଚାଷୀମାନେ ଧାନ ଚାଷ ସହ ଅନ୍ୟାନ୍ୟ ଚାଷ ପାଇଁ ପ୍ରସ୍ତୁତ ହୋଇଯାଆନ୍ତି। ତେବେ ଜୁଲାଇ ମାସଟି ସବୁଜ ପନିପରିବା ଚାଷ ପାଇଁ ସବୁଠୁ ଉପଯୁକ୍ତ ସମୟ। ଏହି ମାସରେ କେଉଁ କେଉଁ ଫସଲ ଚାଷ କରିପାରିବେ ଜାଣିବା...**

ଜୁଲାଇ ମାସ ଡାଲିଜାତୀୟ ଫସଲ, ରାଶି, ବାଦାମ, ସହିତ ଚାରା ଫସଲ ବୁଣିବା ପାଇଁ ଉପଯୁକ୍ତ ସମୟ।

କଖାରୁ ଜାତୀୟ ପରିବା ଯଥା - ଲାଉ, କଖାରୁ, କଲରା, କାକୁଡ଼ି, ଭେଣ୍ଡି, ପୋଟଳ, ଶିମଳା ଲଙ୍କା, ଟମାଟୋ, ବାଇଗଣ, ପିଆଜ, କଞ୍ଚାଲଙ୍କା ଆଦି ବୁଣାଯାଇ ପାରିବ। ଏଥିମଧ୍ୟରୁ ଅଧିକାଂଶ ଫସଲରେ ମାତ୍ର ୪୫ରୁ ୭୫ ଦିନ ମଧ୍ୟରେ ପ୍ରଥମ ଫଳ ଅମଳଯୋଗ୍ୟ ହୋଇଥାଏ। ଫଳରେ ଚାଷୀମାନେ କମ୍ ସମୟ ମଧ୍ୟରେ ଅଧିକ ଲାଭ ପାଇପାରନ୍ତି। ସେହିପରି ମୁଗ, ବିରି ବୁଣା କାମ ଶେଷ କରିବା ଆବଶ୍ୟକ। ଆଖୁ ଜମିରୁ ଜଳ ନିଷ୍କାସନ କରି ଘାସ ନିୟନ୍ତ୍ରଣ କରିବା ଦ୍ୱାରା ଅଧିକ ଲାଭ ମିଳିଥାଏ। ମାଣ୍ଡିଆ, ଜୁଆର, ବାଜରା, କଦୋ, ସୁଆଁ, କାଙ୍ଗୁ ଆଦି ମିଲେଟ ଫସଲ ଭାବେ ଅନୁମୋଦିତ ବିହନ ଧାଡ଼ିରେ ଲଗାଇବା ଉଚିତ।

## ଏକା ଲଢ଼ିଲେ ଜାଡେଜା, ସାଥ୍ ଦେଲେ ବୁମ୍‌ରା ଓ ସିରାଜ

# ରୋମାଞ୍ଚକ ମୁକାବିଲାରେ ହାରିଲା ଭାରତ

ଲର୍ଡ୍‌ସ,୧୪।୭ (ଏଜେନ୍ସି)



ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଲଢୁଆ, ସାହସିକ ଓ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ବ୍ୟର୍ଥ ହୋଇଛି। ଐତିହାସିକ ଲର୍ଡ୍ସ ବା ତୃତୀୟ ଟେଷ୍ଟରେ ଜାଡେଜା (୧୮୧ ବଲ୍‌ରେ ଅପରାଜିତ ୮୧ରନ୍)ଙ୍କ ବୀରତ୍ୱପୂର୍ଣ୍ଣ ବ୍ୟାଟିଂ ସତ୍ତ୍ୱେ ଏହି ଟେଷ୍ଟକୁ ଇଂଲଣ୍ଡ ୨୨ ରନ୍‌ରେ ଜିତିନେଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ୨୭ ଯାଏ ଖେଳାଯିବ। ଏହି ସିରିଜ୍‌ର ପ୍ରଥମ ଦୁଇଟି ଟେଷ୍ଟରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ।

ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଦତ୍ତ ୧୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନରେ ଭାରତ ୪ ୱିକେଟରେ ୫୮ ରନ୍ କରିଥିଲା। ଆଜି ସକାଳେ ଶ୍ରୀଘ୍ର ୩ଟି ୱିକେଟ ହରାଇବା ପରେ ଦଳ ୮୨ ରନ୍‌ରେ ୭ଟି ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ନୀତୀଶ ରେଡ୍ଡି, ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜଙ୍କ ସହାୟତାରେ ଜାଡେଜା ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ୭୪.୫ ଓଭର ଖେଳି ୧୭୦ ରନ୍ କରିଥିଲା। ଏହା ଫଳରେ ବିଜୟଠାରୁ ଭାରତ ୨୨ ରନ୍ ଦୂରରେ ରହିଯାଇଥିଲା। ଜାଡେଜା ଶେଷ ପର୍ଯ୍ୟନ୍ତ ଆଉଟ ହେବାର କୌଣସି ସୁଯୋଗ ନ ଦେଇ ୬୧ ରନ୍‌ରେ ଅପରାଜିତ ରହିଥିଲେ। ସେ ମୋଟ ୧୮୧ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। କିନ୍ତୁ ୭୬ତମ ଓଭରରେ ସ୍ପିନର ସୋଏବ ବସିରଙ୍କ ଏକ ବଲ୍‌କୁ ଖେଳିଲା ପରେ ତାହା ଯାଇ ବ୍ୟାଟିଂ କରୁଥିବା ମହମ୍ମଦ୍ ସିରାଜ୍‌ଙ୍କ ୱିକେଟ ଭାଙ୍ଗିଦେଇଥିଲା। ଫଳରେ ଜାଡେଜାଙ୍କ ସହ ଭାରତୀୟ ସମର୍ଥକଙ୍କ ହୃଦୟ ଭାଙ୍ଗିଯାଇଥିଲା। ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚରର ୩ଟି ଲେଖାଏଁ, ବ୍ରାଇଡନ କାର୍ସ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଏହି ଟେଷ୍ଟର ପ୍ରଥମ ଇନିଂସରେ ଉଭୟ ଦଳର ସ୍କୋର ବରାବର ହୋଇଥିଲା। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୧୯୨ ରନ୍‌ରେ ଅଲଆଉଟ ହୋଇଥିଲା।

ଆରମ୍ଭରୁ ବିପର୍ଯ୍ୟୟ: ମ୍ୟାଚ୍‌ର ରବିବାର ଚତୁର୍ଥ ଦିନରେ ଭାରତ ଆଗରେ ୧୯୩ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଇଂଲଣ୍ଡ। ଏହି ଲକ୍ଷ୍ୟକୁ ପିଛା କରି ଭାରତ ଦ୍ୱିତୀୟ ଇନିଂସରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଜୟସ୍ୱାଲ, ନାୟାର, ଗିଲ ଓ ଆକାଶଦୀପ୍‌ଙ୍କ ୱିକେଟ ହରାଇ ୧୭.୪ ଓଭରରେ ୫୮ ରନ୍ କରିଥିଲା। ଏହି ସ୍କୋରରୁ ମ୍ୟାଚ୍‌ର ପଞ୍ଚମ ଦିନ ବା ଆଜି ସକାଳେ ବିରାଟ ଆଶା ନେଇ ଖେଳିଥିଲା ଭାରତ। କିନ୍ତୁ ୪ ଓଭର ଖେଳରେ ସବୁକିଛି ଓଲଟପାଲଟ ହୋଇଯାଇଥିଲା। ଆଜିର ତୃତୀୟ ଓଭରରେ ରଷଭ ପନ୍ତ୍ ବୋଲ୍ଡ କରି ଭାରତକୁ ଶକ୍ତ ଧକ୍କା ଦେଇଥିଲେ। କିନ୍ତୁ ୨୪ତମ ଓଭରରେ ଷ୍ଟୋକ୍ସଙ୍କ ବଲ୍‌କୁ ବୁଝି ନ ପାରି ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ ଲୋକେଶ ରାହୁଲ। ସେ ୫୮ ବଲ୍ ଖେଳି କରିଥିଲେ ୩୯ ରନ୍। ତାଙ୍କ ଉପରେ ଭାରତର ସବୁଠୁ ଅଧିକ ଭରସା ରହିଥିଲା। ତାହା ତୁଟିଯିବା ପରେ ଗତ ଦୁଇଟି ମ୍ୟାଚ୍‌ରେ ଭଲ ବ୍ୟାଟିଂ କରିଥିବା ୱାଶିଂଟନ ସୁନ୍ଦର ଖେଳିବାକୁ ଆସିଥିଲେ। ୨୫ତମ ଓଭରରେ ସେ ୪ଟି ବଲ ଖେଳି ଖାତା ଖୋଲିବା ପୂର୍ବରୁ କଟ୍ ଆଣ୍ଡ ବୋଲ୍ଡ ଆଉଟ ହୋଇଯାଇଥିଲେ। ୮୨ ରନ୍‌ରେ ୭ମ ୱିକେଟ ହରାଇବା ପରେ ଭାରତର ଜିତିବା ଆଶା ମଉଳି ଯାଇଥିଲା। ଏହି ସମୟରେ ଆରମ୍ଭ ହୋଇଥିବା ଜାଡେଜାଙ୍କ ମାରାଥନ ପାର୍ଟନରସିପ୍।

### ମାରାଥନ ଇନିଂସରେ ବୁମ୍‌ରା ଭିଲିଆନ୍

ଦଳର ସମସ୍ତ ଟପ୍ ବ୍ୟାଟରଙ୍କ ଆଉଟ ପରେ ଭାରତ ଖୁବ୍ ଶୀଘ୍ର ପରାଜୟ ଆଶଙ୍କାରେ ରହିଥିଲା। ଏହି ସମୟରେ ଜାଡେଜା ୩ଟି ଭଲ ପାର୍ଟନରସିପ୍‌ରେ ଲଢୁଆ ଖେଳି ଇଂଲଣ୍ଡକୁ ଟକ୍କର ଦେଇଥିଲେ। ୮ମ ୱିକେଟରେ ନୀତୀଶ କୁମାର ରେଡ୍ଡି (୫୩ବଲ୍‌ରେ ୧୩ରନ୍)ଙ୍କ ସହ ୯୧ ବଲ୍ ଖେଳି ୩୦ରନ୍, ୯ମ ୱିକେଟ ଯୋଡିରେ ଯଶପ୍ରୀତ ବୁମ୍‌ରା (୫୪ବଲ୍‌ରେ ୫ରନ୍)ଙ୍କ ସହ ୩୫ ରନ୍ ଉଠାଇ ଭାରତୀୟ ସମର୍ଥକଙ୍କ ମନରେ ଆଶା ସଞ୍ଚାର କରିଥିଲେ। ବୁମ୍‌ରାଙ୍କୁ ଯଥାସମ୍ଭବ ସୁରକ୍ଷା ଦେଉଥିବା ଜାଡେଜା ଓଭରର ୪ର୍ଥ କିମ୍ବା ୫ମ ବଲ୍‌ରେ ସିଙ୍ଗଲ ନେଇ ପରବର୍ତ୍ତୀ ଓଭରର ପ୍ରଥମ ବଲ୍‌ର ସାମ୍ନା କରୁଥିଲେ। ଏପରିକି ସେ କ୍ରମାଗତ ୧୧ ଓଭରରେ ପ୍ରଥମ ବଲ୍‌ର ସାମ୍ନା କରିଥିଲେ। କିନ୍ତୁ ଧୈର୍ଯ୍ୟର ସହ ଜାଡେଜାଙ୍କୁ ସହଯୋଗ ଦେଉଥିବା ବୁମ୍‌ରାଙ୍କ ତ୍ରୁଟିପୂର୍ଣ୍ଣ ସଟ ଚୟନ ଭାରତୀୟ ସମର୍ଥକଙ୍କ ମନରେ ଉଦ୍‌ବେଗ ଓ ନିରାଶା ଭରିଦେଇଥିଲା। ଇନିଂସର ୬୨ତମ ଓଭର ବୋଲିଂ କରିଥିବା ଷ୍ଟୋକ୍‌ସଙ୍କ ତୃତୀୟ ବଲ୍‌କୁ ପୁଲ ସଟ୍ ଖେଳିବାକୁ ଯାଇ ମିଡ୍ ଅନ୍ ଅଞ୍ଚଳରେ ବଦଳ ଖେଳାଳି ସାମ୍ କୁକ୍‌ଙ୍କ ହାତରେ ଧରା ପଡ଼ିଥିଲେ। ଏହି ସର୍ଟପିଚ୍ ବଲ୍‌ଟି ଅଣ୍ଟା ଉଚ୍ଚରେ ରହିଥିଲା ଓ ଅଫ୍ ଷ୍ଟମ୍ପ୍‌ର ବହୁତ ବାହାରେ ଯାଉଥିଲା। କିନ୍ତୁ ବୁମ୍‌ରା ପୁଲ ସଟ୍ ମାରିବାକୁ ଯାଇ ଭାରତୀୟ ସମର୍ଥକଙ୍କ ହୃଦୟ ଭାଙ୍ଗିଦେଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୪୬ ରନ୍ ଥିଲାବେଳେ ବୁମ୍‌ରା ଅନାବଶ୍ୟକ ସଟ୍ ଖେଳି ଆଉଟ ହୋଇଥିଲେ।

### ଲଢ଼ିଲେ ମହମ୍ମଦ୍ ସିରାଜ

ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିବା ଅଭିଯୋଗରେ ଦଣ୍ଡିତ ହୋଇଥିବା ମହମ୍ମଦ୍ ସିରାଜ ଆଉଟ ହୋଇଥିବା ବୁମ୍‌ରାଙ୍କ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ। ସମସ୍ତଙ୍କ ଅନୁମାନକୁ ଭୁଲ ପ୍ରମାଣିତ କରି ସେ ବର୍ଦ୍ଧିତ ସମୟର ଚା'ପାନ ବିରତି ସୁଦ୍ଧା ଜାଡେଜାଙ୍କୁ ସହଯୋଗ କରିଥିଲେ। ଏହି ସମୟରେ ଦଳ ୯ ୱିକେଟରେ ୧୬୩ ରନ୍ କରି ବିଜୟଠାରୁ ୩୦ ରନ୍ ଦୂରରେ ରହିଥିଲା। ଜାଡେଜା ଲଢୁଆ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ସବୁଠାରୁ ମନ୍ଥର ଅର୍ଦ୍ଧଶତକ ହୋଇଥିଲାବେଳେ ପାରମ୍ପରିକ ଭାବେ ଖଣ୍ଡାଶୈଳୀରେ ବ୍ୟାଟ ବୁଲାଇ ନ ଥିଲେ। ଏହି ସମୟରେ ସେ ୧୬୨ଟି ବଲ ଖେଳି ୫୬ ରନ୍‌ରେ ଅପରାଜିତ ଥିଲେ। ସିରାଜ ୨୦ ବଲ୍‌ର ସମ୍ମୁଖୀନ ହୋଇ ୨ ରନ୍ କରିଥିଲେ।

#### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭/୧୦, ୧୧୨.୩ ଓଭର (ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୭, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍‌ରା-୫/୭୪, ଜାଡେଜା-୬୨, ରେଡ୍ଡୀ-୨/୮୫)।


ଭାରତ ପ୍ରଥମ ଇନିଂସ : ୩୮୭/୧୦, ୧୧୯.୨ ଓଭର (ରାହୁଲ-୧୦୦, ପନ୍ତ-୭୪, ଜାଡେଜା-୭୨, ନାୟାର-୪୦, ରେଡ୍ଡି-୩୧, ସୁନ୍ଦର-୨୩, ଓକ୍ସ-୩/୮୪, ଷ୍ଟୋକ୍ସ-୨/୬୩, ଆର୍ଚର-୨/୫୨)।

ଇଂଲଣ୍ଡ ଦ୍ୱିତୀୟ ଇନିଂସ : ୧୯୨/୧୦, ୬୨.୧ ଓଭର (ରୁଟ୍- ୪୦, ଷ୍ଟୋକ୍ସ-୩୩, ବ୍ରୁକ୍-୨୩, କ୍ରାଲୀ-୨୨, ସୁନ୍ଦର-୪/୨୨, ସିରାଜ-୨/୩୧, ବୁମ୍‌ରା-୨/୩୮)।

ଭାରତ ଦ୍ୱିତୀୟ ଇନିଂସ : ୧୭୦/୧୦, ୭୪.୫ ଓଭର (ଜାଡେଜା-୬୧*, ରାହୁଲ-୩୯, ଗିଲ୍-୬, ନାୟାର-୧୪, ଜୟସ୍ୱାଲ-୦, ପନ୍ତ-୯, କାର୍ସ-୨/୩୦, ଷ୍ଟୋକ୍ସ-୩/୪୮, ଆର୍ଚର-୩/୫୮)।

## ମହମ୍ମଦ୍ ସିରାଜ ଦଣ୍ଡିତ

ଲର୍ଡ୍ସ,୧୪।୭ (ଏଜେନ୍ସି): ଇଂଲଣ୍ଡ ଓପନର ବେନ୍ ଡକେଟ୍‌ଙ୍କ ଆଉଟ ପରେ ଅଣଖେଳୁଆଡ ବ୍ୟବହାର କରି ଆଇସିସି ଆଚରଣ ସଂହିତ ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଭାରତର ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ଦଣ୍ଡିତ ହୋଇଛନ୍ତି। ଡକେଟ ଆଉଟ ହେବା ପରେ ତାଙ୍କୁ ଛୁଇଁବା ଓ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଆଇସିସି ଆଚରଣ ସଂହିତାର ଧାରା ୨.୫ ଉଲ୍ଲଙ୍ଘନ କରିଥିବାରୁ ସିରାଜଙ୍କ ୧୫ ଶତକଡ଼ା ମ୍ୟାଚ୍ ଫି କାଟିନିଆଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ଦିଆଯାଇଛି ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ମାସ ମଧ୍ୟରେ ସିରାଜ ଯଦି ଏପରି ବେନିୟମ କାମ କରି ୪ଟି ଡିମେରିଟ୍ ପଏଣ୍ଟ ପାଇବେ, ତେବେ ତାଙ୍କୁ ବାସନ୍ଦ ହେବାକୁ ପଡ଼ିପାରେ।



## ସାଇନା-କାଶ୍ୟପଙ୍କ ବିବାହ ବିଚ୍ଛେଦ

### ୨୦୦୪ରୁ ଡେଟିଂ; ୨୦୧୮ ରେ ବିବାହ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଅଲିମ୍ପିକ କାଂସ୍ୟ ପଦକ ବିଜୟିନୀ ତଥା ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହୱାଲ ଓ ତାଙ୍କ ସ୍ୱାମୀ ପାରୁପଲ୍ଲୀ କାଶ୍ୟପଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ୩୫ ବର୍ଷୀୟା ସାଇନା ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ଉଭୟ ଅଲଗା ହୋଇଥିବା ନେଇ ସୂଚନା ଦେଇଛନ୍ତି। 'ଜୀବନ ଆମକୁ କେତେବେଳେ ଭିନ୍ନ ଦିଗରେ ନେଇଥାଏ। ବହୁ ଚିନ୍ତା ଓ ବିଚାର ପରେ କାଶ୍ୟପ ଓ ମୁଁ ଶେଷରେ ଅଲଗା ହେବାକୁ ନିଷ୍ପତ୍ତି ନେଲୁ' ବୋଲି ସାଇନା ଏଥିରେ ଉଲ୍ଲେଖ କରିଛନ୍ତି। କାଶ୍ୟପ କିନ୍ତୁ ଏନେଇ କିଛି କହିନାହାନ୍ତି। ୭ ବର୍ଷର ବିବାହ ବନ୍ଧନ ପରେ ଏହି ଚର୍ଚ୍ଚିତ କ୍ରୀଡ଼ା ଦମ୍ପତି ଶେଷରେ ପରସ୍ପର ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ ସାଇନା ଓ କାଶ୍ୟପ ହାଇଦରାବାଦ୍‌ସ୍ଥିତ ପୁଲେଲା ଗୋପୀଚାନ୍ଦ ଏକାଡେମୀରେ ଦୁଇ ଦଶନ୍ଧି ପୂର୍ବରୁ ଏକାଠି ପ୍ରଶିକ୍ଷଣ ନେଉଥିଲେ। ୨୦୦୪ ସମୟରେ ଉଭୟଙ୍କ ମଧ୍ୟରେ ଡେଟିଂ ଆରମ୍ଭ ହୋଇଥିଲା। ସାଇନା ଓ କାଶ୍ୟପ ଯେତେବେଳେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଖେଳିବାକୁ ଯାଇଥାନ୍ତି ପରସ୍ପରକୁ ସହାୟତା କରିଥାନ୍ତି। ଶେଷରେ ୨୦୧୮ ରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସାଇନା କାଂସ୍ୟ ପଦକ ଜିତି ସ୍ମରଣୀୟ ସଫଳତା ପାଇଥିଲେ। ସେହିଭଳି ସେହି ଅଲିମ୍ପିକ୍ସରେ କାଶ୍ୟପ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲେ। ଦେଶର ପ୍ରଥମ ପୁରୁଷ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ସେ ଅଲିମ୍ପିକ କ୍ୱାର୍ଟର ଫାଇନାଲ ଖେଳିଥିଲେ।



## ଫିଫା କ୍ଲବ୍ ବିଶ୍ୱକପ୍ | ପିଏସ୍‌ଜିକୁ ହରାଇ ଚେଲସୀ ଚାମ୍ପିଅନ

ନ୍ୟୁ ଜର୍ସୀ,୧୪।୭ (ଏଜେନ୍ସି): ଇଂଲଣ୍ଡର ଚେଲସୀ ୨୦୨୫ ଫିଫା କ୍ଲବ୍ ବିଶ୍ୱକପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ରବିବାର ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଚେଲସୀ ୩-୦ ଗୋଲରେ ଫ୍ରାନ୍ସର ପିଏସ୍‌ଜି (ପ୍ୟାରିସ୍ ସେଣ୍ଟ ଜର୍ମେନ)କୁ ପରାସ୍ତ କରି ଏହି ସମ୍ମାନଜନକ ଟାଇଟଲ ଜିତିନେଇଛି। ବିଜୟୀ ଦଳ ପକ୍ଷରୁ କୋଲ ପାମର ୨ଟି ଗୋଲ ଦେଇ ହିରୋ ସାଜିଥିଲେ। ଜୋଆଓ ପେଡ୍ରୋ ଅନ୍ୟ ଗୋଲଟି ଦେଇଥିଲେ। କୋଲ୍‌ଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଚେଲସୀ ବିଜୟ ଉତ୍ସବରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଫିଫା ସଭାପତି ଗିଆନି ଇନ୍‌ଫାଣ୍ଟିନୋ ଅତିଥିଭାବେ ଯୋଗଦେଇଥିଲେ। ପୁରସ୍କାର ପ୍ରଦାନ ପରେ ମଧ୍ୟ ଟ୍ରମ୍ପ ଉତ୍ସବରେ ଉପସ୍ଥିତ ଥିଲେ। ଇନ୍‌ଫାଣ୍ଟିନୋଙ୍କ ବାରମ୍ବାର ବାରଣ ସତ୍ତ୍ୱେ ଟ୍ରମ୍ପ ଉତ୍ସବସ୍ଥଳ ଛାଡି ନ ଥିଲେ। ଚେଲସୀର ଏହା ଦ୍ୱିତୀୟ ବିଶ୍ୱକପ୍ ଟାଇଟଲ। ପୂର୍ବରୁ ୨୦୨୧ରେ ଦଳ ଚାମ୍ପିଅନ ହୋଇଥିଲା। ଫାଇନାଲରେ ପିଏସ୍‌ଜିକୁ ଫେବରାଇଟ ବିବେଚିତ କରାଯାଉଥିଲେ ମଧ୍ୟ ଦଳ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ପାରି ନଥିଲା।



## ମେଜର ଲିଗ୍ କ୍ରିକେଟ | ଏମ୍‌ଆଇ ନ୍ୟୁୟର୍କ ଚାମ୍ପିଅନ

ଡଲାସ,୧୪।୭ (ଏଜେନ୍ସି): ଏମ୍‌ଆଇ ନ୍ୟୁୟର୍କ ଆମେରିକାର ମେଜର ଲିଗ୍ କ୍ରିକେଟ (ଏମଏଲସି) ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ରବିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁୟର୍କ ୫ ରନ୍‌ରେ ୱାଶିଂଟନ ଫ୍ରିଡମକୁ ପରାସ୍ତକରି ଏମ୍‌ଏଲ୍‌ସି ଇତିହାସର ତୃତୀୟ ସଂସ୍କରଣରୁ ଦ୍ୱିତୀୟ ଥର ଟାଇଟଲ କବ୍‌ଜା କରିଛି। ଏମ୍‌ଆଇ ଫ୍ରାଞ୍ଚାଇଜ୍‌ର ଚଳିତବର୍ଷ ଏହା ତୃତୀୟ ଟାଇଟଲ। ପୂର୍ବରୁ ଏମ୍‌ଆଇ କେପ୍‌ଟାଉନ୍ ସାଉଥ୍‌ଆଫ୍ରିକାରେ ଅନୁଷ୍ଠିତ ଏସ୍‌ଏଟି୨୦ ଓ ଭାରତରେ ଏମ୍‌ଆଇ ମହିଳା ପ୍ରିମିୟର ଲିଗ୍ ଟାଇଟଲ ଜିତିଥିଲା। ଏମ୍‌ଆଇ ବ୍ୟାନରରେ ଏହା ୧୩ତମ ଟାଇଟଲ। ରବିବାର ଗ୍ରାଣ୍ଡ ପ୍ରାଇରୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ କ୍ୱିଣ୍ଟନ ଡି କକ୍‌ଙ୍କ ୪୬ ବଲ୍‌ରେ ୭୭ ରନ୍ କରିବା ନ୍ୟୁୟର୍କ ପ୍ରଥମେ ବ୍ୟାଟିଂ କରି ୭ ୱିକେଟରେ ୧୮୦ ରନ୍ କରିଥିଲା। ଜବାବରେ ଇଣ୍ଡୋ-ଆମେରିକୀୟ ଯୁବ ଖେଳାଳି ରୁଶିଲ ଉଗରକର ଓ ଟ୍ରେଣ୍ଟ ବୋଲ୍ଟ ୨ଟି ଲେଖାଏଁ ୱିକେଟ ନେବା ଫଳରେ ୱାଶିଂଟନ ଫ୍ରିଡମ୍ ୫ ୱିକେଟରେ ୧୭୫ ରନ୍ କରିବାରେ ସମର୍ଥ ହୋଇଥିଲା। ଦଳର ରାଚିନ ରବୀନ୍ଦ୍ରଙ୍କ ୭୦ ଓ ଗ୍ଲେନ୍ ଫିଲିପ୍ସଙ୍କ ଅପରାଜିତ ୪୮ ରନ କିଛି କାମ ଦେଇ ନ ଥିଲା।



## ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ୨୦ରୁ

ଭୁବନେଶ୍ୱର,୧୪।୭ (ସମିସ): ଓଡ଼ିଶାର ପ୍ରମୁଖ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍ ଚେସ ସେଣ୍ଟର ଓ ଡି ୱେଷ୍ଟରବିୱେର୍ବର ମିଳିତ ସହଯୋଗରେ ଚଳିତମାସ ଜୁଲାଇ ୨୦ ତାରିଖ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। କଟକ ତ୍ରିଶୁଳିଆସ୍ଥିତ ସେରେମୋନିୟମ ମଣ୍ଡପ ପରିସରରେ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୋଟ ୨୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଚାମ୍ପିଅନ ଖେଳାଳି ୫,୦୦୦ ଟଙ୍କା ସହ ଟ୍ରଫି ପାଇବେ। ମୋଟ ୧୫ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ଏସ୍‌ଆର ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ସଭାପତି ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି। ଏଥିରେ ଭାଗନେବାକୁ ଇଚ୍ଛୁକ ଖେଳାଳିମାନେ ଡି ୱେଷ୍ଟରବିୱେର୍ବର ପ୍ରତିଷ୍ଠାତା ଆଇଫିୟା ଖାନ୍ (ମୋ-୯୬୯୨୦-୨୩୧୯୮) କିମ୍ବା ଚେୟାରମ୍ୟାନ୍ ନବୀନ କୁମାର ବର୍ମାଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଜାତୀୟ ସବ୍‌ଜୁନିଅର ବାଳିକା ହକିରେ ଓଡ଼ିଶାକୁ ରୌପ୍ୟ

ଭୁବନେଶ୍ୱର, ୧୪।୭ (ସମିସ): ରାଞ୍ଚିରେ ଶେଷ ହୋଇଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକିର ୧୫ତମ ସଂସ୍କରଣରେ ଓଡ଼ିଶା ରନର୍ସଅପ୍ ହୋଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଘରୋଇ ଝାଡ଼ଖଣ୍ଡ ୧-୦ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରି ଚାମ୍ପିଅନ ହେବା ସହ ସ୍ୱର୍ଣ୍ଣପଦକ ଜିତିନେଇଛି। ଏହି କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ତଥା ୨୭ତମ ମିନିଟ୍‌ରେ ଝାଡ଼ଖଣ୍ଡର ଜିର୍ନି ସୋୟ ମୁଣ୍ଡା ବିଜୟସୂଚକ ଏକମାତ୍ର ଗୋଲ୍‌ଟି ଦେଇଥିଲେ। ବଳକା ଦୁଇ କ୍ୱାର୍ଟରର ୩୦ ମିନିଟ୍‌ରେ ଓଡ଼ିଶା ମ୍ୟାଚକୁ ଫେରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଫଳରେ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଅପରପକ୍ଷରେ ହରିୟାଣା ସୁଟ୍‌ଆଉଟ୍‌ରେ ୫-୪ (୩-୩) ଗୋଲ୍‌ରେ ମିଜୋରାମକୁ ହରାଇ କାଂସ୍ୟ ପଦକ ଜିତିଛି। ସଞ୍ଜନା କିରୋଙ୍କ ନେତୃତ୍ୱାଧୀନ ଓଡ଼ିଶା ପୂର୍ବରୁ ସେମିଫାଇନାଲରେ ୧-୦ ଗୋଲ୍‌ରେ ହରିୟାଣାକୁ ଓ କ୍ୱାର୍ଟରରେ ୫-୦ ଗୋଲ୍‌ରେ ବିହାକୁ ହରାଇଥିଲା।




## ବର୍ଷକରେ ୧୪ ପଦକ ଜିତିଛି ଏଏମ୍‌ଏନ୍‌ଏସ୍ ଖୋ ଖୋ ଏଚ୍‌ପିସି

ଭୁବନେଶ୍ୱର, ୧୪।୭ (ସମିସ): ଓଡ଼ିଶା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇପର୍‌ଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ପ୍ରଥମ ବର୍ଷ ପୂର୍ତ୍ତି ପାଳନ ଉତ୍ସବ ପୁରୀ ତାଳବଣିଆସ୍ଥିତ ଜିଲ୍ଲା କ୍ରୀଡ଼ା କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବର୍ଷରେ ଏହି ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ଉତ୍କର୍ଷତାର ଏକ ମଡେଲ କେନ୍ଦ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛି। ବର୍ଷକ ମଧ୍ୟରେ ଏହି କେନ୍ଦ୍ର ଜାତୀୟ ଓ ଅର୍ନ୍ତଜାତୀୟସ୍ତରରେ ଉଲ୍ଲେଖନୀୟ ସଫଳତା ପାଇ ୧୪ ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ କାଂସ୍ୟ ପଦକ ରହିଛି। ଏଠାରେ ପ୍ରଶିକ୍ଷଣ ନେଉଥିବା ୫୦ ଜଣ ଖୋ ଖୋ ଖେଳାଳିଙ୍କ ମଧ୍ୟରୁ ୪୨ଜଣ ବିଭିନ୍ନ ରାଜ୍ୟ ଓ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ଯାହା ବର୍ଷକ ମଧ୍ୟରେ ଯେକୌଣସି ଏଚ୍‌ପିସି ଲାଗି ଏକ ବିରଳ ସଫଳତା। ସବୁଠୁ ଉଲ୍ଲେଖନୀୟ ସଫଳତା ମଧ୍ୟରେ ରହିଛି ପ୍ରଥମ ଖୋ ଖୋ ବିଶ୍ୱକପ୍। ଭାରତରେ ଅନୁଷ୍ଠିତ ଏହି ମେଗା ଇଭେଣ୍ଟରେ ଏଚ୍‌ପିସିର ମଗାଇ ମାଝୀ, ଶୁଭଶ୍ରୀ ସିଂ ଓ ପବନୀ ଶବର ସ୍ୱର୍ଣ୍ଣ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଦଳର ସଦସ୍ୟ ରହିଥିଲେ। ସଞ୍ଜୀବ ଶର୍ମା ବର୍ତ୍ତମାନ ଏହି ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି। ଏହି ଉତ୍ସବରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ବିକାଶ ଯାଦବେନ୍ଦୁ, କ୍ରୀଡ଼ା ବିଭାଗର ଡେପୁଟୀ ସେକ୍ରେଟାରୀ ପଦ୍ମଚରଣ ସାହୁ, ନେଲସନ ଲାକ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ।




## ୱିମ୍ବଲଡନ ୨୦୨୫ | ସିନ୍ନର, ସ୍ୱିଆଟେକଙ୍କୁ ୩୫ କୋଟି ପୁରସ୍କାର

ଲଣ୍ଡନ, ୧୪।୭ (ଏଜେନ୍ସି)

ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର ୧୩୮ ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥର ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ନୂଆ ବିଜେତା ଦେଖିବାକୁ ମିଳିଥିଲା। ପୁରୁଷ ବିଭାଗରେ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ୪-୬, ୬-୪, ୬-୪, ୬-୪ ସେଟ୍‌ରେ ଦୁଇଥରର ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜଙ୍କୁ ହରାଇ ଟାଇଟଲ୍ ଜିତିଥିଲେ। ଇଟାଲୀର ପ୍ରଥମ ଖେଳାଳି ଭାବେ ସିଙ୍ଗଲ୍ସରେ ଚାମ୍ପିଅନ ହୋଇଥିଲେ। ସେହିଭଳି ୨୨ ବର୍ଷୀୟ ଆଲ୍‌କାରାଜ ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପରାସ୍ତ ହୋଇଥିଲେ। ଅପରପକ୍ଷରେ ମହିଳା ବିଭାଗରେ ପୋଲାଣ୍ଡର ଇଗା ସ୍ୱିଆଟେକ ଫାଇନାଲରେ ୬-୦, ୬-୦ ସିଧାସଳଖ ସେଟ୍‌ରେ ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ହରାଇ ଚାମ୍ପିଅନ ହୋଇଥିଲେ। ଏହି ସମ୍ମାନଜନକ ଟ୍ରଫି ଜିତିବା ସହ ସିନ୍ନର ଓ ସ୍ୱିଆଟେକ ପୁରସ୍କାର ବାବଦକୁ ୩୫ କୋଟି ଟଙ୍କା ପାଇଛନ୍ତି। ସେହିଭଳି ରନର୍ସଅପ୍ ହୋଇଥିବା ଆଲ୍‌କାରାଜ ଓ ଆମଣ୍ଡା ୧୭ କୋଟି ୭୨ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଜିତିଛନ୍ତି। ଏଥର ୱିମ୍ବଲଡନରେ ୪୬୦ କୋଟି ୨୬ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। ଗତବର୍ଷ ତୁଳନାରେ ଏଥର ମୋଟ୍ ପୁରସ୍କାର ରାଶିରେ ୮ ପ୍ରତିଶତ ବୃଦ୍ଧି ଘଟିଥିଲା।



### ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଦବ୍‌ଦବା

ୱିମ୍ବଲଡନ ପୁରୁଷ ବିଭାଗରେ ଚାମ୍ପିଅନ ଓ ରନର୍ସଅପ୍ ହୋଇଥିବା ସିନ୍ନର ଓ ଆଲ୍‌କାରାଜ ସଦ୍ୟପ୍ରକାଶିତ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ଯଥାକ୍ରମେ ଶୀର୍ଷ ଦୁଇ ସ୍ଥାନରେ ରହିଛନ୍ତି। ୧୨,୦୩୦ ପଏଣ୍ଟ ସହ ସିନ୍ନର ଶୀର୍ଷରେ ଓ ଆଲ୍‌କାରାଜ୍ ୮୬୦୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱର ୫ମ ଖେଳାଳି ଭାବେ ସିନ୍ନର ୧୨ ହଜାର ପଏଣ୍ଟ ଅତିକ୍ରମ କରିଛନ୍ତି। ପୂର୍ବରୁ ରୋଜର ଫେଡରର, ରାଫେଲ ନାଡାଲ, ନୋଭାକ ଜୋକୋଭିଚ୍ ଓ ଆଣ୍ଡି ମୁରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ଅପରପକ୍ଷରେ ମହିଳା ବିଭାଗ ତଥା ଡବ୍ଲ୍ୟୁଟିଏ ମାନ୍ୟତାରେ ୪ର୍ଥରୁ ୩ୟ ସ୍ଥାନକୁ ଉଠିଛନ୍ତି। ସେହିଭଳି ରନର୍ସଅପ୍ ଆନିସିମୋଭା ୫ଟି ପାହାଚ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୭ମ ସ୍ଥାନ ଲାଭ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS